R.N.I. REGN. No. 65000/96 POSTAL REGN. No. OR/BN-32/12-14
ତ୍ରିଂଶତମ ବର୍ଷ
ସଂଖ୍ୟା : ୨୩୬
ତିଥି : ପ୍ରତିପଦ
୦୧ ଜୁନ୍ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 236
01 June 2026, Monday
Bhubaneswa
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ବେଙ୍ଗାଲୁରୁ ଚାମ୍ପିଅନ

## କୋହଲି ଦେଲେ ବିରାଟ ବିଜୟ



ଅହମ୍ମଦାବାଦ,୩୧।୫(ଏଜେନ୍ସି) : ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଆଇପିଏଲ ମହାସମରରେ ପୂର୍ଣ୍ଣଚ୍ଛେଦ ପଡିଛି। ଗତ ମାର୍ଚ୍ଚ ୨୮ ରୁ ଆଇପିଏଲର ୧୯ତମ ସଂସ୍କରଣ ବିଗୁଲ ବାଜିଥିଲା। ୧୦ ଟି ଦଳକୁ ନେଇ ୧୩ ଭେନ୍ୟୁରେ ହଟଚମଟ ଦେଖିଥିଲେ ଦର୍ଶକ। ୭୪ ଟି ମ୍ୟାଚରେ ଅନେକ ଉତ୍ଥାନ ପତନ ଦେଖିଛି ଆଇପିଏଲ। ଏସବୁ ଭିତରେ ଗତ ସଂସ୍କରଣର ବିଜେତା ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଉ ଏକ ଟ୍ରଫି ତୋଳି ଧରିବାକୁ ସଫଳ ହୋଇଛି। ବାଦବିବାଦ ଭିତରେ ବେଙ୍ଗାଲୁରୁରୁ ଫାଇନାଲ ମ୍ୟାଚ ଅହମ୍ମଦାବାଦକୁ ଆସିଥିଲା। କିନ୍ତୁ ଆରସିବିର ବିଜୟ ରଥ ଅଟକିନଥିଲା। ନରେନ୍ଦ୍ରମୋଦୀ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ବେଙ୍ଗାଲୁରୁର ବିରାଟ ବିଜୟକୁ ସାରା ବିଶ୍ୱ ଦେଖିଛି । ଦଳର ଏହି ବିଜୟ ଅଭିଯାନରେ ସାରଥି ସାଜିଥିଲେ ବିରାଟ କୋହଲି। ସେ ୪୨ ବଲରୁ ୭୫ ରନର ଅପରାଜିତ ଇନିଂସ ଖେଳି ଆଇପିଏଲରେ ଆରସିବିର ଦଖଲକୁ ପ୍ରମାଣିତ କରିଛନ୍ତି। ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୮ ଓଭରରେ ୫ ୱିକେଟ ହରାଇ ୧୬୧ ରନ କରି ଲକ୍ଷ୍ୟ ହାସଲ କରି ନେଇଥିଲା।

ଏହି ବିଜୟ ସହ ବେଙ୍ଗାଲୁରୁ ଦ୍ୱିତୀୟ ଥର (୯ ପୃଷ୍ଠାରେ)

## ୩ରେ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର,୩୧।୫,(ସବ୍ୟୁ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ରହିଛି। ଆଣ୍ଡାମାନ ଓ ନିକୋବର ଦୀପପୁଞ୍ଜ ମୌସୁମୀ ଛୁଇଁ ସାରିଥିବା ବେଳେ ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଆରବସାଗର, ଲାକ୍ଷ୍ୟଦୀପ ପୁଞ୍ଜର କେତେକ ଅଞ୍ଚଳକୁ ମୌସୁମୀ ପ୍ରବେଶ କରିବ। ତେବେ

- ମୌସୁମୀ ଅଗ୍ରସର ଲାଗି ପାଗ ସୁହାଉଛି
- ୩ରୁ ୪ ଦିନ ଯାଏଁ କେରଳରେ ବର୍ଷା ଚେତାବନୀ
- ଓଡ଼ିଶାରେ କାଳବୈଶାଖୀ ଯୋଗୁ ତାତି କମିଲା
- ଆର୍ଦ୍ରତା ଯୋଗୁ ଗରମ ସହ ଗୁଳିଗୁଳି

କେରଳ ଓ ତାମିଲନାଡୁର କିଛି ଅଂଶକୁ ଆସନ୍ତା ୩ରୁ ୪ ଦିନ ଭିତରେ ଅର୍ଥାତ୍ ୩ରୁ ୪ ତାରିଖ ମଧ୍ୟରେ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ଅଛି। ଏଭଳି ଆକଳନ କରିଛି ପାଣିପାଗ ବିଭାଗ।

ପାଣିପାଗ ବିଜ୍ଞାନୀ ଉମା ଶଙ୍କର ଦାଶ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ଆଗାମୀ ୫ ଦିନ ଯାଏଁ କେରଳରେ ଭାରି ବର୍ଷା ସମ୍ଭାବନା ଅଛି। ୩ ତାରିଖରୁ ପ୍ରବଳ ବର୍ଷା ଆରମ୍ଭ ହୋଇପାରେ। ଏହାସହ କେରଳକୁ ୩ ତାରିଖରୁ ୪ ତାରିଖ ଭିତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବାକୁ ପାଗ ସୁହାଇବ। ସାଧାରଣତଃ କେରଳରେ ୧ ତାରିଖରେ ମୌସୁମୀ ଛୁଇଁଥାଏ। ତେବେ ଏହାର ୭ ଦିନ ଆଗରୁ କିମ୍ବା ୭ ଦିନ ପରେ ମୌସୁମୀ ବାୟୁ ଛୁଇଁବାର ଅର୍ଥ ହେଉଛି ଏହା ସ୍ୱାଭାବିକ। କେରଳ ଛୁଇଁବାର ୧୦ ଦିନ ପରେ ଅର୍ଥାତ୍ ୧୦ ତାରିଖରେ ଓଡ଼ିଶା ଛୁଇଁଥାଏ ମୌସୁମୀ। ତେବେ ଏହାର ୭ ଦିନ ଆଗ କିମ୍ବା ପରେ ଛୁଇଁଲେ ଏହାକୁ ସ୍ୱାଭାବିକ ବୋଲି ଧରାଯାଏ। ଓଡ଼ିଶାରେ ୧୦ରୁ ୧୫ ତାରିଖ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଛୁଇଁପାରେ ବୋଲି ପୂର୍ବାନୁମାନ କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରୁ ଦକ୍ଷିଣ ଛତିଶଗଡ଼, ଦକ୍ଷିଣ ଓଡ଼ିଶା, ଉତ୍ତର ଉପକୂଳ (୯ ପୃଷ୍ଠାରେ)

## ଦୁଇ ଦିନିଆ କୁଳପତି ସମ୍ମିଳନୀ ଆରମ୍ଭ

# ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଗଠନ ଲାଗି ରାଜ୍ୟପାଳଙ୍କ ଆହ୍ୱାନ

➩ ଶିକ୍ଷା ଏକ ପ୍ରଗତିଶୀଳ, ସମୃଦ୍ଧ ସମାଜର ମୂଳଦୁଆ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୫,(ସବ୍ୟୁ): ବିଶ୍ୱବିଦ୍ୟାଳୟଗୁଡ଼ିକୁ ସାମାଜିକ ଦାୟିତ୍ୱବାନ, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ହେବ। ଏଥିସହ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଏକ ଆତ୍ମନିର୍ଭର ଭାରତ ଗଠନ ଓ ଭବିଷ୍ୟତର ଆହ୍ୱାନ ପାଇଁ ରାଜ୍ୟକୁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ। ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ରାଜ୍ୟପାଳ ଡ଼. ହରି ବାବୁ (୯ ପୃଷ୍ଠାରେ)

## ମିଆଁମାରରେ ଭୟଙ୍କର ବିସ୍ଫୋରଣ: ୫୫ରୁ ଅଧିକ ମୃତ



ନାଏପିଡ,୩୧।୫: ରବିବାର ମଧ୍ୟାହ୍ନରେ ଉତ୍ତର-ପୂର୍ବ ମିଆଁମାରରେ ଏକ କୋଠାରେ ଭୟଙ୍କର ବିସ୍ଫୋରଣ ଘଟି ୫୫ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ଓ ପ୍ରାୟ ୭୦ ଜଣ ଆହତ ହୋଇଛନ୍ତି। ଚୀନ୍ ସୀମାଠାରୁ ପ୍ରାୟ ୩ କିଲୋମିଟର ଦକ୍ଷିଣରେ ଥିବା ନାମ୍ଖକାମ୍ ଟାଉନସିପ୍‌ର କୌଙ୍ଗଟୁପ୍ ଗାଁରେ ମଧ୍ୟାହ୍ନ ସମୟରେ ଏହି ବିସ୍ଫୋରଣ ଘଟିଥିଲା। ଏହି ଅଞ୍ଚଳଟି ମ୍ୟାଁମାରର ସାମରିକ ନେତୃତ୍ୱାଧୀନ ସରକାରଙ୍କ ସହିତ ଲଢୁଥିବା ଏକ ସଶସ୍ତ୍ର ଗୋଷ୍ଠୀ ତାଆଙ୍ଗ ନ୍ୟାସନାଲ୍ ଲିବରେସନ୍ ଆର୍ମି (ଟିଏନ୍ଏଲ୍ଏ) ନିୟନ୍ତ୍ରଣରେ ରହିଛି। ବିସ୍ଫୋରଣର କାରଣ ତୁରନ୍ତ ଜଣାପଡିନାହିଁ। ତଥାପି ବିସ୍ଫୋରଣ ଘଟିଥିବା କୋଠାରେ ଖଣି କାର୍ଯ୍ୟ ପାଇଁ ବ୍ୟବହୃତ ବିସ୍ଫୋରକ ଗଚ୍ଛିତ ଥିବା ରିପୋର୍ଟ ହୋଇଛି। ରବିବାର ସନ୍ଧ୍ୟାରେ ବିସ୍ଫୋରଣ ସ୍ଥଳରୁ ୬ ଜଣ ଶିଶୁଙ୍କ ସମେତ ୪୬ଟି ମୃତଦେହ ଉଦ୍ଧାର କରି ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିବା ଜଣେ ଉଦ୍ଧାରକାରୀ 'ଏପି'କୁ ସୂଚନା ଦେଇଛନ୍ତି।

ଉଦ୍ଧାରକାର୍ଯ୍ୟ ଜାରି ରହିଥିବାବେଳେ ଆହତ ୭୪ ଜଣଙ୍କୁ ଟାଉନସିପ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ଯୋଗୁ ୧୦୦ରୁ ଅଧିକ ଘର ନଷ୍ଟ ହୋଇଯାଇଥିବା କୁହାଯାଇଛି।

## ସାପ ସହ ସଂଘର୍ଷ ପରେ ବଞ୍ଚି ଗଲେ ପକ୍ଷାଘାତ ରୋଗୀ



ବୌଦ୍ଧ,୩୧।୫,(ସବ୍ୟୁ): ସର୍ପ ବନ୍ଧନରେ ପ୍ରାୟ ଦୁଇ ଘଣ୍ଟା ବାନ୍ଧି ହୋଇରହିବା ପରେ ମୁକୁଳିଛନ୍ତି କୃଷ୍ଣ! ସର୍ପ ବନ୍ଧନ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ବାସ୍ତବରେ କେବେ ଦେଖି ନଥିବେ।

ଘଟଣାରୁ ପ୍ରକାଶ ଯେ, ଦୀର୍ଘ ଦୁଇ ଘଣ୍ଟା ଧରି ବିଷଧର ସର୍ପ ବନ୍ଧନରେ ରହିଲେ କୃଷ୍ଣ। ଚେୟାର ସହ ବନ୍ଧା ହୋଇ ରହିଥିଲେ ଜଣେ ବୃଦ୍ଧ। ଆଉ ନିଜ ଜୀବନ ବଞ୍ଚାଇବା ପାଇଁ ଦୀର୍ଘ ୨ ଘଣ୍ଟା କାଳ ଚାଲିଥିଲା ଜୀବନ-ମରଣର ସଂଘର୍ଷ। ଏଭଳି ଏକ ବିପଦପୂର୍ଣ୍ଣ ତଥା ଆଶ୍ଚର୍ଯ୍ୟଜନକ ଦୃଶ୍ୟ ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ଗାଁରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ଆଡେଣିଗଡ଼ ଗାଁର କୃଷ୍ଣ ଚନ୍ଦ୍ର ସାହୁ ଜଣେ ପକ୍ଷାଘାତ ରୋଗୀ। ଗତକାଲି ବିଳମ୍ବିତ ରାତିରେ ସେ ଘରେ ଶୋଇଥିବା ବେଳେ ଘରର ଝରକା ଖୋଲା ଥିଲା। ଏହି ସମୟରେ ଝରକା ଦେଇ ଏକ ବିଷଧର ସାପ ଘର ଭିତରକୁ ପଶି ଆସିଥିଲା ଏବଂ ଶୋଇଥିବା କୃଷ୍ଣଙ୍କ ଶରୀର ଉପରକୁ ଚଢ଼ି ଯାଇଥିଲା। କୃଷ୍ଣ ଯେତେବେଳେ ଏହା ଜାଣିବାକୁ ପାଇଲେ, ସେତେବେଳେ ସେ ହଠାତ୍ ଉଠି ପାରିନଥିଲେ କି କାହାକୁ ଡାକି ପାରିନଥିଲେ। କାରଣ ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅଚଳ ରହିଛି। କିଛି ସମୟ ପରେ କୃଷ୍ଣ ଉଠିବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ସେତେବେଳକୁ ସାପଟି କୃଷ୍ଣଙ୍କ ହାତକୁ ଏକ ଚେୟାର ସହ ଜୋରରେ ଗୁଡ଼ାଇ ବାନ୍ଧି ସାରିଥିଲା। ପରେ କୃଷ୍ଣଙ୍କ (୯ ପୃଷ୍ଠାରେ)






## ହିମାଚଳରେ ଗଭୀର ଖାଇକୁ ଖସିଲା ପର୍ଯ୍ୟଟକ ଗାଡ଼ି, ୮ ମୃତ

ଶିମଲା,୩୧।୫: ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାରେ ଏକ ପର୍ଯ୍ୟଟକ ଗାଡ଼ି ନିୟନ୍ତ୍ରଣ ହରାଇ ପ୍ରାୟ ୫୦୦ ମିଟର ଗଭୀର ଖାଇକୁ ଖସିପଡ଼ିବା ଫଳରେ ୮ ଜଣ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଜଣେ ଏବେବି ନିଖୋଜ ଅଛନ୍ତି। ଜିଲ୍ଲାର ଚୁରାହ ସବ୍-ଡିଭିଜନ ଅନ୍ତର୍ଗତ ବୈରାଗଡ଼-ସାଚ୍ ପାସ୍-କିଲାର ବରଫାବୃତ ଅଞ୍ଚଳ ରାସ୍ତାରେ ଗାଡ଼ିଟି ପର୍ଯ୍ୟଟକମାନଙ୍କୁ ନେଇ ଯାତ୍ରା କରୁଥିବା ସମୟରେ ଅକସ୍ମାତ ନିୟନ୍ତ୍ରଣ ହରାଇ ଗଭୀର ଗଣ୍ଡ ମଧ୍ୟକୁ ଖସିପଡ଼ିଥିଲା।

ସରକାରୀ ସୂତ୍ର ଅନୁଯାୟୀ, ଗାଡ଼ି ଚାଳକ ଓ ଦୁଇଜଣ ଶିଶୁଙ୍କୁ ମିଶାଇ ଗାଡ଼ିରେ ମୋଟ ୯ ଜଣ ଯାତ୍ରୀ ଥିଲେ। ସୂଚନା ଅନୁଯାୟୀ, ଶନିବାର ଦିନ ସ୍ଥାନୀୟ ବାସିନ୍ଦାଙ୍କଠାରୁ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ଓ ଜିଲ୍ଲା ପ୍ରଶାସନିକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପାହାଡ଼ର (୯ ପୃଷ୍ଠାରେ)

5001/5/2627

ଓଡ଼ିଶା ସରକାର
ଅର୍ଥ ବିଭାଗ

**ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ମୂଳ ଜମା ରସିଦର ଆବଶ୍ୟକତା ନାହିଁ**

ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, ପୂର୍ବରୁ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀଙ୍କ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା) ଟଙ୍କା ଫେରସ୍ତ ପ୍ରକ୍ରିୟାର ଶେଷ ତାରିଖ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା । ତେବେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ବହୁ କ୍ଷୁଦ୍ର ଜମାକାରୀ ଏପର୍ଯ୍ୟନ୍ତ ସେମାନଙ୍କ ଜମାରାଶି ଫେରି ପାଇନାହାନ୍ତି । ଏହା ପରିଦୃଷ୍ଟ ହେଉଛି ଯେ, ବହୁ ଜମାକାରୀଙ୍କ ପାଖରେ ସେମାନଙ୍କର ମୂଳ ଜମା ରସିଦଟି ଉପଲବ୍ଧ ନାହିଁ । ଏଣୁ, ଓଡ଼ିଶା ସରକାର ତଦନ୍ତ କମିଶନଙ୍କ ସୁପାରିଶ କରିଥିବା ସମସ୍ତ କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପ୍ରକ୍ରିୟାରେ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ସମସ୍ତ କ୍ଷୁଦ୍ର ଜମାକାରୀ କେବଳ ସେମାନଙ୍କର ପରିଚୟ ପତ୍ର ପ୍ରଦାନକରି ସେମାନଙ୍କ ଟଙ୍କା ଫେରସ୍ତ ପାଇପାରିବେ । ଏଥିପାଇଁ ମୂଳ ଜମା ରସିଦର ଦାଖଲ କରିବାର ଆବଶ୍ୟକତା ନାହିଁ ।

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ ?**

ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)

**(ଖ) ମାନ୍ୟବର ତଦନ୍ତ କମିଶନ ରିପୋର୍ଟର କ୍ଷୁଦ୍ର ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ ?**

ନିଜ ଜିଲ୍ଲାର ସରକାରୀ **website**ରେ ଫେରସ୍ତ ପାଇ ନଥିବା ଜମାକାରୀ ମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି । ଏତଦ୍ ବ୍ୟତୀତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କର ନାମ / **Affidavit** ନମ୍ବର **www.opid.odisha.gov.in** ରେ ଦେଇ, ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣି ପାରିବେ ।

**(ଗ) ଟଙ୍କା ଫେରସ୍ତ ପାଇଁ ମାନ୍ୟବର ତଦନ୍ତ କମିଶନ ରିପୋର୍ଟର କ୍ଷୁଦ୍ର ଜମାକାରୀମାନେ କ'ଣ କରିବେ ?**

ଜମାକାରୀମାନେ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I)ଙ୍କ ପାଖରେ ନିମ୍ନଲିଖିତ ତଥ୍ୟ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

୧. ପରିଚୟ ପତ୍ର ଯଥା : ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ କାର୍ଡ ଇତ୍ୟାଦି ।

୨. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା : ଖାତା ନମ୍ବର, ବ୍ୟାଙ୍କର ନାମ, IFSC ।

**ସମସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ କରାଯାଉଛି । ଅବଶିଷ୍ଟ ଜମାକାରୀଙ୍କ ସୁବିଧା ନିମନ୍ତେ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ୩୧ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଅଛି ।**

**ଅର୍ଥ ବିଭାଗ, ଓଡ଼ିଶା ସରକାର**

OIPR : 5001/5001/2/26-27/0001

# ମାତୃତ୍ୱ ଭଲ ଅନୁଭୂତି



ଲୋକପ୍ରିୟ ଅଭିନେତ୍ରୀ ତଥା ପୂର୍ବତନ ବିଗ୍ ବସ୍ ପ୍ରତିଯୋଗୀ ରୁବିନା ଦିଲୈକ ଏବେ ଷ୍ଟଣ୍ଟଭିତ୍ତିକ ରିଆଲିଟି ଶୋ' 'ଖତ୍ରୋଁ କେ ଖିଲାଡ଼ି ୧୫' ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଉଛନ୍ତି । ତେବେ ମାତୃତ୍ୱ ତାଙ୍କ ଜୀବନ ଓ କ୍ୟାରିୟର ପ୍ରତି ଚିନ୍ତାଧାରାରେ ଏକ ବଡ଼ ପରିବର୍ତ୍ତନ ଆଣିଛି ବୋଲି ନିକଟରେ ସେ ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ମନୋରଞ୍ଜନ ଦୁନିଆରେ ଅଭିନେତ୍ରୀମାନଙ୍କୁ କେବଳ ଶାଢ଼ୀ ପିନ୍ଧିବା, ଗୀତ ଗାଇବା ଏବଂ ଜଣେ ଅସହାୟ ନାରୀ ଚରିତ୍ରରେ ଅଭିନୟ କରିବା ଭଳି ଏକ ନିର୍ଦ୍ଦିଷ୍ଟ ଚରିତ୍ର ଭିତରେ ସୀମିତ ରଖାଯାଏ । କିନ୍ତୁ 'ଖତ୍ରୋଁ କେ ଖିଲାଡ଼ି' ଭଳି ଶୋ' ମାଧ୍ୟମରେ ସେମାନେ ନିଜ ଭିତରେ ଲୁଚି ରହିଥିବା ସାହସ ଦ୍ୱାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାନ୍ତି । ରୁବିନାଙ୍କ ଅନୁସାରେ, ମା' ହେବା ପରେ ଜଣେ ମହିଳା ଦୈବୀ ଶକ୍ତିର ପ୍ରତୀକ ସାଜିଥାଏ ଏବଂ ଏହା ତାଙ୍କୁ ଅଧିକ ନିର୍ଭୀକ ଓ ଆତ୍ମବିଶ୍ୱାସୀ କରିଥାଏ । କାର୍ଯ୍ୟକ୍ଷେତ୍ର ଓ ସନ୍ତାନ ଲାଳନପାଳନ ମଧ୍ୟରେ ସନ୍ତୁଳନ ରକ୍ଷା କରିବାପାଇଁ କାର୍ଯ୍ୟରତ ମହିଳାମାନଙ୍କ ପାଇଁ ଏକ ସହଯୋଗୀ ବ୍ୟବସ୍ଥା ରହିବା ଆବଶ୍ୟକ । ଏହାସହ କାମର ସମୟସୀମାକୁ ନେଇ ମହିଳାମାନେ କାହାର ଅନୁମତି ଲୋଡ଼ିବା ବଦଳରେ ଅଧିକାରର ସହ ନିଜ ପାଇଁ ସ୍ପେସ୍ ଦାବି କରିବା ଉଚିତ। ଚଳିତ ବର୍ଷ ଦକ୍ଷିଣ ଆଫ୍ରିକାର କେପ୍ ଟାଉନଠାରେ ଚଳଚ୍ଚିତ୍ର ନିର୍ମାତା ରୋହିତ ଶେଟ୍ଟୀଙ୍କ ସଂଚାଳନାରେ ସୁଟିଂ ଚାଲିଥିବା ଏହି ଶୋ'ରେ ରୁବିନାଙ୍କ ବ୍ୟତୀତ କରଣ ୱାହୀ, ରିତ୍ୱିକ୍ ଧନଜାନୀ, ଗୌରବ ଖାନ୍ନା, ଜାସମିନ , ବିଶାଳ ଆଦିତ୍ୟ ସିଂହ, ଏବଂ ଅଭିକା ଗୋରଙ୍କ ଭଳି ଅନେକ ଜଣାଶୁଣା କଳାକାର ପ୍ରତିଯୋଗୀ ଭାବେ ଭାଗ ନେଇଛନ୍ତି ।

# ଭାରତରେ ମନା



ଭାରତରେ କୁକୁର ରଖୁଥିବା ଲୋକଙ୍କ ସଂଖ୍ୟା ଲକ୍ଷ ଲକ୍ଷ ହୋଇଥିଲେ ହେଁ, ସେମାନଙ୍କ ଆକ୍ରମଣାତ୍ମକ ମନୋଭାବ, ସାଧାରଣ ଜନତାଙ୍କ ସୁରକ୍ଷା ଏବଂ ଜଳବାୟୁ ଅନୁକୂଳତାକୁ ନେଇ ସୃଷ୍ଟି ହୋଇଥିବା ଚିନ୍ତାଜନକ ପରିସ୍ଥିତି ଯୋଗୁଁ ସମସ୍ତ ପ୍ରଜାତିର କୁକୁର ରଖିବା ପାଇଁ ଆଇନଗତ ଅନୁମତି ନାହିଁ । କୁକୁର କାମୁଡ଼ା ଓ ଆକ୍ରମଣର ବଢୁଥିବା ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୪ ମସିହାରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୨୩ଟି "ଭୟଙ୍କର" କୁକୁର ପ୍ରଜାତି ଏବଂ ସେମାନଙ୍କର କ୍ରସ୍‌ବ୍ରିଡ୍‌ର ବିକ୍ରି, ପ୍ରଜନନ (ବ୍ରିଡିଂ) ଏବଂ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରତିବନ୍ଧିତ ତାଲିକାରେ ଅନେକ ବିବାଦୀୟ ପ୍ରଜାତି ସାମିଲ ଅଛନ୍ତି, ଯେପରିକି ନିଜର ଶରୀର ଗଠନ ଓ ଆକ୍ରମଣାତ୍ମକ ବ୍ୟବହାର ପାଇଁ ଚର୍ଚ୍ଚାରେ ଥିବା ପିଟ୍‌ବୁଲ୍ ଟେରିୟର, ମାଂସପେଶୀ ବହୁଳ ରଟୱାଇଲର୍, ଶିକାର ପାଇଁ ବ୍ୟବହୃତ ହେଉଥିବା ଡୋଗୋ ଆର୍ଜେଣ୍ଟିନୋ, ଏବଂ ଅତ୍ୟଧିକ ସୁରକ୍ଷାତ୍ମକ ମନୋଭାବ ସମ୍ପନ୍ନ ଆମେରିକାନ୍ ବୁଲ୍‌ଡଗ୍ ସାମିଲ ଅଛନ୍ତି । ଏହାବ୍ୟତୀତ ଦକ୍ଷିଣ ଆଫ୍ରିକାର ବୃହତ ମାଷ୍ଟିଫ୍ ପ୍ରଜାତିର ବୋଏରବୋଏଲ, ଯାହାକୁ ନିୟନ୍ତ୍ରଣ କରିବା ସାଧାରଣତଃ କଷ୍ଟକର ହୋଇଥାଏ ସେ ମଧ୍ୟ ଏହି ତାଲିକାରେ ସାମିଲ ଅଛି । ସେହିଭଳି ଗଧିଆ ଓ କୁକୁରର ହାଇବ୍ରିଡ୍ 'ଉଲ୍ଫଡଗ୍ସ' ମଧ୍ୟ ଏହି କଟକଣା ପରିସରଭୁକ୍ତ ହୋଇଛନ୍ତି । ସାରା ଦେଶରେ ଏହି ନିୟମର କାର୍ଯ୍ୟକାରିତା ଭିନ୍ନ ଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ, କିନ୍ତୁ ବର୍ତ୍ତମାନ ଏହି ସମସ୍ତ ପ୍ରଜାତି ଭାରତରେ ସବୁଠାରୁ ବିବାଦୀୟ ଏବଂ ନିୟନ୍ତ୍ରିତ କୁକୁର ପ୍ରଜାତି ଭାବେ ଉଭା ହୋଇଛନ୍ତି ।

# ଯକୃତ ଦ୍ୱାରା ଘର ଚିହ୍ନୁଛନ୍ତି ପାରା

ପାରାମାନେ କେଉଁଭଳି ଭାବେ ବିନା ବାଟ ଭୁଲି ଶତାଧିକ ମାଇଲ୍ ଉଡ଼ି ନିଜ ଘରକୁ ଫେରିଆସନ୍ତି, ସେହି ରହସ୍ୟକୁ ନେଇ ନୂଆ ତଥ୍ୟ ସାମନାକୁ ଆସିଛି । ସାଧାରଣତଃ ପକ୍ଷୀ, ମାଛ ଓ କଇଁଛମାନେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଦିଗବାରେଣୀ ଭାବେ ବ୍ୟବହାର କରି ଗତିପଥ ନିରୂପଣ କରିଥାଆନ୍ତି । ଏହି କ୍ଷମତା ସେମାନଙ୍କ ଆଖି,ଥଣ୍ଟ କିମ୍ବା ଭିତର କାନରେ ଥାଇପାରେବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । କିନ୍ତୁ ଜର୍ମାନୀର ମାକ୍ସ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଏବଂ ବୋନ୍ ବିଶ୍ୱବିଦ୍ୟାଳୟର ସମ୍ପ୍ରତି ଗବେଷଣା ଅନୁସାରେ ପାରାମାନଙ୍କ ଯକୃତରେ ଏକ ଶକ୍ତିଶାଳୀ ଚୁମ୍ବକୀୟ ସଙ୍କେତ ମିଳିଛି । 'ସାଇନ୍ସ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ଅନୁଯାୟୀ, ଯକୃତରେ ଥିବା କେତେକ ବିଶେଷ ପ୍ରତିରୋଧକ କୋଷ ଲୋହିତ ରକ୍ତ କଣିକାକୁ ଭାଙ୍ଗି ଆଇରନ ସଂରକ୍ଷିତ କରି ରଖନ୍ତି । ତେବେ ଯେତେବେଳେ ବୈଜ୍ଞାନିକମାନେ ପରୀକ୍ଷାମୂଳକ ଭାବେ ପାରାମାନଙ୍କ ଶରୀରରୁ ଏହି କୋଷଗୁଡ଼ିକୁ କିଛି ସମୟ ପାଇଁ ବାହାର କରିଦେଲେ, ସେତେବେଳେ ସେମାନେ ମେଘୁଆ ପାଗରେ ନିଜର ଦିଗ ହରାଇ ବସିଥିଲେ । ଏହି ରକ୍ଷାକାରୀ କୋଷଗୁଡ଼ିକ ଯକୃତର ସ୍ନାୟୁତନ୍ତୁ ନିକଟରେ ଥିବାରୁ ଏହା ମସ୍ତିଷ୍କକୁ ଚୁମ୍ବକୀୟ ସଙ୍କେତ ପଠାଇ ଜିପିଏସ୍ ଭଳି କାମ କରୁଥିବା ଅନୁମାନ କରାଯାଉଛି । ବିଶେଷଜ୍ଞମାନଙ୍କ ମତରେ ପାରାମାନେ ଦୂରଯାତ୍ରା କିମ୍ବା ନିର୍ଦ୍ଦିଷ୍ଟ ସ୍ଥାନ ଖୋଜିବା ପାଇଁ ଏକାଧିକ ପ୍ରଣାଳୀ ଓ ସୂର୍ଯ୍ୟଙ୍କ କିରଣର ସହାୟତା ନେଇଥାନ୍ତି, ଯାହା ଅନ୍ଧାରରେ ମଧ୍ୟ ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରିବାରେ ସାହାଯ୍ୟ କରେ ।



## ଇତିହାସ

୧୮୩୫- କଲିକତା ମେଡ଼ିକାଲ କଲେଜରେ ପ୍ରଥମଥର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା ।

୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନୀକୁ ଭଙ୍ଗ କରାଯାଇଥିଲା ।

୧୯୨୯- ଫିଲ୍ମ ମଦର ଇଣ୍ଡିଆରେ ହିନ୍ଦୀ ଫିଲ୍ମଜଗତର ମା' ଚରିତ୍ରକୁ ସର୍ବାଧିକ ସ୍ମରଣୀୟ କରିଥିବା ନରଗିସ୍‌ଙ୍କର ଜନ୍ମ ହୋଇଥିଲା ।

୧୯୩୦- ଭାରତର ପ୍ରଥମ ଡିଲକ୍ସ ରେଳଗାଡ଼ି ଡେକାନ୍ କୁଇନ୍‌କୁ ବମ୍ବେ ଏବଂ ପୁନେ ମଧ୍ୟରେ ଶୁଭାରମ୍ଭ କରାଯାଇଥିଲା ।

୧୯୫୮- ଭାରତର ଅନ୍ୟତମ ପ୍ରସିଦ୍ଧ ହକି ଖେଳାଳି ଅଶୋକ କୁମାରଙ୍କର ଜନ୍ମ ହୋଇଥିଲା ।

୧୯୭୦- ବ୍ରିଟେନର ପ୍ରଧାନମନ୍ତ୍ରୀ ହେରାଲ୍ଡ ୱିଲ୍‌ସନ୍‌ଙ୍କ ଉପରେ ଏକ ନିର୍ବାଚନୀ ସଭା ବାହାରେ ଅଣ୍ଡା ଫୋପଡ଼ା ଯାଇଥିଲା ।

୧୯୯୬- ଏଚ୍.ଡି ଦେବଗୌଡ଼ା ଦେଶର ୧୧ତମ ପ୍ରଧାନମନ୍ତ୍ରୀ ହୋଇଥିଲେ ।

୧୯୯୬- ଭାରତର ଷଷ୍ଠ ରାଷ୍ଟ୍ରପତି ନୀଲମ ସଞ୍ଜୀବ ରେଡ୍ଡୀଙ୍କର ପରଲୋକ ହୋଇଥିଲା ।

୨୦୧୪- ନାଇଜେରିଆରେ ଫୁଟ୍‌ବଲ ମଇଦାନରେ ହୋଇଥିବା ବିସ୍ଫୋରଣରେ ୪୦ ଜଣଙ୍କର ମୃତ୍ୟୁ ଘଟିଥିଲା ।

**ହାଃହାଃ**



ରୋଗୀ: ଡାକ୍ତରବାବୁ,
ମୋର ଗୋଟେ ବଡ଼ ସମସ୍ୟା ଅଛି । ମୁଁ ଯେତେବେଳେ ବି ଶୋଇପଡ଼େ, ସ୍ୱପ୍ନରେ କେବଳ ମାଙ୍କଡ଼ମାନେ ଫୁଟବଲ୍ ଖେଳୁଥିବାର ଦେଖାଯାଉଛନ୍ତି ।
ଡାକ୍ତର: ଆଚ୍ଛା, ଏଇ ନିଅନ୍ତୁ ଔଷଧ । ଆଜି ରାତିରୁ ହିଁ ଖାଇବା ଆରମ୍ଭ କରିଦିଅନ୍ତୁ ।
ରୋଗୀ: ଡାକ୍ତରବାବୁ, ଆଜି ଛାଡ଼ି କାଲିଠାରୁ ଖାଇଲେ ଚଳିବ କି ?
ଡାକ୍ତର: କାହିଁକି ?
ରୋଗୀ: ଆଜ୍ଞା, ଆଜି ରାତିରେ ସେମାନଙ୍କର ଫାଇନାଲ୍ ମ୍ୟାଚ୍ ଅଛି, ମୁଁ ମିସ୍ କରିବାକୁ ଚାହୁଁନି !

# ପୋଇ ସୋରିଷ ଘାଣ୍ଟ

**ସାମଗ୍ରୀ-** ପୋଇ ପତ୍ର ଓ ଡାଙ୍ଗ, ମାଛ ମୁଣ୍ଡ, କଖାରୁ, ଗାଜର, ଆଳୁ, ଦେଶୀଆଳୁ, ସାରୁ, ପୋଟଳ, ଟମାଟୋ କଟା,ପିଆଜ କଟା, ରସୁଣ ଅଦା ଛେଚା, ବୁଟଡାଲି, ଧଳା ସୋରିଷ ବଟା, ଗୋଟା ଜିରା, ଧନିଆ, ଶୁଖିଲା ଲଙ୍କା, ନଡିଆ କୋରା ।

**ପ୍ରଣାଳୀ-** ପ୍ରଥମେ ମାଛ ମୁଣ୍ଡକୁ ଭଲକରି ଭାଜି କାଢି ଦିଅନ୍ତୁ ଏବଂ ବୁଟ ଡାଲିକୁ ସିଝାଇ କାଢି ରଖନ୍ତୁ । ଗୋଟିଏ ବଡ ପାତ୍ରରେ ସୋରିଷ ତେଲରେ ଗୋଟା ଗରମ ମସଲା ପକାନ୍ତୁ ଏହାପରେ ଏଥିରେ କଟା ପିଆଜ ପକାଇ ଭାଜନ୍ତୁ । ପିଆଜ ଭଲକରି ଭାଜି ହୋଇଗଲେ ଏଥିରେ ଅଦା ରସୁଣ ଛେଚା ପକାନ୍ତୁ। ଏହାପରେ ଜିରା, ଧନିଆ ଓ ଶୁଖିଲା ଲଙ୍କାର ବଟା ପକାଇ କସନ୍ତୁ । ଅଳ୍ପ ସମୟ ପରେ ହଳଦୀ ଓ ଲଙ୍କା ଗୁଣ୍ଡ , ମିଠ ମସଲା ଅଳ୍ପ ଦିଅନ୍ତୁ । ମସଲା କସି ହେବାପରେ ଏଥିରେ ଟମାଟୋ କଟା ପକାଇ ନିଅନ୍ତୁ । ସମସ୍ତ ମସଲାରୁ ତେଲ ଛାଡିବା ପରେ ଏଥିରେ ପରିବା ପକାଇ ଭାଜନ୍ତୁ। ପରିବା ଅଧା ସିଝା ହୋଇ ଆସିଲେ ଏଥିରେ ପୋଇ ପତ୍ର, ବୁଟ ଡାଲି ଓ ମାଛକୁ ଦେଇ ଘାଣ୍ଟନ୍ତୁ । ଭଲକରି ଘାଣ୍ଟିବା ପରେ ଅଳ୍ପ ପରିମାଣରେ ବାଟି ରଖିଥିବା ଧଳା ସୋରିଷର ବଟା ପକାନ୍ତୁ। ଏହାପରେ ଆବଶ୍ୟକ ଅନୁସାରେ ପାଣି ଦେଇ ଫୁଟିବାକୁ ଛାଡନ୍ତୁ । ସମସ୍ତ ପରିବା ଭଲକରି ସିଝିଯିବା ପରେ ଏଥିରେ ଅଳ୍ପ ନଡିଆ କୋରା ଓ ଧନିଆ ପତ୍ର ପକାଇ ପ୍ରସ୍ତୁତ କରନ୍ତୁ ପୋଇ ସୋରିଷ ଘାଣ୍ଟ । ଆପଣ ଚାହିଁଲେ ବିନା ମାଛରେ ମଧ୍ୟ ଏହାକୁ କରିପାରିବେ ।



# ସୋସିଆଲ କୋଟ୍ସ



ପ୍ରଥମରୁ କରିଥିବା ଭିଲିଆନ ଚରିତ୍ର ମୋର ପରିଚୟ ପାଲଟିଥିଲା । ଏହାପରେ ବାବୁ ରାଓ ଚରିତ୍ର ମୋତେ ଏକ ନୂଆ ପରିଚୟ ପ୍ରଦାନ କରିଥିଲା । ଯାହା ଏବେ ଯାଏଁ ଚାଲିଛି ।

**ପରେଶ ରାୱଲ, ଅଭିନେତା**



ଯେତେବେଳେ କେହି ଜଣେ ଭଲ ଖେଳିଥାଏ, ସେତେବେଳେ ଲୋକମାନେ କଥା ହେବା ବା କମେଣ୍ଟ କରିବା ସ୍ୱାଭାବିକ କଥା । ସେଥିପ୍ରତି ଧ୍ୟାନ ନଦେଇ ତୁମେ ତୁମର ଖେଳରେ ଧ୍ୟାନ ଦିଅ ।

**ବବି ଦେୱଲ, ଅଭିନେତା**



ସଲମାନ ଖାନଙ୍କୁ ମୁଁ ପ୍ରଥମେ ଫିଲ୍ମ ଦେଇଥିଲି । ସେତେବେଳେ ମୁଁ ସବୁ ସ୍ଥାନକୁ ସଲମାନଙ୍କ ଫଟୋ ନେଇ ଯାଉଥିଲି । ସେତେବେଳେ ସଲିମ ଖାନ ଫିଲ୍ମରେ ଡାଇଲଗ ଲେଖୁଥିଲେ ।

**ଜ୍ୟାକି ସ୍ରଫ, ଅଭିନେତା**



**ମେଷ:** ବ୍ୟବସାୟରେ ଉନ୍ନତି, ଶୁଭ ଖବର, ଶତ୍ରୁ ପରାଜିତ, ଅନୁଷ୍ଠାନରୁ ଲାଭ, ଶୁଭ ସମାଚାର, ଗୃହେ ଉତ୍ସବ, ଦ୍ରବ୍ୟ ପ୍ରାପ୍ତି, ବନ୍ଧୁ ଲାଭ, ସମ୍ପତ୍ତିଲାଭ, ସମ୍ମାନ ଲାଭ, ସନ୍ତାନ ଖୁସି, ଦାମ୍ପତ୍ୟ ସୁଖ । ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଶାରୀରିକ ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ମନସ୍ତାପ, ବନ୍ଧୁ ସାହାଯ୍ୟ, ଗୃହେ ଅଶାନ୍ତି, ସମ୍ପତ୍ତି ବିବାଦ, ବିଦ୍ୟାରେ ଅସଫଳ, ଦାମ୍ପତ୍ୟ ସୁଖ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଯାତ୍ରାରେ ଶୁଭ, ଦେବ କାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରରେ ଶାନ୍ତି, ବନ୍ଧୁ ସମସ୍ୟା, ଉଚ୍ଚ ଆଶାରେ ଲାଭ, ମାନସିକ ଶାନ୍ତି, ଅର୍ଥ ଲାଭ, ଦ୍ରବ୍ୟ ପ୍ରାପ୍ତି, ସୁସମାଚାର, ମାମଲା ସମାଧାନ । ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୭, ଆରାଧନା- ପ୍ରଭୁ ଗଣେଶ ।

**କର୍କଟ:** ବନ୍ଧୁମିଳନ, ସମ୍ପତ୍ତି ଲାଭ, ନୂତନ କାର୍ଯ୍ୟରେ ଖୁସି, ଗୃହେ ଉତ୍ସବ, ବ୍ୟବସାୟିକ ଖୁସି, ଶାରୀରିକ ସୁସ୍ଥ, ବିବାଦ ସମାଧାନ, କର୍ମ କ୍ଷେତ୍ରରେ ଅଳ୍ପ ଅଶାନ୍ତି, ଦେବକାର୍ଯ୍ୟରେ ଲାଭ, ଶୁଭ ଖବର, ସନ୍ତାନ ଲାଭ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ବନ୍ଧୁ ସାହାଯ୍ୟ, କର୍ମେ ସଫଳ, ପଦବୀ ସମସ୍ୟା, ସ୍ୱାସ୍ଥ୍ୟ ଲାଭ, ଅର୍ଥ ଲାଭ, ଗୃହେ ଶୁଭ ଆଲୋଚନା, ସ୍ୱଜନ ବିରୋଧ, ବ୍ୟବସାୟିକ କଷ୍ଟ, ଦାମ୍ପତ୍ୟ କଳହ, ସନ୍ତାନ ସମସ୍ୟା । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୬, ଆରାଧନା- ମା' ବିମଳା ।

**କନ୍ୟା:** ଶାରୀରିକ ଅସୁସ୍ଥ, କାର୍ଯ୍ୟରେ ବିଳମ୍ବ, ଉଚ୍ଚ ଆଶାରେ ବିଳମ୍ବ, ଅର୍ଥ ସମସ୍ୟା, ପାରିବାରିକ ସହଯୋଗ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବିବାଦ, ଦାମ୍ପତ୍ୟ ସୁଖ, ସମ୍ପତ୍ତି ଖୁସି, ବିଦ୍ୟାରେ ସଫଳ । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୩, ଆରାଧନା- ମା' ବଗଳାମୁଖୀ ।

**ତୁଳା:** ମାନସିକ ଶାନ୍ତି, ବନ୍ଧୁ ସାହାଯ୍ୟ, ଅର୍ଥ ଲାଭ, ଶୁଭ ସମାଚାର, ଲୋକସମ୍ପର୍କରେ ବାଧା, ଆଶା ସଫଳ, ଗୃହେ ଶୁଭ ଆଲୋଚନା, ଶାରୀରିକ ସୁସ୍ଥ, ସନ୍ତାନ ଖୁସି, ଗୃହେ ସହଯୋଗ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଖୁସି ରହିବେ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସ୍ୱାସ୍ଥ୍ୟରେ ଉନ୍ନତି, ସୁସମ୍ପର୍କ, ସମ୍ପତ୍ତି ଲାଭ, ଶୁଭ ଖବର, କାର୍ଯ୍ୟ ବ୍ୟସ୍ତତା, ଗୃହେ ଉତ୍ସବ, ଅତିଥି ଲାଭ, ଅର୍ଥ ଲାଭ, ବିବାଦ ସମାଧାନ, ବନ୍ଧୁ ସହଯୋଗ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ସମ୍ମାନ ପ୍ରାପ୍ତି, ବିଦ୍ୟାରେ ଲାଭ । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନ ବୃଦ୍ଧି, ବ୍ୟବସାୟରେ ଲାଭ, କର୍ମେ ଆନନ୍ଦ, ଶାରୀରିକ କଷ୍ଟ, ଶୁଭ କାର୍ଯ୍ୟରେ ବିଳମ୍ବ, ସହକର୍ମୀଙ୍କ ସହ ମତଭେଦ, ଦ୍ରବ୍ୟ ଲାଭ, ପୁରାତନ କାର୍ଯ୍ୟ ପ୍ରତି ଆସକ୍ତ, ଦାମ୍ପତ୍ୟ ସୁଖ, ଗୃହେ ସହଯୋଗ, ଦାମ୍ପତ୍ୟ ସୁଖ । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା- ମା' ଦକ୍ଷିଣକାଳୀ ।

**ମକର:** ରାଜଦଣ୍ଡ ଭୟ, ଶତ୍ରୁ ସମସ୍ୟା, ଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ନଷ୍ଟ, ବ୍ୟକ୍ତି ସହାୟତା, ବନ୍ଧୁ ଲାଭ, ଗୃହେ ମନାନ୍ତର, ଶାରୀରିକ ସୁସ୍ଥ, ଶୁଭ ଆଲୋଚନା, ଦୂର ଯାତ୍ରା, କିଛି କାର୍ଯ୍ୟରେ ବିବାଦ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ମା' କାଳୀ ।

**କୁମ୍ଭ:** କାର୍ଯ୍ୟରେ ସଫଳ, ଅର୍ଥ ଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁ ସାହାଯ୍ୟ, ଦୂର ଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ସନ୍ତାନ ସମସ୍ୟା, ବ୍ୟକ୍ତି ସାହାଯ୍ୟ, ଶୁଭ ଖବର, ସ୍ୱାସ୍ଥ୍ୟ ଲାଭ, ଧର୍ମକାର୍ଯ୍ୟରେ ଆନନ୍ଦ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଦ୍ରବ୍ୟ ପ୍ରାପ୍ତି, ଶୁଭ ଖବର ବ୍ୟବସାୟରେ ସ୍ୱଳ୍ପଲାଭ, ଦ୍ରବ୍ୟ/ସମ୍ମାନ ପ୍ରାପ୍ତି, ବାକି କାର୍ଯ୍ୟରେ ଲାଭ, ବିବାଦ ସମାଧାନ, ଉଚ୍ଚ ଆଶାରେ ବିଫଳ, ସନ୍ତାନ ସମସ୍ୟା, ଉତ୍ସବ ପ୍ରତି ଅନାଗ୍ରହ, ହଠାତ୍ ଅର୍ଥ ଲାଭ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୧, ଆରାଧନା- ମା' ଲକ୍ଷ୍ମୀ ।

**ଜ୍ୟେଷ୍ଠ କୃଷ୍ଣପକ୍ଷ ପ୍ରତିପଦା**
**୧.୬.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମାନ୍ୟବର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳରେ କୁଳପତିମାନେ ଲୋକ ଭବନର ନୂଆ ଅଭିଷେକ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି ।



କାର୍ଯ୍ୟକ୍ରମ ସମୟରେ, ପ୍ରଧାନମନ୍ତ୍ରୀ ଗ୍ରୀଷ୍ମ ପ୍ରବାହ ପ୍ରସ୍ତୁତି, ଜଳ ସଂରକ୍ଷଣ, ଭାରତର କ୍ରୀଡା ସଫଳତା, ସାଂସ୍କୃତିକ ଐତିହ୍ୟ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ତଥା ବିଭିନ୍ନ ବିଷୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟର ରାଜନୈତିକ ନେତୃତ୍ୱ, ପ୍ରଶାସକ ଏବଂ ଶିକ୍ଷାବିତଙ୍କୁ ଏକାଠି କରିଥିଲା । ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଚିନ୍ତାଧାରା ଏବଂ ପଦକ୍ଷେପକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର

**ମନ୍ତ୍ରୀମଣ୍ଡଳ ସଦସ୍ୟ, ବିଶ୍ୱବିଦ୍ୟାଳୟର କୁଳପତି ବି ସାମିଲ**

କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବି.ଏଡ୍ ଆଶାୟୀ - ଅନ୍ୟ ରାଜ୍ୟ ମୁହାଁ

ଭୁବନେଶ୍ୱର, (ତଥ୍ୟ) ଶିକ୍ଷକଟିଏ ହେବାପାଇଁ ଯେଉଁ ଆଗ୍ରହୀ ଛାତ୍ରଛାତ୍ରୀମାନେ ବି.ଏଡ୍ ପ୍ରବେଶିକା ପରୀକ୍ଷା ଦେଉଛନ୍ତି ସେମାନଙ୍କ ପାଇଁ ଏବେ ଆସନ କମ୍ ରହିଛି । ରାଜ୍ୟରେ ଉଭୟ ସରକାରୀ ଓ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ୨ବର୍ଷିଆ ବି.ଏଡ୍‌ରେ ୨୪୫୦ ଟି ଆସନ ଥିବାବେଳେ ଚଳିତବର୍ଷ ୧.୩୦ ଲକ୍ଷ ଛାତ୍ରଛାତ୍ରୀ ଏଥିପାଇଁ ପରୀକ୍ଷା ଦେଇଛନ୍ତି। ଓଡିଶାରେ ଆସନ ଅଭାବର ସୁଯୋଗ ନେଇ ପଡୋଶୀ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକ ଏବେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ରାଜ୍ୟରେ ପଢିବା ପାଇଁ ପ୍ରଲୋଭିତ କରିବାରେ ଲାଗିଛନ୍ତି। ରାଜ୍ୟରେ ଦୁଇ ବର୍ଷିଆ ବି.ଏଡ୍ ପାଠ୍ୟକ୍ରମ ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧିନରେ ୧୬ଟି ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରହିଛି। ଏଠାରେ ୧୭୦୦ ଛାତ୍ରଛାତ୍ରୀ ନାମଲେଖାଇ ପାରିବେ। ଏହାଛଡା ଆଉ କିଛି ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସେଲ୍ଫ ଫାଇନାନ୍ସ କୋର୍ସ ଜରିଆରେ ବି.ଏଡ୍ ପାଠ ପଢାଯାଉଛି। ଏଥିପାଇଁ ମୋଟ୍ ୭୫୦ ଆସନ ରହିଛି। ମୋଟାମୋଟି ଭାବେ ଦୁଇ ବର୍ଷିଆ ବି.ଏଡ୍ ପାଠ୍ୟକ୍ରମ ପାଇଁ ମୋଟ୍ ୨୪୫୦ଟି ଆସନ ରହିଛି। ଏଥିଧରୁ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ଆସନ ବାଣ୍ଟି ଦିଆଯାଇଛି।

ବର୍ତ୍ତମାନ ଶିକ୍ଷକ ବୃତ୍ତି ପାଇଁ ଆଗ୍ରହ ପ୍ରକାଶ ପାଇବା ଫଳରେ ଲକ୍ଷାଧିକ ଛାତ୍ରଛାତ୍ରୀ ବି.ଏଡ୍‌ରେ ନାମ ଲେଖାଇବାକୁ ଆଗ୍ରହୀ। ଫଳରେ ଚଳିତବର୍ଷ ଏକ ଲକ୍ଷ ୩୦ ହଜାର ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଛନ୍ତି। ଏତେ ସଂଖ୍ୟାରେ ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଦେଉଥିବାବେଳେ ସରକାରୀ ସ୍ତରରେ ଏହାକୁ ବିଚାରକୁ ନେଇ ଆସନ ସଂଖ୍ୟା ବୃଦ୍ଧି କରାଯାଉନାହିଁ। ସରକାରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଯେଉଁମାନେ ବି.ଏଡ୍ ପାଠ ପଢିବେ ସେମାନେ ଦୁଇ ବର୍ଷରେ ପାଖାପାଖି ୧୦ହଜାର ଟଙ୍କା ଦେଉଥିବାବେଳେ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମରେ ଏଥିପାଇଁ ୯୦ ହଜାର ଟଙ୍କା ଦେବାକୁ ପଡୁଛି। ତଥାପି ଛାତ୍ରଛାତ୍ରୀମାନେ ଉଭୟ ସରକାରୀ ଓ ସେଲ୍ଫଫାଇନାନ୍ସରେ ବି.ଏଡ୍ ପଢିବାକୁ ଆଗ୍ରହୀ ଅଛନ୍ତି।

ଓଡିଶାରେ ଛାତ୍ରଛାତ୍ରୀଙ୍କ ତୁଳନାରେ ବି.ଏଡ୍ ଆସନ କମ୍ ଥିବାରୁ ଏବେ ରାଜ୍ୟ ବାହାରର ବିଶେଷକରି ଆନ୍ଧ୍ରପ୍ରଦେଶର କେତେକ ଶିକ୍ଷାନୁଷ୍ଠାନ ସେମାନଙ୍କ ଅନୁଷ୍ଠାନରେ ବି.ଏଡ୍ ପଢିବାପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରଲୋଭିତ କରୁଛନ୍ତି। ପ୍ରବେଶିକା ପରୀକ୍ଷାକେନ୍ଦ୍ର ନିକଟରେ ସେମାନଙ୍କ ଏଜେଣ୍ଟମାନେ କାଗଜ ବାଣ୍ଟିବାରେ ଲାଗିଛନ୍ତି। ଅନ୍ୟ ରାଜ୍ୟରେ କିଭଳି ସହଜରେ ବି.ଏଡ୍ ପଢିହେବ ତାହା ବୁଝାଉଛନ୍ତି। ତେବେ ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନମାନେ ଏଥିପାଇଁ ଲକ୍ଷାଧିକ ଟଙ୍କା ନେଉଛନ୍ତି। ପିଲାମାନେ ଟଙ୍କା ଦେଇ ଘରେ ରହି ପାଠ ପଢୁଛନ୍ତି। ବିନା ପ୍ରାକ୍ଟିକାଲ ପରୀକ୍ଷାରେ ପିଲାମାନେ ସାର୍ଟିଫିକେଟ ପାଉଛନ୍ତି ଓ ତାହାରି ବଳରେ ସେମାନଙ୍କୁ ଓଡିଶାରେ ଶିକ୍ଷକ ଚାକିରି ପାଇଁ ପ୍ରବେଶିକା ପରୀକ୍ଷାରେ ବସିବାର ସୁଯୋଗ ମିଳୁଛି। ଯେହେତୁ ଓଡିଶାରେ ଦୁଇ ବର୍ଷିଆ ବି.ଏଡ୍ ପଢିବାପାଇଁ କମ୍ ଆସନ ରହିଛି ତେଣୁ ଓଡିଶାର ଛାତ୍ରଛାତ୍ରୀମାନେ ଆନ୍ଧ୍ର ମୁହାଁ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ତୁରନ୍ତ ଓଡିଶାରେ ଦୁଇ ବର୍ଷିଆ ବି.ଏଡ୍ ଆସନ ବୃଦ୍ଧି ନକଲେ ଅନ୍ୟ ରାଜ୍ୟମାନେ ଏହାର ଫାଇଦା ନେଇଯିବେ ବୋଲି ଶିକ୍ଷାବିତ୍‌ମାନେ ମତ ଦେଉଛନ୍ତି।

# ଅଜଣା ଗାଡି ଧକାରେ ଅଙ୍ଗନବାଡି କର୍ମୀ ଗୁରୁତର

ବାଲିପାଟଣା ,(ସବ୍ୟୁ) : ଏକ ଅଜଣା ଗାଡି ଧକା ରେ ସରାଟ ଶାସନ ଅଙ୍ଗନବାଡି କେନ୍ଦ୍ର କର୍ମୀ ତଥା ବାଲିପାଟଣା ବ୍ଲକ ଅଙ୍ଗନବାଡି ସଙ୍ଘ ର ସେକ୍ରେଟାରୀ ବାସନ୍ତୀ ମିଶ୍ର ( ୪୮ )ଗୁରୁତର ଆହତ ହୋଇଛନ୍ତି ।ଶ୍ରୀମତି ମିଶ୍ର ସକାଳ ପ୍ରାୟ ସାଢେ ୧୦ ରେ ବାଲିପାଟଣା ବ୍ଲକକୁ କୌଣସି କାର୍ଯ୍ୟରେ ଯାଉଥିଲେ ।ରାଜସ ଚଣାହଟା ରାସ୍ତାରେ ଠିଆ ହୋଇ ଫୋନ ରେ କଥା ହେଉଥିବା ସମୟରେ ଏକ ଅଜଣା ଗାଡି ତାଙ୍କୁ ଧକା ଦେଇଥିଲା । ସେ ସେଠାରେ ତଳେ ପଡି ଯାଇଥିଲେ । ଦୁର୍ଘଟଣା ଘଟାଇବା ପରେ ବେପରୁଆ ଗାଡି ଚାଳକ ଦ୍ରୁତ ବେଗ ରେ ଦୁର୍ଘଟଣା ସ୍ଥାନରୁ ଚମ୍ପଟ ମାରିଥିଲା ।ବାସନ୍ତୀଙ୍କୁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ ରେ ଭର୍ତ୍ତି କରାଯାଇଛି । ତାଙ୍କ ବାମ ଗୋଟେ ହାଡ଼ ୨ ଖଣ୍ଡ ହୋଇ ଭାଙ୍ଗି ଯାଇଥିବା ଜଣାପଡିଛି । ଗୋଡ଼ରେ ଅସ୍ତ୍ରୋପଚାର ହେବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି ।ଏନେଇ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଦୁର୍ଘଟଣା ତଦନ୍ତ ହେବ ବୋଲି ଆଇ ଆଇ ସି ସୂର୍ଯ୍ୟାଂଶୁ ଶେଖର ପାଢ଼ୀ କହିଛନ୍ତି ।

## ରାଜ୍ୟରେ ସୁଲଭ ମୂଲ୍ୟରେ ଗୃହ ନିର୍ମାଣ କରିବ ଓଏସ୍ଏଚ୍‌ବି

# ୨୦୨୬-୨୭ରେ ୬,୮୭୭ ଆବାସିକ ୟୁନିଟ୍ ନିର୍ମାଣ ଲକ୍ଷ୍ୟ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ସାରା ରାଜ୍ୟରେ ଶସ୍ତା, ସୁଲଭ ଓ ସମାବେଶୀ ଗୃହ ପ୍ରକଳ୍ପର ବ୍ୟାପକ ସମ୍ପ୍ରସାରଣ କରାଯିବ । ଏଥିପାଇଁ ବିଭିନ୍ନ ବୃହତ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାକୁ ଏହି କାର୍ଯ୍ୟକ୍ରମ ସମ୍ପ୍ରସାରିତ କରିବାକୁ ଏକ ରଣନୀତି ପ୍ରସ୍ତୁତ କରାଯାଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଏସଏଚବିର ଚାଲୁ ରହିଥିବା ଏବଂ ଆଗାମୀ ପ୍ରକଳ୍ପଗୁଡ଼ିକର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବୋର୍ଡର ଅଗ୍ରଗତି ଏବଂ ଆଗାମୀ ରୋଡମ୍ୟାପ୍ ଉପସ୍ଥାପନ କରିଥିଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏସଏଚବିର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ । ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷରେ ପ୍ରାୟ ୬,୮୭୭ଟି ଆବାସିକୟୁନିଟ୍ ନିର୍ମାଣ ପାଇଁ ୪ଟି ପ୍ରମୁଖ ପ୍ରକଳ୍ପ ପ୍ରସ୍ତାବିତ ରହିଛି ।

ସେଗୁଡିକ ସୁଆଙ୍ଗୋ ପିପିପି ପ୍ରକଳ୍ପ, ଭୁବନେଶ୍ୱର ଏମସ୍ ନିକଟରେ ୧୨.୯ ଏକର ଜମିରେ ୨,୮୬୭ଟି ଗୃହ ନିର୍ମାଣ କରାଯିବ । ଯେଉଁଥିରେ ୧,୦୩୪ଟି ଶସ୍ତା/ସୁଲଭ ଗୃହ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପରୁ ବୋର୍ଡକୁ ସର୍ବନିମ୍ନ ୨୧୦ କୋଟି ଟଙ୍କାର ରାଜସ୍ୱ ମିଳିବ ବୋଲି ଆଶା କରାଯାଉଛି । ରଣସିଂହପୁରରେ ଇପିସି ଗୃହ ନିର୍ମାଣ ପ୍ରକଳ୍ପ ୫.୭୮ ଏକର ଜମିରେ ପ୍ରାୟ ୩୯୭ କୋଟି ଟଙ୍କାର ଆନୁମାନିକ ବିନିଯୋଗରେ ୧,୨୬୨ଟି ଗୃହ ନିର୍ମାଣ କରାଯିବ । ପାତ୍ରପଡ଼ା ଗୃହ ନିର୍ମାଣ ପ୍ରକଳ୍ପ ଇ-ବିଡିଂ ମାଧ୍ୟମରେ ୧୧.୫ ଏକର ଜମିରେ ୨,୫୧୦ଟି ଗୃହ ନିର୍ମାଣ କରାଯିବ, ଯେଉଁଥିରେ ୮୨୦ଟି ସୁଲଭ ଆବାସିକ ଗୃହ ରହିବ । ରାଉରକେଲା ବାସନ୍ତୀ କଲୋନୀ ଯୁଗ୍ମ ଉଦ୍ୟୋଗ ଆପାର୍ଟମେଣ୍ଟ ପ୍ରକଳ୍ପରେ ୨୩୮ଟି ଏମଆଇଜି ଏବଂ ଏଚଆଇଜି ଆପାର୍ଟମେଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବର ସମୀକ୍ଷା କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଜମି ଚିହ୍ନଟ, ପ୍ରକଳ୍ପ ମଡେଲ ଏବଂ ହିତାଧିକାରୀଙ୍କୁ ସ୍ୱଷ୍ଟ ଭାବେ ଦର୍ଶାଇ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଓଏସଏଚବିକୁ ନିର୍ଦ୍ଦେଶ ଦେଇଛନ୍ତି ।

ବର୍ତ୍ତମାନ ୫୧୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୧୪୮୪ଟି ଆବାସିକୟୁନିଟ୍ ସମ୍ବଳିତ ୫ଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟ ଜାରି ରହିଛି । ଖାରବେଳ ଏନକ୍ଲେଭ, ଜାଗମରା, ଭୁବନେଶ୍ୱରରେ ୬୨.୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୦୪ଟି ଉଚ୍ଚ ଆୟକାରୀ (ଏଚ୍ଆଇଜି) ଆପାର୍ଟମେଣ୍ଟ ବିଶିଷ୍ଟ ଏହି ପ୍ରକଳ୍ପ ହସ୍ତାନ୍ତର ପର୍ଯ୍ୟାୟରେ ପହଞ୍ଚିଛି ଏବଂ ୩୦ ଜଣ ବ୍ୟକ୍ତିଙ୍କୁ ଆପାର୍ଟମେଣ୍ଟ ହସ୍ତାନ୍ତର କରାଯାଇଛି । ଅନୁଗୁଳ ଏନକ୍ଲେଭରେ ୧୪.୫୫ କୋଟି ଟଙ୍କା ବିନିଯୋଗରେ ୬୧୩ଟି ଆବାସିକ ଗୃହ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ଏଥିମଧ୍ୟରୁ ୨୨୮ଟିୟୁନିଟର ନିର୍ମାଣ ଶେଷ ହୋଇଥିବା ବେଳେ ଡିସେମ୍ବର ୨୦୨୬ ସୁଦ୍ଧା ଏହାର ପୋଜେସନ (ଦଖଲ) ମିଳିବ ବୋଲି ଆଶା କରାଯାଉଛି । ବାକିୟୁନିଟଗୁଡ଼ିକ ଡିସେମ୍ବର ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଡୁମୁଡୁମାରେ ସୁଭଦ୍ରା ଏନକ୍ଲେଭ ୭୩.୪୦ କୋଟି ଟଙ୍କା ବ୍ୟୟରେ ଇଡବ୍ଲ୍ୟୁଏସ୍, ଏଲ୍ଆଇଜି ଏବଂ ଏମ୍ଆଇଜି ହିତାଧିକାରୀଙ୍କ ପାଇଁ ୧୯୮ଟି ଗୃହ ନିର୍ମାଣ କାର୍ଯ୍ୟ ସମୟସୀମା ମଧ୍ୟରେ ଆଗେଇ ଚାଲିଛି । ବାସୁଦେବ ବିହାରରେ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍ ଓ ଅନ୍ଧାରୁଆ ଠାରେ ୨୭.୨୭ କୋଟି ଟଙ୍କା ବ୍ୟୟରେ ୨୦୬ଟି ଆବାସିକ ପ୍ଲଟ ପ୍ରଦାନ କରାଯିବ । ଜୁଲାଇରୁ ଏହାର ପୋସେସନ ପ୍ରକ୍ରିୟା ଆରମ୍ଭ ହେବ । ଭୁବନେଶ୍ୱରରେ ଗାଡ଼କଣ ଗୃହ ନିର୍ମାଣ ପ୍ରକଳ୍ପ ୧୮୯.୨୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ପ୍ରକଳ୍ପରେ ୩୩ଟି ଆବାସିକୟୁନିଟ୍ ସହ ବ୍ୟବସାୟିକ କ୍ଷେତ୍ର ଉପଲବ୍ଧ ହେବ । ବୈଧାନିକ ମଞ୍ଜୁରୀ ଏବଂ ଓରେରା ପଞ୍ଜୀକରଣ ଶେଷ ହେବା ପରେ ଜୁଲାଇ ୨୦୨୬ରେ ଏହାର ଶୁଭାରମ୍ଭ କରାଯିବ ।

## ୪ଚକିଆ ଯାନ ଥିବାରୁ ୪୩ ଙ୍କର କଟିଲା ରାସନ୍ କାର୍ଡ

ବାଲେଶ୍ୱର,(ସବ୍ୟୁ) :କନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଗରିବଙ୍କ ପରିବାରକୁ ରାସନ କାର୍ଡ ଯୋଗେଇ ଦେଇଛନ୍ତି । ଭୋଗରାଇ ବ୍ଲକ୍‌ରେ ୬୭ ହଜାର ୬ ଶହ ୫୯ ପରିବାର ନାମରେ ରାସନ କାର୍ଡ ରହିଅଛି । ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୬୫ ହଜାର ୮୫୭ ଏବଂ ରାଜଯ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ୧,୮୫୭ ଟି ରାସନ କାର୍ଡ ରହିଅଛି । ତେବେ ପରିବାରର କୌଣସି ସଦସଯ ଚକିଆ ଯାନ କିମ୍ବା ଭାରୀଯାନର ମାଲିକ ହୋଇଥିବା ନିୟମରେ ୪୩ ଜଣଙ୍କ ରାସନକାର୍ଡ କାଟି ଦେଇଛି ପ୍ରଶାସନ । ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଏହି ସୂଚନା ଦେଇଛନ୍ତି ।

# ରଥଯାତ୍ରା ପ୍ରସ୍ତୁତି ନେଇ ଦଇତାପତି ନିଯୋଗ ସହ ଏସପିଙ୍କ ସମନ୍ୱୟ ବୈଠକ

ପୁରୀ, (ସବ୍ୟୁ): ଆସନ୍ତା ଜୁଲାଇ ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୬ ର ସୁପରିଚାଳନା, ମହାପ୍ରଭୁଙ୍କ ନୀତି କାନ୍ତି ଶୃଙ୍ଖଳିତ ଭାବେ କିପରି ସମ୍ପାଦନ ହେବ ସେ ନେଇ ରବିବାର ପୁରୀ ପୋଲିସ ପକ୍ଷରୁ ଦଇତାପତି ନିଯୋଗ ସଦସ୍ୟମାନଙ୍କ ସହ ଏକ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା।



ବୈଠକରେ ପୁରୀ ଏସ୍‌ପି ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ରଥଯାତ୍ରା ସମୟରେ ଶ୍ରଦ୍ଧାଳୁମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଭକ୍ତମାନଙ୍କ ପାଇଁ ସୁଗମ ଦର୍ଶନ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ସେବାୟତ ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ, ଜରୁରୀକାଳୀନ ପରିସ୍ଥିତିରେ ତ୍ୱରିତ ପ୍ରତିକ୍ରିୟା ଏବଂ ରଥଯାତ୍ରାର ବିଭିନ୍ନ ନୀତିକାନ୍ତିର ସୁଚାରୁ ସମ୍ପାଦନ ସମ୍ପର୍କରେ ମତ ବିନିମୟ କରାଯାଇଥିଲା। ଏସ୍ପି ଶ୍ରୀ ଶ୍ରୀ ସିଂ ଦଇତାପତି ନିଯୋଗର ସହଯୋଗ ଓ ପରାମର୍ଶକୁ ରଥଯାତ୍ରା ପରିଚାଳନାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଓଡ଼ିଶା ନୁହେଁ ବରଂ ସମଗ୍ର ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥାର ପ୍ରତୀକ। ତେଣୁ ଏହି ମହାପର୍ବକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଓ ବିଭିନ୍ନ ନିଯୋଗମାନଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ଅତ୍ୟାବଶ୍ୟକ। ବୈଠକରେ ଉପସ୍ଥିତ ଦଇତାପତି ନିଯୋଗର ସଦସ୍ୟମାନେ ମଧ୍ୟ ରଥଯାତ୍ରାର ସୁପରିଚାଳନା ନିମନ୍ତେ ନିଜ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଆଗାମୀ ଦିନରେ ମଧ୍ୟ ପୋଲିସ ପ୍ରଶାସନ ଓ ଦଇତାପତି ନିଯୋଗ ମଧ୍ୟରେ ନିୟମିତ ସମନ୍ୱୟ ବୈଠକ ଜାରି ରହିବ। ସମସ୍ତ ଆବଶ୍ୟକ ପଦକ୍ଷେପ ସମୟ ପୂର୍ବରୁ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ କମାଣ୍ଡାଣ୍ଟ ତପସ ଦାସ, ଅତିରିକ୍ତ ଏସ୍ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଡିସି ଏସ୍ଏସ୍ଏମ୍ଏସ୍‌ଭି କୌଶିକ ନାୟକ, ଦୀପକ ଗଡନାୟକ ଏବଂ ପୁରୀ ପୋଲିସର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପୁରୀ ପୋଲିସ ପକ୍ଷରୁ ରଥଯାତ୍ରା-୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ଭକ୍ତମାନଙ୍କ ପାଇଁ ସ୍ମରଣୀୟ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଜୋର ଦାର ଭାବେ ଚାଲୁଅଛି।

# କୁଖ୍ୟାତ ଅପରାଧୀ କାଳିଆ ପଲେଇ ଗିରଫ

ପୁରୀ, (ସବ୍ୟୁ): ଟାଉନ୍ ଥାନା ପୋଲିସ ରବିବାର ଦିନ କୁଖ୍ୟାତ ଅପରାଧୀ ତଥା ଅସ୍ତ୍ର ଶସ୍ତ୍ର ବନ୍ଧୁକ ବ୍ୟବସାୟୀ କାଳିଆ ଓରଫ କୃଷ୍ଣଚନ୍ଦ୍ର ପଲେଇକୁ ଗିରଫ କରିଛି। କଳିଆକୁ ପୋଲିସ ଲୋକନାଥ ରୋଡ ଷଣ୍ଢ ଜାଗା ଛକ ନିକଟରେ ଗିରଫ କରିଛି। ଟାଉନ୍ ଥାନାରେ ଗତ ଫେବୃଆରୀ ମାସରେ ରୁଜୁ ହୋଇ ଥିବା ଏକ ମାମଲାରେ ସେ ପଚାଶ ହଜାର ଟଙ୍କାରେ ଏକ ପିସ୍ତଲ ଶିବାନୀ ମହାପାତ୍ର ନାମକ ଜଣେ ଯୁବକକୁ ବିକ୍ରି କରି ଥିଲା। ପୋଲିସ ପୂର୍ବରୁ ଏହି ମାମଲାରେ ଶିବାନୀ ଓ ଝୁଲୁ ମାଣିଆ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କାଳିଆ ଦୀର୍ଘ ଦିନ ଧରି ପୋଲିସ ଗିରଫ ଭୟରେ ଫେରାର ଥିଲା। ପୋଲିସ ଆଜି ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।




## ପରକୀୟା ପ୍ରୀତି ହେଲା କାଳ

# ସ୍ତ୍ରୀର ହତ୍ୟାକାରୀ ସାଜିଲା ସ୍ୱାମୀ, ନଦୀକୂଳରୁ ଜବତ ହେଲା ଶବ

ଚୌଦ୍ୱାର,(ସ.ବ୍ୟୁ.) : ଟାଙ୍ଗୀ ଥାନା ଅନ୍ତର୍ଗତ ଭଟିମୁଣ୍ଡା ପଞ୍ଚାୟତ ମେଣ୍ଢାଖାଇ ନଦୀ କୂଳରୁ ଜଣେ ମହିଳାଙ୍କର ପୋତା ହୋଇଥିବା ମୃତଦେହକୁ ଟାଙ୍ଗୀ ପୁଲିସ୍ ଉଦ୍ଧାର କରିଛି । ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ଥାନା ଗରାମ ଗ୍ରାମର ସଂଯୁକ୍ତା ସେଠୀ ତାଙ୍କ ଝିଅ ବନିତା ସେଠୀ କେଉଁଆଡ଼େ ନିଖୋଜ ନେଇ ଟାଙ୍ଗୀ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ମେଣ୍ଢାଖାଇ ନଦୀ କୂଳରେ ବନିତା ଓ ତାଙ୍କର ସମ୍ପର୍କୀୟ ଭାଣିଜୀ ଗାଧୋଇବାକୁ ଯାଇ ବନିତା ନିଖୋଜ ହୋଇଯିବା ନେଇ ସଂଯୁକ୍ତାଙ୍କ ଅଭିଯୋଗ ପରେ ପୁଲିସ୍ ତଦନ୍ତ ଘଟଣା ସ୍ଥଳକୁ ଯାଇ ସେଠାରେ ନଦୀରେ ପାଣି ବହୁତ କମ୍ ଥିବା ସହ ବନିତାଙ୍କ ଚପଲ ପଡ଼ିଥିବା ଦେଖି ପୁଲିସ୍‌ର ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ମୃତ ବନିତାଙ୍କ ସ୍ୱାମୀ ମଳୟ ସାମଲ ଓରଫ ବାବୁଙ୍କ ଉପରେ ପୁଲିସ୍‌ର ସନ୍ଦେହ ଆସିବାରୁ ଶନିବାର ରାତିରେ ପୁଲିସ୍ ମଳୟକୁ ଥାନାକୁ ଆଣି ପଚରାଉଚୁରା କରିବାରୁ ସେ ପ୍ରଥମେ ବିଭିନ୍ନପ୍ରକାର ବିଭ୍ରାନ୍ତକର ତଥ୍ୟ ଦେବା ସହ ଗ୍ରାମର କିଛି ଯୁବକଙ୍କ ନାମ କହି ପୁଲିସ୍‌କୁ ଭୁଆଁ ବୁଲାଇଥିଲା । ପରେ ନିଜେ ଏକାକୀ ହତ୍ୟା କରିଛି ବୋଲି ପୁଲିସ୍ ଆଗରେ ମାନିବା ସହ ଭଟିମୁଣ୍ଡାର ମୁଖ୍ୟରାସ୍ତା ଠାରୁ ଏକ କିଲୋମିଟର ଦୂରରେ ଥିବା ମେଣ୍ଢାଖାଇ ନଦୀପଠାରେ ମୃତଦେହକୁ ପୋତିଥିବା ସ୍ଥାନକୁ ନେଇ ପୁଲସ୍‌ଙ୍କୁ ଦେଖାଇଥିଲା । ପରେ ସନ୍ଧାନୀ କୁକୁର ଓ ସାଇନ୍ଟିଫିକ୍ ଟିମ୍ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ସେଠୀ, ମାଜିଷ୍ଟ୍ରେଟ୍ ଡଃ ପ୍ରଜ୍ଞାପରମିତା ପଣ୍ଡା ଉକ୍ତ ସ୍ଥାନରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ଅଭିଯୁକ୍ତ ମଳୟ ଦୁଇବର୍ଷ ତଳେ ବନିତାଙ୍କୁ ତାଙ୍କ ଗ୍ରାମର ଏକ ମନ୍ଦିରରେ ପ୍ରେମ ବିବାହ କରି କିଛିଦିନ ହେବ ଟାଙ୍ଗୀ ଟିକରାରେ ଏକ ଘରଭଡ଼ା ନେଇ ରହିଆସୁଥିଲା । ବନିତା ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ବେଳେ ମଳୟ ରାଜମିସ୍ତ୍ରୀ ଭାବେ କାମ କରୁଥିଲା । କିଛିଦିନ ତଳେ ମଳୟ ନିଜର ସମ୍ପର୍କୀୟ ଭାଣିଜୀ ପରିଚୟ ଦେଇ ଜଣେ ଝିଅକୁ ଆଣି ତାଙ୍କ ଘରେ ରଖିଥିଲା । ଉକ୍ତ ଝିଅସହ ସ୍ୱାମୀଙ୍କର ପରକୀୟା ପ୍ରୀତିକୁ ନେଇ ବନିତା ସନ୍ଦେହ କରିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ବନିତା ପୂର୍ବରୁ ଟ୍ରିମସ୍ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ । ପୁଲିସ୍ ଦୁଇ ପକ୍ଷଙ୍କୁ ଡାକି ସମାଧାନ କରାଇଥିବା ବେଳେ ଭାଣିଜୀଙ୍କ ସହ ମଳୟର ସମ୍ପର୍କକୁ ନେଇ ବନିତାଙ୍କୁ ଏପରି ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ପ୍ରକାଶ କରିଛନ୍ତି । ଆଶ୍ଚର୍ଯ୍ୟର କଥା ବନିତା ଓ ଭାଣିଜୀ ଗାଧୋଇବା ପାଇଁ ଯାଇଥିବା ବେଳେ ବନିତାଙ୍କୁ ତାଙ୍କ ସ୍ୱାମୀ ମାରି ପୋତି ଦେଇଥିବା ବେଳେ ତାଙ୍କ ଭାଣିଜୀ ସଙ୍ଗେ ସଙ୍ଗେ ଘରକୁ ଫେରି କେଉଁଆଡ଼େ ଫେରାର ହୋଇଯିବା ଘଟଣା ପୁଲିସ୍ ମନରେ ପ୍ରଥମେ ସନ୍ଦେହ ସୃଷ୍ଟି କରିଥିଲା । ନଦୀକୂଳ ପଠାରୁ ମୃତଦେହକୁ ଉଦ୍ଧାର କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିବା ସହ ପରବର୍ତ୍ତି ଅବସ୍ଥାରେ ଅଧିକ ତଦନ୍ତ ପାଇଁ ମଳୟକୁ ରିମାଣ୍ଡରେ ଅଣାଯାଇ ସିନ୍ ରିକ୍ରିଏସନ୍ କରାଯିବା ନେଇ ଘଟଣାର ତଦନ୍ତକାରୀ ଅଧିକାରୀ ଏସ୍‌ଡିପିଓ ଶ୍ରୀ ନାୟକ ପ୍ରକାଶ କରିଛନ୍ତି ।

## ଆଇସିଏମଏଆଇ ଭୁବନେଶ୍ୱର ଚାପ୍ଟରର ବାର୍ଷିକ ସାଧାରଣ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଦି ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୫୭ତମ ବାର୍ଷିକ ସାଧାରଣ ସଭା ରବିବାର ଦିନ ନୟାପଲ୍ଲୀସ୍ଥିତ ସିଏମଏ ଭବନରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ସାଧାରଣ ସଭା ପରେ ନବଗଠିତ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୦୨୬-୨୭ କାର୍ଯ୍ୟକାଳ ପାଇଁ ସିଏମଏ ଅବିନାଶ କୋଟନିଙ୍କୁ ଅଧ୍ୟକ୍ଷ, ସିଏମଏ ସତ୍ୟ ସୁନ୍ଦର ମହାସୁଆରଙ୍କୁ ଉପାଧ୍ୟକ୍ଷ, ସିଏମଏ ଅଜୟ କୁମାର ସାମଲଙ୍କୁ ସମ୍ପାଦକ ଏବଂ ସିଏମଏ ସୌମ୍ୟ ରଞ୍ଜନ ଜେନାଙ୍କୁ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷ ସିଏମଏ ଶରତ କୁମାର ବେହେରା ନବନିର୍ବାଚିତ ଅଧ୍ୟକ୍ଷ ସିଏମଏ ଅବିନାଶ କୋଟନିଙ୍କୁ ଔପଚାରିକ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମଏ ଦାମୋଦର ମିଶ୍ର, ଆଇସିଏମଏଆଇ-ଇଆଇଆରସିର ଉପାଧ୍ୟକ୍ଷ ଏବଂ ଚାପ୍ଟରର ପରିଚାଳନା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ୫୭ତମ ବାର୍ଷିକ ସାଧାରଣ ସଭା ଓ ୨୦୨୬-୨୭ ବର୍ଷ ପାଇଁ ପରିଚାଳନା କମିଟିର ପ୍ରଥମ ବୈଠକ ଶୃଙ୍ଖଳିତ ଏବଂ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ନବନିର୍ବାଚିତ ଟିମ୍ ପେଶାଗତ ଉତ୍କୃଷ୍ଟତା, ସଦସ୍ୟ ସମ୍ପୃକ୍ତି, ଦକ୍ଷତା ବିକାଶ ଏବଂ ଜ୍ଞାନ ବିନିମୟ କାର୍ଯ୍ୟକ୍ରମକୁ ଆହୁରି ସୁଦୃଢ଼ କରିବା ପାଇଁ ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି।

# ରାଜ୍ୟପାଳଙ୍କ ପ୍ରଥମ ମହିଳା ଏଡିସି ଅନନ୍ୟା ଅୱସ୍ତି ନିଯୁକ୍ତ

ଭୁବନେଶ୍ୱର(ସବ୍ୟୁ): ଓଡିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆଇପିଏସ୍ ଅଧିକାରୀ




ଅନନ୍ୟା ଅୱସ୍ତିଙ୍କୁ ରାଜ୍ୟପାଳଙ୍କ ଏଡିସି (ପୋଲିସ) ଭାବେ ନିଯୁକ୍ତି ଦେଇଛନ୍ତି । ଅନନ୍ୟା ଅୱସ୍ତି ଓଡିଶା ରାଜ୍ୟପାଳଙ୍କ ସମ୍ମାନଜନକ ଏଡିସି ପଦବୀରେ ନିଯୁକ୍ତ ହେବାରେ ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ । ରବିବାର ଲୋକଭବନରେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମରେ ରାଜ୍ୟପାଳ ଅନନ୍ୟା ଅୱସ୍ତିଙ୍କୁ ନୂତନ ପୋଲିସ ଏଡିସି ଭାବରେ ସ୍ୱାଗତ କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ନିଯୁକ୍ତି ପୂର୍ବରୁ ଅନନ୍ୟା ଅୱସ୍ତି କଟକରୟୁପିଡିର ଆସିଷ୍ଟାଣ୍ଟ ପୋଲିସ କମିଶନର (ଏସିପି) ଭାବରେ କାର୍ଯ୍ୟରତ ଥିଲେ ।

ଓଡିଶାର ରାଜ୍ୟପାଳଙ୍କ ଏଡିସି ଭାବରେ କାର୍ଯ୍ୟ କରିବାରେ ପ୍ରଥମ ମହିଳା ଭାବରେ ତାଙ୍କର ନିଯୁକ୍ତି ସାର୍ବଜନୀନ ସେବାରେ ମହିଳାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଅନନ୍ୟା ଅୱସ୍ତି ଆଇପିଏସ୍ ଅଧିକାରୀ କୁଲଦୀପ ମୀନାଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି । ରାଜ୍ୟପାଳଙ୍କ ବିଭିନ୍ନ ସରକାରୀ କାର୍ଯ୍ୟ, ଆନୁଷ୍ଠାନିକ ସମାରୋହ ଏବଂ ଅନ୍ୟାନ୍ୟ ପ୍ରୋଟୋକଲ-ସମ୍ବନ୍ଧୀୟ କର୍ତ୍ତବ୍ୟ ନିର୍ବାହ ସମୟରେ ରାଜ୍ୟପାଳଙ୍କୁ ସହାୟତା କରିବାରେ ଏଡିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଦୁଇଜଣ ଏଡ଼ିସିଙ୍କ ମଧ୍ୟରେ ଜଣେ ଭାରତୀୟ ନୌସେନାର ଏବଂ ଅନ୍ୟ ଜଣେ ପୋଲିସ ଅଧିକାରୀ ଅଟନ୍ତି । ଅନନ୍ୟା ଅୱସ୍ତି ପୋଲିସ ଏଡିସି ଭାବରେ କାର୍ଯ୍ୟ କରିବେ ଏବଂ ଭାରତୀୟ ନୌସେନାର ଲେଫଟେନାଣ୍ଟ ହର୍ଷିତ ଦେଓ ରାଜ୍ୟପାଳଙ୍କ ନୌସେନା ଏଡିସି ଭାବରେ କାର୍ଯ୍ୟରତ ଅଛନ୍ତି ।

## ବେକରେ ରଶିଲଗାଇ ମହିଳାଙ୍କ ଆତ୍ମହତ୍ୟା

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା କ୍ଷେତ୍ରପାଳ ଗ୍ରାମରେ ଜଣେ ବୟସ୍କ ମହିଳା ନିଜ ଘରେ ରାଶିଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ରବିବାର ଅପରାହ୍ନ ପ୍ରାୟ ୪ଟା ସମୟରେ କ୍ଷେତ୍ରପାଳ ଗ୍ରାମର ପ୍ରକାଶ ଚନ୍ଦ୍ର ସେନାପତିଙ୍କ ପତ୍ନୀ ପୁଷ୍ପଲତା ମହାପାତ୍ର(୫୦) କୌଣସି କାରଣ ବସତ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଖବର ପାଇ ଧର୍ମଶାଳା ପୁଲିସ ଏଏସଆଇ ପ୍ରତାପ ଚନ୍ଦ୍ର ଦେବତା ସେଠାରେ ପହଂଚି ଫଂଚନାମା କରିବା ସହିତ ମୃତଦେହକୁ ଜବତ କରି ଧର୍ମଶାଳା ଡାକ୍ତରକାନାକୁ ଆଣିଥିବା ଜଣାପଡିଛି। ତେବେ ପୁଷ୍ପଲତା ହଠାତ କଣ ପାଇଁ ଏଭଳି ଚରମ ନିଷ୍ପତି ନେଲେ ତାହା ରହସ୍ୟ ହୋଇ ରହିଥିବା ବେଳେ ସେ ଜଣେ ମାନଶିକ ରୋଗୀ ଥିବା ନେଇ ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୪ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# ଓଡ଼ିଶାର ବେଲପଣା, ସୁସ୍ୱାଦୁ ଆମ୍ବକୁ ଦେଶରେ ଲୋକପ୍ରିୟ କରାଇଲେ ମୋଦିଜୀ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପ୍ରତିଥର ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ୧୩୪ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ସମାଜ ଏବଂ ଜାତୀୟ ଜୀବନ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋକପାତ କରିଥିଲେ। କ୍ରୀଡ଼ା, ଜ୍ଞାନ ଓ ବିଜ୍ଞାନରେ ଭାରତର ସଫଳତା ଉପରେ କହିଥିଲେ। ସବୁଥର ପରି ଚଳିତଥର ମଧ୍ୟ "ମନ କି ବାତ୍"ରେ ମୋଦିଜୀ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରୁ ୨୦୦ ଓ ୪୦୦ ମିଟର ଦୌଡରେ ପ୍ରତିନିଧିତ୍ୱ କରୁଥିବା ଜାତୀୟ ରେକର୍ଡଧାରୀ ଅନିମେଶ କୁଜୁର ବିଷୟରେ ମୋଦିଜୀ କହି ଯୁବବର୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ



ଅଗ୍ରସର ହେବାକୁ ଉତ୍ସାହିତ କରିଛନ୍ତି। ଓଡ଼ିଶାର ବେଲପଣା ଓ ସୁସ୍ୱାଦୁ ଆମ୍ବର "ମନ କି ବାତ" କାର୍ଯ୍ୟକ୍ରମରେ ପ୍ରଶଂସା କରି ଏହାକୁ ସାରା ଦେଶରେ ମୋଦିଜୀ ଅଧିକ ଲୋକପ୍ରିୟ କରାଇଛନ୍ତି। ବିଶେଷ କରି ବେଲ ପଣାକୁ ଭାରତ ପରମ୍ପରା ସହ ଯୋଡି ଓଡ଼ିଶାବାସୀଙ୍କୁ ଗର୍ବିତ କରିଛନ୍ତି। ମୋଦିଜୀଙ୍କ ପ୍ରଶଂସା ଓଡ଼ିଶାର ଆମ୍ବ ଚାଷୀଙ୍କୁ ଅଧିକ ଚାଷ କରି ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ମଜଭୁତ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆଜି ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୩୧ ଓ ୧୩୨ ତମ ବୁଥ୍ କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ଶହୀଦ ସ୍ପୋର୍ଟି କ୍ଲବରେ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର, ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଶ୍ରୀ ଜଗନ୍ନାଥ ପ୍ରଧାନ ଓ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଶ୍ରୀ ଅଭିଳାଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଏଏସ୍‌ରେ ସଫଳ ବିଶ୍ୱବିଜୟିନୀଙ୍କୁ ବିପୁଳ ସମ୍ବର୍ଦ୍ଧନା

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧିନ ବଟେଶ୍ୱର ଗ୍ରାମର ଛୋଟ ବ୍ୟବସାୟୀ ସ୍ୱର୍ଗତ ରମେଶ ଜେନା ଓ ଅଙ୍ଗନଓ୍ୱାଡି କର୍ମୀ ପଦ୍ମିନୀ ଜେନାଙ୍କ ବଡଝିଅ ବିଶ୍ୱବିଜୟିନୀ ଓଏଏସ ପାଇବା ପରେ ପ୍ରଥମ କରି ଶୁକ୍ରବାର ଭୁବନେଶ୍ୱରରୁ ଘରକୁ ଫେରିଛନ୍ତି । ପ୍ରଥମେ ଗ୍ରାମବାସୀମାନେ ବାଜା ବଜାଇ ଏକ ଶୋଭାଯାତ୍ରାରେ ଘର ପର୍ଯ୍ୟନ୍ତ ନେଇଥିଲେ । ପହଞ୍ଚିବା ମାତ୍ରେ ସେ ତାଙ୍କର ପ୍ରେରଣାଦାତା,ଆଦର୍ଶ ସ୍ୱର୍ଗତ ବାପାଙ୍କ ସମାଧି ନିକଟକୁ ଯାଇ ଲୁହ ଗଡାଇ ଫୁଲମାଳ ଦେଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ପରେ ମା ଓ ଗୁରୁଜନ ମାନଙ୍କୁ ପ୍ରଣାମ ଜଣାଇବା ପରେ ତାଙ୍କୁ ଅପେକ୍ଷା କରି ରହିଥିବା ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ନିକଟରୁ ସମ୍ମାନ ଓ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ,ସ୍ଥାନୀୟ ସରପଞ୍ଚ ପ୍ରତିନିଧି ରାମଚନ୍ଦ୍ର ବିଶ୍ୱାଳ,ସ୍କୁ,ରା ସମିତିସଭ୍ୟ ନିଳିନୀ ସାହୁ,ମହତୀପୁର ସମିତିସଭ୍ୟା ପ୍ରତିନିଧି ରମାକାନ୍ତ ମହାରଣା ପ୍ରମୁଖ ତାଙ୍କୁ ଭେଟି ମିଠା ଖୁଆଇବା ସହ ସମ୍ବର୍ଦ୍ଧିତ କରିଥିଲେ । ଗଣମାଧ୍ୟମକୁ ଭେଟିୟୁପିଏସି ପାଇଁ ପ୍ରସ୍ତୁତ ହେଉଥିଲେ । ପ୍ରଥମ ପ୍ରୟାଶରେ ଓପିଏସିରେ ସଫଳତା ମିଳିଛି ଏବଂୟୁପିଏସି ପାଇଁ ତାଙ୍କର ଲକ୍ଷ୍ୟ ରହିଛି ବୋଲି କହିଥିଲେ । ବାପା ମା,ପରିବାର ଲୋକଙ୍କ ଆଶିର୍ବାଦ ଏବଂ ଗ୍ରାମବାସୀଙ୍କ ଭଲପାଇବା ଆଗାମୀ ଲକ୍ଷ୍ୟରେ ପହଞ୍ଚିବାକୁ ଶକ୍ତି ଯୋଗାଇବ ବୋଲି କହିଥିଲେ ।

# ଚର୍ମ ସ୍ୱାସ୍ଥ୍ୟ ସଚେତନତା ଚିକିତ୍ସା ଶିବିର



କଟକ, (ସ୍ୱପ୍ର): ସୁଦର୍ଶନ ଜେନା ମେମୋରିଆଲ ଫାଉଣ୍ଡେସନ ଏବଂ ହ୍ୱାଇଟ ଉଇଙ୍ଗ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ କଟକର ମହାନଦୀବିହାରରେ ଏକ ଚର୍ମ ସ୍ୱାସ୍ଥ୍ୟ ସଚେତନତା ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଏହି ଅବସରରେ ଚର୍ମ ରୋଗ ସମ୍ପର୍କିତ ସଠିକ୍ ସଚେତନତା ସୃଷ୍ଟି କରିବା ସହିତ, ରୋଗୀମାନଙ୍କୁ ନିଶୁଳ୍କ ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା । ଏଥିସହ ଆଇଏଡିଭିଏଲ ଓଡିଶା ପକ୍ଷରୁ ଚାଲିଥିବା ଆଣ୍ଟି କ୍ୱାକେରୀ (ଭୁଆ ଚିକିତ୍ସା ବିରୋଧୀ) ଅଭିଯାନ ବିଷୟରେ ଗଣମାଧ୍ୟମକୁ ଅବଗତ କରାଯାଇଥିଲା । ଏଥିରେ ସାଧାରଣ ଲୋକଙ୍କୁ କେବଳ ଯୋଗ୍ୟ ଚର୍ମରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ଆହ୍ୱାନ ଦିଆଯାଇଥିଲା । ଆଇଏଡିଭିଏଲ ଓଡିଶାର ସଭାପତି ଡ଼ା. ମନୋଜ ରାମ ଚର୍ମ ରୋଗ ସମ୍ପର୍କିତ ଅନେକ ଦରକାରୀ ତଥ୍ୟ ଉପରେ ଉପସ୍ଥିତ ଜନତାଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

### କଂଗ୍ରେସକୁ ରାଜା ସାମନ୍ତରାୟଙ୍କ ଘର ବାହୁଡା

# ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି, କଂଗ୍ରେସକୁ ରୋକିବା ଅସମ୍ଭବ : ଭକ୍ତ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ପିପିଲି ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ପୁତ୍ର, ଲୋକପ୍ରିୟ ଯୁବନେତା ପ୍ରିୟବ୍ରତ (ରାଜା) ସାମନ୍ତରାୟ ଆଜି ହଜାର ହଜାର କର୍ମୀଙ୍କ ସହ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ଏକ ବାଇକ ରେଲି ଯୋଗେ ମିଶ୍ରଣ ପର୍ବ ସମାବେଶ ସ୍ଥଳୀକୁ ଯାଇଥିଲେ । ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ହଜାର ହଜାର କଂଗ୍ରେସ କର୍ମକର୍ତ୍ତା ତଥା ସମର୍ଥକଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟ କେବଳ କଂଗ୍ରେସ ନୁହଁ ସାରା ରାଜ୍ୟର ରାଜନୀତି ଜଗତର ଜଣେ ପ୍ରଥିତଯଶା ପୁରୁଷ । ସ୍ୱର୍ଗତ ସାମନ୍ତରାୟଙ୍କ ସୁପୁତ୍ର ରାଜା ସାମନ୍ତରାୟ କଂଗ୍ରେସ ପରିବାରର ସଦସ୍ୟ କ୍ଷ ହୁଏତ ସେ ଦଳ ଛାଡି ଚାଲି ଯାଇଥିଲେ ପ୍ରତ୍ୟାବର୍ତ୍ତନ କରିବ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଥିଲେ ।

ନିଜ ବ୍ୟକ୍ତବ୍ୟରେ ପ୍ରିୟବ୍ରତ ସାମନ୍ତରାୟ କହିଲେ, ତାଙ୍କ ହୃଦୟରେ ସବୁବେଳେ କଂଗ୍ରେସ ଥିଲା, ଅଛି ଏବଂ ରହିବ । କଂଗ୍ରେସ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବରେ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳକୁ ଶକ୍ତିଶାଳୀ କରିବି ତଥା ଅଞ୍ଚଳ ଜନତାଙ୍କ ସୁଖ ଦୁଃଖରେ



ସହ ପ୍ରଭାରୀ ଜେଟ୍ଟୀ କୁସୁମ କୁମାର, ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ସୁଜିତ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ଦାଶ ତାଙ୍କୁ ପୁଷ୍ପମାଲ୍ୟ ଦେଇ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ ।

ସମାବେଶରେ ଉପସ୍ଥିତ କିନ୍ତୁ କଂଗ୍ରେସ ସବୁବେଳେ ତାଙ୍କୁ ଆପଣାର ଚିନ୍ତା କରିଛି । ରାଜା ବାବୁଙ୍କ ଘର ବାହୁଡ଼ା ପିପିଲି ତଥା ଅଞ୍ଚଳରେ କଂଗ୍ରେସର ପତିଆରା ନିଶ୍ଚୟ ବୃଦ୍ଧି ପାଇବ ବୋଲି କହିଥିଲେ । ରାଜା ବାବୁଙ୍କ ଘର ବାହୁଡ଼ା ରାଜ୍ୟରେ କଂଗ୍ରେସର ବୃଦ୍ଧି ପାଉଥିବା ଲୋକପ୍ରିୟତା ଦର୍ଶାଉଛି । ସାଧାରଣ ଜନତା ବିଜେପି ଓ ବିଜେଡିର କୁଶାସନରେ ଅତିଷ୍ଠ ହୋଇ ଗଲେଣି କ୍ଷ ଆଗାମୀ ଦିନରେ କଂଗ୍ରେସର ଯୁଗ ପୁଣି ଭାଗିଦାର ହୋଇ ଅଧିକାର ପାଇଁ ଲଢ଼ିବି ବୋଲି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ପିସିସି ମିଡ଼ିଆ ବିଭାଗ ଅଧକ୍ଷ ଅରବିନ୍ଦ ଦାସ, କଂଗ୍ରେସ ଜିଲ୍ଲା ସଭାପତି ରାଜେଶ ମିଶ୍ର, କୃଷକ ସେଲ ଅଧକ୍ଷ ଅଭୟ ସାହୁ, କଂଗ୍ରେସ ନାରୀ ନେତ୍ରୀ ନିରୁପମା ପାତ୍ର, ନାରୀ ନେତ୍ରୀ ଶିଳ୍ପୀଶ୍ରୀ, ଯୁବ କଂଗ୍ରେସ ନେତା ମିଳନ ପଟ୍ଟନାୟକ ପ୍ରମୁଖ ଏବଂ ହଜାର ହଜାର କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ ।

### ମହାନଦୀରେ ଉପଲବ୍ଧ ଜଳ ରାଶି ସମ୍ପର୍କରେ ଚିନ୍ତନ ବୈଠକ

# ଭୁବନେଶ୍ୱରରେ ଆୟୋଜିତ ହେବ ମାନବ ଶୃଙ୍ଖଳ

ଭୁବନେଶ୍ୱର (ସବ୍ୟୁ): ମାନନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ମହାନଦୀରେ ଉପଲବ୍ଧ ଜଳରାଶି ପ୍ରସଙ୍ଗରେ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ସମସ୍ତ ରାଜନୈତିକ ଦଳ ବିଜୁ ଜନତା ଦଳ, କଂଗ୍ରେସ, ସିପିଏମ, ସିପିଆଇ, ଫରୱାର୍ଡ ବ୍ଲକ, ଏସ ୟୁ ସି ଆଇ, ସି ପି ଆଇ ଏମ (ଏଲ ), ଓଡିଶା ଜନତା କଂଗ୍ରେସ ପାର୍ଟି, ସମତା କ୍ରାନ୍ତି, ରାଷ୍ଟ୍ରୀୟ ଜନତା ଦଳ ର ନେତା ମାନଙ୍କ ସମେତ ଅନେକ ବିଶେଷଜ୍ଞ, ପୂର୍ବତନ ଯନ୍ତ୍ରୀ, ପ୍ରଶାସକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ପୁଲିସ ଡି ଜି ଅମୀୟ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଚିନ୍ତନ ଶିବିରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମହାବାଦୀ ଟ୍ରିବୁନାଲ ନିକଟରେ ଦାଖଲ ହୋଇଥିବା ତଥ୍ୟ ବା ଡାଟାକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ ଯନ୍ତ୍ରୀ ଓ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି । ଛତିଶଗଡ଼ ମହାବାଦୀର ପ୍ରବାହକୁ ଯେଉଁଭଳି ରୋକି ଦେଇଛି ତାହା ଚିନ୍ତାର କାରଣ, କେବଳ ଓଡିଶା ପାଇଁ ନୁହେଁ ମହାନଦୀର ନିରନ୍ତର ପ୍ରବାହର ସୁରକ୍ଷା ପାଇଁ ମଧ୍ୟ । ପୂର୍ବତନ ଜଳ ସେଚନ ମନ୍ତ୍ରୀ




ନିରଞ୍ଜନ ପଟ୍ଟନାୟକ କହିଲେ ଯେ ହୀରାକୁଦ ତଳେ ମହାନଦୀରେ ଜଳସଂରକ୍ଷ ପାଇଁ ଓଡିଶା ସରକାର ଆନ୍ତରିକ ଚେଷ୍ଟା କରିବା ଦରକାର। ବିଜେଡି ବିଧାୟକ ତଥା ମହାନଦୀ ଜଳ ବିବାଦର ସାନଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚ ସ୍ତରୀୟ କମିଟିର ସଦସ୍ୟ । ନିରଞ୍ଜନ ପୂଜାରୀ ଆପୋଷ ଆଲୋଚନା ମାଧ୍ୟମରେ ଜଳ ବିବାଦର ସମାଧାନ କଥା ସରକାର କହିଥିଲେ । କିନ୍ତୁ ଏ ଦିଗରେ କମିଟି ସେମିତି କିଛି ଅଗ୍ରଗତି କରି ପାରିନାହିଁ । ଏପରିକି ଯେଉଁ ତଥ୍ୟ ଟ୍ରିବୁନାଲ ନିକଟରେ ଦାଖଲ ହୋଉଛି ତାକୁ ମଧ କମିଟିର ସଦସ୍ୟ ମାନଙ୍କୁ ଅବଗତ କରା ଯାଇନାହିଁ । ବରିଷ୍ଠ ସାମ୍ବାଦିକ ରବି ଦାସ ମହାନଦୀ ସମ୍ପ୍ରତି ଯେଉଁ ସ୍ଥିତିରେ ପହଂଚିଛି ତାର ପ୍ରତିକାର ଯଦି କରା ନଯାଏ ତେବେ ସମୟ ଆସିବ ଓଡ଼ିଶାର ଅର୍ଦ୍ଧାଧିକ ଅଞ୍ଚଳ ମରୁଭୂମି ପାଲଟିଯିବ । ପୂର୍ବତନ ବରିଷ୍ଠ ପ୍ରଶାସଜ ଶ୍ରୀ ସଂଜୀବ ହୋତା ଓ ଅରବିନ୍ଦ ବେହେରା ଜଳରାଶି ସଂକ୍ରାନ୍ତୀୟ ତଥ୍ୟକୁ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । କଂଗ୍ରେସ ଦଳର ନେତା ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂହ ସାଲୁଜା ମହାନଦୀ ଓ ଓଡିଶା ବାସୀଙ୍କ ସୁରକ୍ଷା ପାଇଁ ମହାନଦୀ ବଞ୍ଚାଓ ଆନ୍ଦୋଳନର କାର୍ଯ୍ୟକ୍ରମ କୁ ପୂର୍ଣ୍ଣ ସନର୍ଥନ ଦେବ ବୋଲି ଘୋଷଣା କରିଥିଲେ । ପୂର୍ବତନ ମନ୍ତ୍ରୀ ପଞ୍ଚାନନ ଜାନୁନଗୋ, ବିଶିଷ୍ଟ ଓକିଲ ଶିବାନନ୍ଦ ରାୟ, ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ଶ୍ରୀ ରମେଶ ତ୍ରିପାଠୀ, ଭାରତୀୟ ଭୂଲତତ୍ତ୍ୱ ବିଭାଗର ପୂର୍ବତନ ଉପ ମହାନିର୍ଦ୍ଦେଶକ ଡ଼ ଶୁଭ୍ରାଂଶୁ ରାୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସୂର୍ଯ୍ୟ ନାୟକ ପ୍ରମୁଖ ସେମାବାଙ୍କ ବକ୍ତବ୍ୟରେ ଅଣ ମୌସୁମୀ ସମୟରେ ଓଡ଼ିଶାର ପାଣିର ଆବଶ୍ୟକତା କୁ ଅଣଦେଖା କରାଯିବା ଉଚିତ ନୁହଁ ବୋଲି କହିଥିଲେ । ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ କେବଳ ମହାନଦୀ ନୁହଁ ଓଡ଼ିଶାର ସମସ୍ତ ନଦୀ ଗୁଡିକର ସୁରକ୍ଷା ପାଇଁ ପ୍ରୟାସ ନେବାକୁ ନିବେଦନ ରଖିଥିଲେ । ଶେଷରେ ସର୍ବ ସମ୍ମତି କ୍ରମେ ତିନୋଟି ପ୍ରସ୍ତାବ ପାରିତ ହୋଇ ଥିଲା। ମହାନଦୀରେ ପ୍ରକୃତରେ କେତେ ପାଣି ବାସ୍ତବରେ ଉପଲବ୍ଧ ତାକୁ ନେଇ ଦିଲ୍ଲୀରେ ଏକ ଜାତୀୟ ସ୍ତରୀୟ ବିଶେଷଜ୍ଞ ମାନଙ୍କ ସମ୍ମିଳନୀ ଆୟୋଜିତ ହେବ । ବିଜେପି ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରେ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଗସ୍ତ ପୂର୍ବରୁ ମହାନଦୀର ସୁରକ୍ଷା ପାଇଁ ହବନେଶ୍ୱର ରେ ଏକ ମାନବ ଶୃଙ୍ଖଳ ଆୟୋଜିତ ହେବ । ତୃତୀୟରେ ନଦୀ କୁଳିଆ ଜିଲ୍ଲା ଗୁଡିକରେ ମହାନଦୀ ବଞ୍ଚାଓ ସମ୍ମିଳନୀ ମାନ ଆୟୋଜନ ସହିତ ମହାନଦୀ ଯାତ୍ରା ଆୟୋଜିତ ହେବ ।

### ଭାଷା ଆନ୍ଦୋଳନ ଓ ଉତ୍କଳ ସାମ୍ବାଦିକ ସଙ୍ଘ ତରଫରୁ ନାଗରିକ ସମ୍ବର୍ଦ୍ଧନା

# ଜନ ଜାଗରଣ ଭାଷାକୁ ସମୃଦ୍ଧ କରେ : ପଦ୍ମଶ୍ରୀ ମହେନ୍ଦ୍ର ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ପ୍ରାବନ୍ଧିକ, ଲୋକସଂସ୍କୃତି ଗବେଷକ ପଦ୍ମଶ୍ରୀ ଡ. ମହେନ୍ଦ୍ର କୁମାର ମିଶ୍ର ଙ୍କ ଗବେଷଣାତ୍ମକ ସାହିତ୍ୟକୃତି ୧୯୯୯ ବର୍ଷ ପାଇଁ ଆଣି ଦେଇଥିଲା ସମ୍ମାନଜନକ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର । 'କଳାହାଣ୍ଡିର ଲୋକସଂସ୍କୃତି',



ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି, ଲୋକସଂସ୍କୃତି ପରିକ୍ରମା ଏବଂ ଫୋକ୍ ସଂଗ୍ ଅଫ୍ କଳାହାଣ୍ଡି ତାଙ୍କର ପ୍ରମୁଖ ସାହିତ୍ୟ କୃତି । ପଦ୍ମଶ୍ରୀ ଡ. ମିଶ୍ର ଓଡ଼ିଆ ଭାଷା ସାହିତ୍ୟର ଗବେଷକ ଭାବେ ଦଶନ୍ଧି ଦଶନ୍ଧି ଧରି ଭାଷା, ସାହିତ୍ୟ ଓ ଲୋକ ସଂସ୍କୃତିର ପୂଜାରୀ ଭାବରେ ନିରବ ସାଧନା ଜାରୀ ରଖିଛନ୍ତି। ଚଳିତ ବର୍ଷ ପାଇଁ ଭାରତ ସରକାର ଭାଷା ତପସ୍ୱୀ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ଦେଶର ଅନ୍ୟତମ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଶ୍ରୀ' ଉପାଧିରେ ବିଭୂଷିତ କରିଛନ୍ତି । ଗତ ୨୫ ତାରିଖରେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କଲାପରେ ଡ. ମିଶ୍ର ପ୍ରଥମ ଥର ପାଇଁ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି । ତାଙ୍କର ବ୍ୟସ୍ତ ବହୁଳ ଗସ୍ତ କାର୍ଯ୍ୟକ୍ରମ ମଧ୍ୟରେ ଭାଷା ଆନ୍ଦୋଳନ,ଓଡିଶା ଓ ଉତ୍କଳ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଏକ ନାଗରିକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସମ୍ବର୍ଦ୍ଧନା ଅବସରରେ ଡଃ. ମିଶ୍ର କହିଥିଲେ କି, ଭାଷାକୁ ସମୃଦ୍ଧ କରିବାକୁ ହେଲେ ବ୍ୟପକ ଜନଜାଗରଣ ସହ ପାରସ୍ପର ମଧ୍ୟରେ ଥିବା ବୌଦ୍ଧିକ ସଂକିର୍ଣତା ଦୂର କରିବାକୁ ହେବ। ଭାଷା ଆନ୍ଦୋଳନ ସଭାପତି ଜାନକୀଶ ବଡ଼ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଅଧକ୍ଷ ଇଂ . ଚକ୍ରଧର ମହନ୍ତ ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିଜ ନିଜର ବକ୍ତବ୍ୟରେ ଡଃ. ମିଶ୍ରଙ୍କ ଜୀବନ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଭାଷା ଆନ୍ଦୋଳନ ଆବାହକ ପବିତ୍ର ମହାରଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ବିଜେପି ମୁଖପାତ୍ର ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ,ଡଃ.ଉଦୟନାଥ ସାହୁ ,ଡଃ. ମିହିର୍ ସାହୁ, ସହଦେବ ଜୟସିଂହ (ଆଇ ଓ ଏମ୍ ), ହିମାଂଶୁ ଖଟୁଆ, ପଣ୍ଡିତ ହରିଶଙ୍କର ମିଶ୍ର, ଡମ୍ବରୁଧର ହରଣସିଂ,କିଶନ୍ ବରାଇ, ଉପେନ୍ଦ୍ର ସାମନ୍ତସିଂହାର,ସନତ ମିଶ୍ର,ରୁତୁରାଜ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକା ସୁପ୍ରିୟା ଦାସ, ଅଶୋକ ସାହୁ,ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଷା ଆନ୍ଦୋଳନ, ଉତ୍କଳ ସାମ୍ବାଦିକ ସଂଘ, ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ, ଓଡ଼ିଶା ସଂସ୍କୃତି ସୁରକ୍ଷା ଟ୍ରଷ୍ଟ, ଦୂରଦର୍ଶୀ ପ୍ରମୁଖ ଅନୁଷ୍ଠାନ ସମେତ ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।ଏହି ସଭାକୁ ସ୍ତମ୍ଭକାର ଶ୍ରୁତକିର୍ତ୍ତି ତ୍ରିପାଠୀ ଓ ଶାରଦା ପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ।

# ଦିଲ୍ଲୀପ ଦାଶଶର୍ମାଙ୍କ ଲିଖିତ ପୁସ୍ତକ "ସ୍ଥିତପ୍ରଜ୍ଞ" ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ଭିଏସ୍ଏସ୍‌ନଗର ଦୁର୍ଗା ପୂଜା ମଣ୍ଡପରେ ପ୍ରଥମେ ସ୍ୱାଗତ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ପରିବେଷଣ ପରେ ଦିଲ୍ଲୀପ ଦାଶଶର୍ମା ଲିଖିତ ପୁସ୍ତକ




"ସ୍ଥିତପ୍ରଜ୍ଞ"କୁ ଉନମୋଚନ କରିଥିଲେ ଶତାୟୁ ପୁରୁଷ ପଦ୍ମଚରଣ ନାୟକ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ସାଂସଦ ତଥା ଆମ ଓଡିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଦିଲ୍ଲୀପ ବାବୁଙ୍କୁ ଆଜି ୬୦ ପୁରୁଛି, ଆସନ୍ତା କାଲିଠାରୁ ତାଙ୍କର ନୂଆ ଜୀବନ ଆରମ୍ଭ ହେବ। ସେହିପରି ଓଡିଶାର ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋପୁସ୍ତକର ସମୀକ୍ଷା କରି କହିଥିଲେ ଏହି ଚଟି ବହିର ମହତ୍ୱ ଅଧିକ । ଏହି ବହିଟି କ୍ରିୟା ଓ କର୍ତ୍ତାକୁ ସଂଯୋଗ କରିବାରେ ସହାୟକ ହେବ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଉପଦେଷ୍ଟା କୃପାସିନ୍ଧୁ ସାହୁ ନିଜ ଅଭିଭାଷଣ ରଖିଥିବା ବେଳେ ସଭାପତିତ୍ୱ କରି ଦିଲ୍ଲୀପ ଦାଶଶର୍ମା ନିଜ ଅଭିଭାଷଣରେ କହିଥିଲେ ଯେ, ମୋତେ ଆସନ୍ତା କାଲିଠାରୁ ୬୧ ବର୍ଷ ହେବ ମାନେ ମୁଁ ବରିଷ୍ଠ ନାଗରିକ ହୋଇଯିବି। କିନ୍ତୁ ବ୍ୟକ୍ତିଗତ ଭାବେ ମୁଁ ଏହାକୁ ଗ୍ରହଣ କରିପାରୁ ନାହିଁ। କାରଣ ମନୁଷ୍ୟର ହାରାହାରି ଜୀବନକାଳ ୭୨ ବର୍ଷରେ ପହଞ୍ଚିଲାଣି, ମୃତ୍ୟୁର ହାର ୧୦୦୦ ଲୋକରେ ୬.୬୪ କୁ ଖସି ଆସିଲାଣି। ଏହା ସହିତ କେନ୍ଦ୍ର ସରକାର ୬୫ ବର୍ଷ ବୟସ ପର୍ଯ୍ୟନ୍ତ ରକ୍ତଦାନ କରି ପାରିବେ ବୋଲି କହି ସାରିଲେଣି। ତେବେ ୬୦ ବର୍ଷ ବୟସରୁ କାହିଁକି ବରିଷ୍ଠ ନାଗରିକ ହେବି। ବରିଷ୍ଠ ନାଗରିକ ସମୟ ସୀମା ୬୫ କୁ ବୃଦ୍ଧି କରାଯାଉ। ଦୁର୍ଗା ପୂଜା ସମିତିର ସଭାପତି ଡ. ଜୟନ୍ତ ପରିଡା ଓ ଉତ୍କଳ ସମ୍ମିଳନୀର ସଭାପତି ଅନନ୍ତ ପ୍ରସାଦ ଜେନା ପୁସ୍ତକ ଉନମୋଚନରେ ସହଯୋଗ କରିଥିବା ବେଳେ କାଳାକାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶାଖାର ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖାର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି। ଏହା ପରେ ପ୍ରସନ୍ନ ରଥ ମନୋରଞ୍ଜନ କାର୍ଯ୍ୟକ୍ରମ କରିଥିଲେ।

## ଯନ୍ତ୍ରଣା ସହିନପାରି ବୃଦ୍ଧଙ୍କ ଆତ୍ମହତ୍ୟା

ଧର୍ମଶାଳା, ,(ସବ୍ୟୁ) : ଧର୍ମଶାଳା ଥାନା ସୁନ୍ଦରିଆ ଗ୍ରାମର ଜଣେ ବୃଦ୍ଧବ୍ୟକ୍ତି ଆଖି ଯନ୍ତ୍ରଣା ସହି ନପାରି ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନା ମୁତାବକ ସୁନ୍ଦରିଆ ଗ୍ରାମର ବିଶନ ଦାସ (୯୨) ଗତ ଫେବୃଆରୀ ମାସରେ ନିଜ ଚକ୍ଷୁର ଅସ୍ତ୍ରୋପଚାର କରାଇଥିଲେ। ହେଲେ ଅସ୍ତ୍ରୋପଚାର ପରେ ମଧ୍ୟ ତାଙ୍କୁ ଭଲ ଭାବେ ଦେଖା ଯାଇନଥିଲା। ସମୟକ୍ରମେ ତାଙ୍କ ଆଖିରେ ବିନ୍ଧା ଛିଟିକା ଆରମ୍ଭ ହୋଇଥିଲା। ଏହି ଯନ୍ତ୍ରଣା ସେ ସହି ନପାରି ନିକଟସ୍ଥ କାଜୁ ଜଙ୍ଗଲରେ ବେକରେ ରସିଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ସକାଳୁ ଖୋଜାଖୋଜି କରି ତାଙ୍କ ମୃତଦେହ ଏକ କାଜୁ ଗଛରେ ଝୁଲୁଥିବା ଦେଖିଥିଲେ। ଏନେଇ ପରିବାର ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୁଲିସ ୨୧ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ଦିଲିପ କୁମାର ଦେଉରୀ ସୂଚନା ଦେଇଛନ୍ତି।

## ଦ୍ୱାରଶୁଣୀ ଘାଟି ରାସ୍ତା କଟକଣା ଅବଧି ବୃଦ୍ଧି

# ଜୁନ୍ ୧୫ ଯାଏଁ ୫ ଘଣ୍ଟା ବନ୍ଦ ରହିବ

### ବୁଧବାରରୁ ଶନିବାର ପର୍ଯ୍ୟନ୍ତ ୧୧ରୁ ୪ଟା ଯାଏଁ ଯାତାୟତ ବନ୍ଦ

ବାରିପଦା, (ସବ୍ୟୁ) : ଦ୍ୱାରଶୁଣୀ ଘାଟି ମଧ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ପାଇଁ କଟକଣା ଅବଧିକୁ ଚଳିତ ମାସ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ପଥର ବିସ୍ଫୋରଣ କାର୍ଯ୍ୟ ପାଇଁ ସତର୍କତା ପଦକ୍ଷେପ ସ୍ୱରୁପ ଜିଲ୍ଲାପ୍ରଶାସନ ପକ୍ଷରୁ ଏହି ଆଦେଶ ଜାରି କରାଯାଇଛି । ପ୍ରତ୍ୟେକ ସପ୍ତାହରେ ବୁଧବାରରୁ ଶନିବାର ପର୍ଯ୍ୟନ୍ତ ଦିନ ୧୧ଟା ରୁ ସନ୍ଧ୍ୟା ୪ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ଏହି ରାସ୍ତା ମଧ ଦେଇ ଯିବାଆସିବା ବନ୍ଦ ରହିବ । ଏହି ଦିନ ମାନଙ୍କରେ ଦ୍ୱାରଶୁଣୀ ଘାଟିକୁ ଯୋଡୁଥିବା ଉଭୟ ବାଙ୍ଗିରିପୋଷି ଓ ବିଶୋଇ ପାଶ୍ୱର୍ରେ ଥିବା ପ୍ରବେଶ ପଥ ବନ୍ଦ ରହିବ । ଯେକୌଣସି ଯାନବାହାନ(ଦୁଇ ଚକିଆରୁ ଉର୍ଦ୍ଧ ସମସ୍ତ ଯାନ) ଓ ପଥଚାରୀ ମାନେ ଏହି ସମୟରେ ଯାତାୟାତ କରି ପାରିବେ ନାହିଁ । ଏହାସହ ଘାଟୀ ଆଖପାଖରେ ଗାଇଛେଳି ଚାରଣ କରାଇବା ମଧ ବାରଣ କରାଯାଇଛି ।

ସେହିପରି ଆମ୍ବୁଲାନ୍ସ ଓ ଦମକଳବାହିନୀ ଯାନ ତଥା ବିଭିନ୍ନ ଜରୁରୀକାଳୀନ ଯାନ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ପାଖରୁ ଅନୁମତି ମିଳିବା ପରେ ହିଁ ଯାତାୟତ କରିପାରିବେ । କିନ୍ତୁ ସାଧାରଣ ଲୋକଙ୍କ ଯାନ ତଥା ପରିବହନକାରୀ ଯାନ କଟକଣା ସମୟରେ ଉପଯୁକ୍ତ ପାର୍କିଂ ସ୍ଥାନରେ ରହି ଅପେକ୍ଷା କରିବାକୁ ପଡିବ । କଟକଣା ସମାପ୍ତ ହେବା ପରେ ପ୍ରାଥମିକତା ଭିତ୍ତିରେ ପ୍ରଥମେ ସାଧାରଣ ଲୋକଙ୍କ ଯାନକୁ ଯାତାୟତ ପାଇଁ ଛଡାଯିବ । ତେବେ କ୍ଷୁଦ୍ର ଯାନ ବ୍ୟବହାରକାରୀ ସାଧାରଣ ଲୋକ ସୁଗମ ଯାତାୟାତ ପାଇଁ ବ୍ୟବସ୍ଥା ଅନୁଯାୟୀ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକକୁ ବିକଳ୍ପ ରାସ୍ତା ଭାବରେ ବ୍ୟବହାର କରିପାରିବେ । ଯେକୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ବ୍ୟାପକ ପୋଲିସ ମୁତୟନ କରିବାକୁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଜିଲ୍ଲାପ୍ରଶାସନ ତରଫରୁ ଅବଗତ କରାଯାଇଛି ।

## କପ୍ତିପଦା ବ୍ଲକର ୨୪ଟି ଜାହେରାର ଉନ୍ନତିକରଣ ଦାବିରେ

# ଶରତ ବିକାଶ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ୨୪ଗୋଟି ଜାହେରା (ପୂଜାଶାଳ)ର ଉନ୍ନତିକରଣ ତଥା ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଆଜି ଶନିବାର ଶରତ ବିକାଶ ମଞ୍ଚ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।



ଏହି ଦାବିପତ୍ର ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରାମିଲ ସିଂ ଗୋଇପାଇ ଏବଂ ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁଙ୍କ ନେତୃତ୍ୱରେ ଦିଆଯାଇଥିବା ଜଣା ଯାଇଛି। ପୂଜାଶାଳ (ଜାହେରା) ଉନ୍ନତିକରଣ କରାଯିବା ପାଇଁ ଦିଆ ଯାଇଥିବା ଦାବି ଗୁଡିକ ମଧ୍ୟରେ - ରାଣୀପୋଖରୀ ଗ୍ରାମ ପଞ୍ଚାୟତର ଲାମୁଆସାହି ଜାହେରା ଏବଂ ଧନୁସାହି ଜାହେରା, ପଦ୍ମପୋଖରୀ ଗ୍ରାମ ପଞ୍ଚାୟତର ଧପଡା ସାନ୍ତାଳୀ ଜାହେର, ଡାଳପୂଜା ଜାହେରା ଏବଂ ଧନାସାହି ଦିଶାଉଲି ଜାହେରା, ମଝିଗୋଡିଆ ଗ୍ରାମ ପଞ୍ଚାୟତ (ଅଠରବାଙ୍କ ଚୁଇତି ପରବ ଜାହେରା), କଳମଗୋଡିଆ ଗ୍ରାମ ପଞ୍ଚାୟତ (ରୁଗୁଡି ହାଟସାହି ଜାହେରା, ମଲ୍ଲିପାଟ ଜାହେରା, ଦୁଗୁଧା ସାନ୍ତାଳୀସାହି ଜାହେରା, ଗୋଲାସାହି ଡାଳପୂଜା ଜାହେରା, ଝାଉଁରୀ ଚୁଇତି ପରବ ଜାହେରା , ସୁଡ଼ଙ୍ଗ ସାନ୍ତାଳୀସାହି ଜାହେରା , କାଠଚୁଆ-କଣ୍ଟାମାରୀ ଚୁଇତି ପରବ ଜାହେରା), ସରଡିହା ଗ୍ରାମ ପଞ୍ଚାୟତ (ଭଣ୍ଡାର ମାଣାକିସାହି ବଙ୍ଗା ଜାହେରା, ଭଣ୍ଡାର ଲାଡାରସାହି ଗୋଳା ବାଙ୍କି ଜାହେରା, ସ୍କୁଲସାହି ଚୁଇତି ପରବ ଜାହେରା), ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ (କେନ୍ଦୁଗୋଠ ଦେଓଗାମସାହି ଜାହେରା, ମହୁଲଡିହା ବଙ୍ଗାଶାଳ ଜାହେରା, ଦୋଳିପଡା ଦେହୁରୀସାହି ଆସାଳା ଜାହେରା), ଦେଓ୍ୱାନବାହାଲୀ ଗ୍ରାମ ପଞ୍ଚାୟତ (ଚୁଇତି ପରବ ଜାହେରା, ବିଶୁନଗାଁ କନ୍ଦାସାହି ଜାହେରା), ଲାବଣ୍ୟଦେଈପୁର ଗ୍ରାମ ପଞ୍ଚାୟତ (ହଦଗୁଠ ଆସ୍ଥାନ ବଙ୍ଗା ଜାହେରା) ପ୍ରଭୃତି ଦାବି ପତ୍ରରେ ସ୍ଥାନ ପାଇଛି । ଜାହେରା ଗୁଡ଼ିକର ଉନ୍ନତିକରଣ କରାଯିବା ସହିତ ପାଚେରୀ ନିର୍ମାଣ, ପୂଜା ପିଣ୍ଡି, କମ୍ୟୁନିଟୀ ରୋଷେଇ ଘର ନିର୍ମାଣ ଏବଂ ପାରିପାଶ୍ୱରିକ ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଛି ।

ଜିଲ୍ଲା ପ୍ରଶାସନ କହିଛନ୍ତି - ସେହି ସମସ୍ତ ପୂଜାଶାଳ(ଜାହେରା) ଗୁଡ଼ିକ ପରିଦର୍ଶନ କରିବା ସହିତ ମ୍ୟାପିଙ୍ଗ କରି ଅର୍ଥ ଅନୁମୋଦନ କରାଯିବା ସକାଶେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପତ୍ରକୁ ପ୍ରେରଣ କରିବେ । ଦାବିପତ୍ର ଦେବା କାର୍ଯ୍ୟକ୍ରମରେ ବିକାଶ ମଞ୍ଚ ସଭାପତି ଗାମାଏ ରାମିଲ ସିଂ ଗୋଇପାଇଙ୍କ ସମେତ ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ଦୁଲମୁ ଆଲଡା, ଗୁଲୁରାମ ସିଂ ଲାମାଏ, ଶରତ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଗୋପିନାଥ ସିଂ ହାଇବୁରୁ, ନବୀନ ମୁଣ୍ଡୁରୀ ଓ ବେଲମଣୀ ତିୟୁ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

## ଶ୍ରୀ ଜଗନ୍ନାଥ କଳା ଏକାଡେମୀର ଗ୍ରୀଷ୍ମକାଳୀନ ଶିବିର ଉଦ୍ଯାପିତ




ବାରିପଦା, (ସବ୍ୟୁ) : ପାଲବଣୀର ଶ୍ରୀ ଜଗନ୍ନାଥ କଳା ଏକାଡେମୀ ଦ୍ୱାରା ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି । ଅଧକ୍ଷା ଶିଭସ୍ମିତା ଭାରତୀ ହୋତାଙ୍କ ତତ୍ତ୍ୱାବଧାନରେ ଉଦ୍ଯାପନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ଡଃ ବନଜା ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଚିତ୍ର ଶିଳ୍ପୀ ଚାରୁଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଓ୍ୱାର୍ଡ କାଉନ୍ସିଲର ଦେବାଶିଷ ପାତ୍ର, ଉପସ୍ଥିତ ରହି ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କୁ ଉତ୍ସାହିତ କରିବା ସହିତ ଭଲ ଜୀବନ ଶୈଳୀ ଗଢିବା ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ଦୀର୍ଘ ୧୧ ଦିନ ବ୍ୟାପୀ ଶିବିର ଚାଲୁ ରହିଥିଲା। ମୟୂରଭଞ୍ଜର ବିଭିନ୍ନ ପ୍ରାନ୍ତରୁ ପିଲା ମାନେ ଅଂଶଗ୍ରହଣ କରଥିଲେ। ଏହି ଶିବିରରେ ଆର୍ଟ ଆଣ୍ଡ କ୍ରାପଟ ସହିତ ଟେରାକୋଟା, ଯୋଗ, ନୃତ୍ୟ, ଆଉଡର ଷ୍ଟଡ଼ି ସହିତ ବିଭିନ୍ନ ପ୍ରକାର ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଉଡର ଷ୍ଟଡି ପାଇଁ ପିଲାମାନେ ଶ୍ରୀରାମଚନ୍ଦ୍ର ପାଠାଗାର ପରିଦର୍ଶନ କରିଥିବାବେଳେ, ଖେଳ କୁଦ ପାଇଁ ବିଜୁପଟ୍ଟନାୟକ ପାର୍କକୁ ଯାଇଥିଲେ। ବର୍ତ୍ତମାନ ପିଲା ମାନେ ମୋବଇଲ ଫୋନରେ ବ୍ୟସ୍ତ ରହୁଥିବା ବେଳେ ପ୍ରତେକ ଦିନ ୪ ଘଣ୍ଟା ବିଭିନ୍ନ କାର୍ଯ୍ୟକ୍ରମରେ ନିୟଜିତ ରହି ଫୋନ ଠାରୁ ଦୁରେଇ ରହିବାର ଚେଷ୍ଟା ସମସ୍ତଙ୍କୁ ସଫଳ ଦେଇଥିଲା। ଉତ୍ସବରେ ସମସ୍ତଙ୍କୁ ସାର୍ଟିଫିକେଟ ଏବଂ ମେଡାଲ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରଯାଇଥିଲା ଟ୍ରଷ୍ଟି ସୁବାସ ଚନ୍ଦ୍ର ରାଉତ ଏବଂ ରାକେଶ କୁମାର ବେହେରାଙ୍କ ସହିତ କଳା ଶିକ୍ଷକ ପ୍ରକାଶିନୀ ସାହୁ, ତାପସୀ ମହୁଆଳ, ଚିରଞ୍ଜୀବ ସାହୁ, ଯୋଗ ଶିକ୍ଷକ ଚନ୍ଦନ ମିଶ୍ର, ନୃତ୍ୟ ଶିକ୍ଷକ ସୁଜିତ କୁମାର ଧଳ ଏବଂ ସାଇରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିବା ସହିତ ପରିଚାଳନାରେ ସହଯୋଗ କରିଥିଲେ। ଟ୍ରଷ୍ଟି ରାକେଶ ବେହେରା ଧନ୍ୟବାଦ ଅର୍ପଣ କରିଥିବାବେଳେ ତାପସୀ ମହୁଆଳ ଏବଂ ଶୃତୀ ସମ୍ପର୍ଣ୍ଣା ମଞ୍ଚ ପରିଚାଳନା କରିଥିଲେ।

## ନିରୋଜ ପୋଥାଳଙ୍କ ଜନ୍ମଦିନରେ ମାନବଧର୍ମ ସେବା ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା ଉତ୍ସବ

ବାରିପଦା, (ସବ୍ୟୁ) : ବାରିପଦା ବ୍ଲକ ସମ୍ମିଳନୀ କକ୍ଷରେ ମାନବଧର୍ମ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ରକ୍ତଦାତା ତଥା ଟ୍ରଷ୍ଟର ଅଧକ୍ଷ ଡଃ ନିରୋଜ କୁମାର ପୋଥାଳଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପ ନଗରପାଳ ସୀମା ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, କିନ୍ନର ସମାଜର ଜିଲ୍ଲା ସଭାପତି ମନୀଷା ସାହୁ, ଶିକ୍ଷାବିତ ଭାଗବତ ପଣ୍ଡା ପ୍ରମୁଖ ଯୋଗଦେଇ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୨୪ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ସ୍ୱେଚ୍ଛାସେବୀ ସଂଗଠନ, ସମାଜସେବୀ ତଥା ରକ୍ତଦାତାଙ୍କୁ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ସହିତ ଭାରତୀୟ ରଗବୀ ଦଳର ଅଧିନାୟିକା ଭାରତୀ ହାଁସଦାଃ ଓ ତାଙ୍କ କୋଚ ତଥା ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, ୨ ସିବିଏସଇ ପରୀକ୍ଷାରେ ଦେଶରେ ୧ମ ସ୍ଥାନ ଅଧିକାର କରିଥିବା ପ୍ରିୟା ପାଲବାବୁ, ଛଉ ଗୁରୁ ଲୋକନାଥ ଦାସ, ଯୋଗ ଗୁରୁ ଜ୍ୟୋତିରଞ୍ଜନ ଦାସ, ଭବାନୀ ଶଙ୍କର ବିଶାଳ, ନନ୍ଦ ଲାଲା ଟ୍ରଷ୍ଟର ମୁଖ୍ୟ ଶିବ ପ୍ରସାଦ ନନ୍ଦ, ଡ୍ରାଇଭର ମହାସଂଘର ବିନୋଦ ଲୋହାର, ନିୟମିତ ରକ୍ତଦାତା ଡଃ ଅକ୍ଷୟ କୁମାର ମହାନ୍ତି ଏବଂ ବାରିପଦା ମ୍ୟୁନିସିପାଲିଟିର ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସାଧାରଣ ସମ୍ପାଦକ ହିମାଂଶୁ ଶେଖର ପ୍ରହରାଜ, ମୁଖ୍ୟ ଉପଦେଷ୍ଟା ସୋମନାଥ ସିଂହ, ଉପଦେଷ୍ଟା ଓ କୋଷାଧକ୍ଷ ଅସୀମ କୁମାର ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କୁ ସିମେଣ୍ଟ ଫୁଲ କୁଣ୍ଡରେ ଛେଚି ହତ୍ୟା

# ପୋଲିସର ଛାନଭିନ୍

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ପୋଲିସ ଜିଲାରେ ଲାଗିରହିଥିବା ହତ୍ୟା ଘଟଣାରେ ଏବେ ରୋକ ଲାଗିପାରୁ ନାହିଁ। ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ଗିରିରୋଡ ଗୀତାଭବନ କଡ଼ରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ତାଙ୍କ ନାମ ନାରାଶିଙ୍ଗ ବେହେରା ବୋଲି ଜଣାପଡିଛି । ହତ୍ୟା ମାମଲା ଏବେ ପୋଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି ।

ରବିବାର ପୂର୍ବାହ୍ନରେ ଗୋଶାଣିନୂଆଗାଁ ଥାନା ପୋଲିସ ଏକ ପରିତ୍ୟକ୍ତ ଘର ଭିତରେ ମୃତଦେହ ପଡିଥିବା ଖବର ପାଇ ସେଠାରେ ପହଞ୍ଚିଥିଲା । ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି ପୋଲିସ । ଉକ୍ତ ଯୁବକଙ୍କୁ ଏକ ସିମେଣ୍ଟର ଫୁଲ କୁଣ୍ଡରେ ସଙ୍ଗବଦ୍ଧ ଭାବେ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି ।

ମୃତଦେହ ଜବତ କରି ଏସଂକ୍ରାନ୍ତରେ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ପରେ ତାହା ସଂରକ୍ଷିତ ରଖାଯାଇଛି । ଘଟଣାର ବିଭିନ୍ନ ଦିଗକୁ ନେଇ ପୋଲିସ ଛାନଭିନ କରୁଛି । ଯୁବକ ଜଣଙ୍କ କାହା କାହା ସହିତ ସେଠାକୁ ଯାଇଥିଲେ ସେ ନେଇ ଜାଣିବା ପାଇଁ ସ୍ଥାନୀୟ କିଛି ଲୋକଙ୍କୁ ପଚାରୁଛି । ସେଠାରେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲେ ସେ ନେଇ ମଧ ତଦନ୍ତ କରୁଛି । ହତ୍ୟା ଘଟଣା ସ୍ଥଳରେ ସିସିଟିଭି ଫୁଟେଜ ନାହିଁ ।

ଉକ୍ତ ଅଞ୍ଚଳରେ ଜଣଙ୍କ ଘରେ କେବଳ ସିସି ଟିଭି କ୍ୟାମେରା ଲାଗିଛି । ହେଲେ ଦୁଇମାସ ହେଲା ତାହା ଅକାମି ହୋଇ ପଡିଛି । ପୋଲିସ ଏବେ ସେହି ପରିତ୍ୟକ୍ତ ଘରକୁ କିଏ କିଏ ଯିବା ଆସିବା କରୁଥିଲେ ସେନେଇ ତନାଘନା ଚଳାଇଛି । ସେ ସମ୍ପର୍କରେ କିଛିଟା ତଥ୍ୟ ମିଳିଲେ ପୋଲିସର ତଦନ୍ତରେ ଅଗ୍ରଗତି ହେବ ବୋଲି ଜଣାପଡିଛି ।

## ଆସିକା ଉପ କାରାଗାରରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ

ଆସିକା, (ସବ୍ୟୁ): ସ୍ଥାନୀୟ ଆସିକା ଉପ କାରାଗାରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଉପ କାରାଗାର ଅଧକ୍ଷ ଖଗେଶ୍ୱର ସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ସମଗ୍ର ବିଶ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ନିଶାମୁକ୍ତ ଜୀବନ ଶୈଳୀ ପରିବାର ଓ ସମାଜରେ ସୁଖ ସମୃଦ୍ଧି ଆଣିବା ସହ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଅଭ୍ୟାସ ଦ୍ୱାରା ଆଜି ସମଗ୍ର ବିଶ୍ୱରେ ଦଶ ଲକ୍ଷ୍ୟରୁ ଅଧିକ ଈଶ୍ୱରୀୟ ବିଦ୍ୟାର୍ଥୀ ନିଶା ମୁକ୍ତ ଜୀବନ ଶୈଳୀ ଆପଣେଇ ସମଗ୍ର ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥବା କହିଥିଲେ । ଏହି ଅବସରରେ ଉପ କାରାଗାର ଅନ୍ତେବାସୀ ନିଶା ମୁକ୍ତ ଜୀବନ ଶୈଳୀ ଆପଣେଇବା ପାଇଁ ସଂକଳ୍ପ କରିଥିଲେ। ବ୍ରହ୍ମାକୁମାରୀ ସୁଜ୍ଞାନୀ ସହଜ ରାଜ ଯୋଗ ଅଭ୍ୟାସ କରାଇଥିଲେ । ଶେଷରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ନିଶାମୁକ୍ତି ଲଘୁ ନାଟିକା ପରିବେଷଣ କରାଯାଇଥିଲା । ଭାରତୀୟ ଇସ୍ପାତ ନିଗମର ବରିଷ୍ଠ ଯନ୍ତ୍ରୀ ବ୍ରହ୍ମାକୁମାର ରମେଶ, ସତ୍ୟପ୍ରୀୟ ରଥ, ଉପ କାରାଗାରର ସବ ଆସିଷ୍ଟାଣ୍ଟ ଜେଲରଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

## ଡ୍ରିମ୍ସ ନର୍ସିଂ ସ୍କୁଲରେ ବିଶ୍ୱ ତମାଖୁ ବର୍ଜନ ଦିବସ

କଟକ, (ସ୍ୱପ୍ର) : ଡ୍ରିମ୍ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ବାର୍ତ୍ତା ଦେଇ ତମାଖୁ ସେବନର କୁପରିଣାମ, ତମାଖୁ ମୁକ୍ତ ଭାରତ ଗଠନ ଓ ଜନସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରଛାତ୍ରୀ ଓ ଅଧାପକ ଅଧାପିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ ।



ଶିକ୍ଷାନୁଷ୍ଠାନର ଅଧକ୍ଷ ପ୍ରଫେସର ଡ. ପ୍ରଥିମା ପ୍ରକାଶମ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବକ୍ତାମାନେ ତମାଖୁ ସେବର ଅପକାରିତା ଓ ଭୟାବହତା ସଂପର୍କରେ ସଂପର୍କରେ ବିଭିନ୍ନ ଦିଗରୁ ଆଲୋଚନା କରିବା ସହ ଚଳିତ ବର୍ଷର ବାର୍ତ୍ତା ଆବରଣ ହଟାଇବା-ନିକୋଟିନ୍ ଏବଂ ତମାଖୁ ନିଶାକୁ ପ୍ରତିହତ କରିବା ପ୍ରସାର କରିବା ଏବଂ ସ୍ୱାସ୍ଥ୍ୟ ପ୍ରତି ଯନିବାନ ହେବାକୁ ପରାମର୍ଶ ଦେଇଥିଲେ । ଉପାଧକ୍ଷା ଏନ୍ ପ୍ରେମଲତା ଦେବୀ, ପ୍ରାଧାପକ ସତୀଶ ରାଜମଣୀ, ପ୍ରାଧାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ, ରିମି ସରକାର, ୟାରେନୀ ଜ୍ୟୋତି, ସ୍ମୃତିରେଖା ପରିଡା, ସଂଗୀତା ନାୟକ, ସୋନାଲି ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧାପକ, ଅଧାପିକା ଏଥିରେ ଅଂଶ ଗ୍ରହଣ କରିଥିଲେ ।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଭୂମିପୂଜନ ମହୋତ୍ସବରେ

# ତମାଖୁ ବର୍ଜନ ସଚେତନତା ରାଲି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପକଣ୍ଠ ସ୍ଥିତ ଗୁରୁଣ୍ଟି ଗ୍ରାମରେ ଅଖିଳବିଶ୍ୱ ଗାୟତ୍ରୀ ପରିବାର ଓ ଗୁରୁଣ୍ଟି ଗ୍ରାମବାସୀଙ୍କ ଆନୁକୂଲ୍ୟରେ ତଥା ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠ ତତ୍ତ୍ୱାବଧାନରେ ଆଗାମୀ ଜୁନ ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁଥିବା ନବ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପ୍ରବନ୍ଧକ ପ୍ରଫୁଲ୍ଲ ଦାସ ଓ ବରିଷ୍ଠ ପରିବ୍ରାଜକ, ଭଗବାନ ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଦେବଆବାହନ ଓ ଦେବପୁଜନ ରେ ଗୁରୁଣ୍ଟି ଗ୍ରାମର ୪୦ ଦମ୍ପତି ଭାଗ ନେଇଥିଲେ । ଗ୍ରାମରେ ଥିବା ପ୍ରତ୍ୟେକ ମନ୍ଦିର ଗୁଡିକରେ ରଜବନ୍ଦନ କରାଯାଇ ସମସ୍ତ ଦେବା ଦେବୀଙ୍କୁ ଦମ୍ପତି ମାନଙ୍କ ଦ୍ୱାରା ନିମନ୍ତ୍ରଣ କରାଯାଇଥିଲା । ଗ୍ରାମର ସମସ୍ତ ଗାୟତ୍ରୀ ପରିବାର ଓ ଗ୍ରାମବାସଙ୍କ ପୂର୍ଣ୍ଣ ସହଯୋଗରେ ଭୂମି ପୂଜନ ସମ୍ପୂର୍ଣ୍ଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଜିର ତମାଖୁ ବର୍ଜନ ଦିବସରେ ଗାୟତ୍ରୀ ପରିବାର ପରିଜନଙ୍କ ସହ ଗ୍ରାମବାସୀ ମାନେ ଗ୍ରାମ ପରିକ୍ରମା ମାଧ୍ୟମରେ ତମାଖୁ ସେବନରୁ ନିବୃତ ରହିବା ପାଇଁ ଅନୁରୋଧ କରିଥିଲେ । ଶେଷରେ ନିଶା ପାନ ଓ ତମାଖୁ ଆଦି ପଦାର୍ଥ ଗୁଡିକୁ ତ୍ୟାଗ କରିବା ପାଇଁ କିଛି ପରିଜନ ସଂକଳ୍ପ ମାଧ୍ୟମରେ ଘୋଷଣା କରିଥିଲେ । ଶେଷରେ ଶାନ୍ତିପାଠ ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ବିଜୟନଙ୍କ ଘରେ ରାଜନୈତିକ ଉଦ୍ଦେଶ୍ୟରେ ଇଡି ତଲାସୀର ପ୍ରତିବାଦ




ବ୍ରହ୍ମପୁର, (ସବ୍ୟୁ): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଏମର ଅନ୍ୟତମ ସର୍ବୋଚ୍ଚ ନେତା ପିନାରାଇ ବିଜୟନଙ୍କ ଘରେ ଇଡି ତଲାସିକୁ ସିପିଏମ ଦୃଢ଼ ନିନ୍ଦା କରିଛି । ଏହା ବିରୋଧୀଙ୍କ କଣ୍ଠରୋଧ ଓ ବଦନାମ କରିବା ପାଇଁ ବଜେପିର ହୀନ ଚକ୍ରାନ୍ତ ବୋଲି ଅଭିଯୋଗ କରିଛି । ବିଜେପି ଏହି ତରିକା ଅବଲମ୍ବନ କରି ସିପିଏମ କର୍ମୀଙ୍କୁ ଦୁର୍ବଳ କରି ପାରିବ ନାହିଁ କି କେରଳରେ କ୍ଷମତା ହାତେଇବା ସ୍ୱପ୍ନ ସଫଳ ହେବନାହିଁ ବୋଲି ପାର୍ଟି ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ବିଜୟନ ଦୀର୍ଘ ୬୦ ବର୍ଷ ଧରି କେରଳର ଗରୀବ, ଖଟିଖିଆ, ମେହନତି ମଣିଷ ପାଇଁ ଲଢ଼ି ଆସିଛନ୍ତି । ଏଥିପାଇଁ ସେ କଂଗ୍ରେସ ଓ ବଜେପି ଉଭୟଙ୍କର ଆକ୍ରମଣର ଶିକାର ହୋଇଛନ୍ତି । କିନ୍ତୁ ସେ କେବେବି ହାରି ନାହାଁନ୍ତି ବରଂ ଉଚିତ ଜବାବ ଦେଇଛନ୍ତି । ତାଙ୍କର ନିଷ୍ଠାପର କାର୍ଯ୍ୟ ଯୋଗୁଁ କେରଳବାସୀଙ୍କ ହୃଦୟ ଜିତିବାରେ ସଫଳ ହୋଇଛନ୍ତି । କେରଳର ପ୍ରଥମ ବ୍ୟକ୍ତି ଭାବେ ଲଗାତର ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତାଙ୍କ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଓ ବାଣିଜ୍ୟ କ୍ଷେତ୍ରରେ ଅନେକ ସାଫଲ୍ୟ ଅର୍ଜନ କରିଛନ୍ତି । ରାଜ୍ୟରେ ୯୬ ପ୍ରତିଶତ ଶିକ୍ଷିତ, ଅତି ଦରିଦ୍ର ଲୋପ କରିବା, କୋଭିଡ ପରିଚାଳନା ପାଇଁ ପୁରସ୍କାର ପାଇବା, ସମସ୍ତ ଗୃହ ହୀନକୁ ଘର ଯୋଗାଇଦେବା, ଡିଗ୍ରୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ବ୍ୟବସ୍ଥା, ଋଣ ଗ୍ରସ୍ତ ଚାଷୀଙ୍କୁ ଋଣ ମୁକ୍ତ ପାଇଁ ବ୍ୟବସ୍ଥା, ଚାଷୀକୁ ଫସଲ ବିକ୍ରିରେ ବୋନସ, ଗରୀବ ଲୋକଙ୍କ ପାଇଁ ମାଗଣା ଇଣ୍ଟରନେଟ ବ୍ୟବସ୍ଥା ଭଳି ବହୁ ଜନ ହିତକର ପଦକ୍ଷେପ ଗ୍ରହଣ କରିଛନ୍ତି । ମହିଳା ସଶକ୍ତିକରଣ ଓ ସୁରକ୍ଷାରେ ବିଶ୍ୱ ସ୍ତରୀୟ ମାନ୍ୟତା ହାସଲ ଭଳି କେରଳ ବହୁ ଐତିହାସିକ ସଫଳତା ପାଇବାରେ ବିଜୟନ ହେଉଛନ୍ତି ମୁଖ୍ୟ ବିନ୍ଧାଣି । ବିଜେପି ପରିଚାଳିତ ରାଜ୍ୟ ସରକାର ଗୁଡ଼ିକ ବିକାଶ ଓ ସୁଶାନ କ୍ଷେତ୍ରରେ କେରଳ ତୁଳନାରେ ବହୁ ପଛରେ । କେରଳବାସୀ ବାରମ୍ବାର ବିଜେପିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସିପିଏମ ଓ ଏହାର ନେତୃତ୍ୱକୁ ବଦନାମ କରିବା ଓ ଜେଲର ଭୟ ଦେଖାଇ ପାର୍ଟିକୁ ଦୁର୍ବଳ କରି କେରଳ କ୍ଷମତା ଦଖଲ କରିବା ସହିତ ସାରା ଦେଶରେ ବିଜେପିର ସାମ୍ପ୍ରଦାୟିକ ରାଜନୀତି ଓ କର୍ପୋରେଟର ସପକ୍ଷବାଦୀ ନୀତି ରହିବା ପାଇଁ ସତର୍କ କରାଯାଇଛି । ଆଜି କମାପଲି ଛକରେ ଆୟୋଜିତ ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବିଦ୍ୟାଧର ଜେନା, ବିଷ୍ଣୁ ପ୍ରିୟା ସାହୁ, ବାପିନି ନାୟକ, ବିଜୟ ବିଶୋଇ, ବାବୁଲି ନାୟକ, ଲୋକନାଥ ଖୁଣ୍ଟିଆ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ହରି ନାହାକ, ରାଜରାଓ, ଚିଟିବାବୁ, ଅଜିତ ପାଣିଗ୍ରାହୀ, ମଧୁ ବେହେରା, କାଳି ମିଶ୍ର, ରଞ୍ଜନ ପାତ୍ର ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ (ପୂର୍ବ) ମହିଳା ସଭାପତି ହେଲେ ରଶ୍ମିତା ମିଶ୍ର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ (ପୂର୍ବ) ମହିଳା କଂଗ୍ରେସ ସଭାପତି ଭାବେ ରଶ୍ମିତା ମିଶ୍ରଙ୍କୁ ନୂତନ ଭାବରେ ଦାୟିତ୍ୱ ଦେବା ପରେ ଯୁବକ ଓ ମହିଳା ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ଦୀର୍ଘ ୨୫ ବର୍ଷ ଧରି ଶୃଙ୍ଖଳିତ ଭାବରେ କଂଗ୍ରେସ ଦଳରେ କାର୍ଯ୍ୟକରି ପୂର୍ବରୁ ବାରିପଦା ସହର ମହିଳା କଂଗ୍ରେସର ନେତ୍ରୀ ହିସାବରେ ନିଜର ଦକ୍ଷତା ପ୍ରଦର୍ଶନ କରି ପ୍ରଦେଶ ମହିଳା କଂଗ୍ରେସ ନିକଟରେ ପ୍ରିୟ ଭାଜନ ହୋଇଥିଲେ । ରଶ୍ମିତା ମିଶ୍ରଙ୍କ ଭଳି ଜଣେ ନିଷ୍ଠାପର ସଂଗଠିକାଙ୍କୁ ପ୍ରଦେଶ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ଅଖିଳ ଭାରତ ମହିଳା କଂଗ୍ରେସ ସଭାପତି ଅଲକା ଲାମ୍ବାଜୀ ନୂତନ ଭାବରେ ଦାୟିତ୍ୱ ଦେଇ ମହିଳା କଂଗ୍ରେସକୁ ସୁଦୃଢ଼ ହେବାର ବିଶ୍ୱାସ ରଖୁଥିବାରୁ ମୟୂରଭଞ୍ଜ ଜିଲା ଯୁବ କଂଗ୍ରେସ ରାଜ୍ୟ ମହିଳା କଂଗ୍ରେସ ନେତୃମଣ୍ଡଳୀ ତଥା ରାଜ୍ୟ କଂଗ୍ରେସର ନେତୃମଣ୍ଡଳୀ ଓ ଅଖିଳ ଭାରତ ମହିଳା କଂଗ୍ରେସର ନେତୃମଣ୍ଡଳୀ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ ।

ଅନ୍ୟ ପକ୍ଷରେ ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ନାଜିର ଉଲ ହକ, ପୂର୍ବତନ ମହିଳା କଂଗ୍ରେସର ଜିଲ୍ଲା ସଭାପତି ରଞ୍ଜିତା ଯୋଶୀ, ସସ୍ମିତା ଘୋଷାଲ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଶୁଭସ୍ମିତା ଦାସ, ମୟୂରଭଞ୍ଜ ଜିଲ୍ଲା (ପୂର୍ବ) ଏସସି ସେଲ ଅଧକ୍ଷା ସସ୍ମିତା ବେହେରା, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର (ମୋରାଡ଼ା), ପ୍ରମୋଦ ହେମ୍ବ୍ରମ (ବାରିପଦା), ଦୁର୍ଗାଚରଣ ଟୁଡୁ (ଉଦଳା), ମୂରଲୀଧର ନାଏକ (ବାଙ୍ଗିରିପୋଷି), ମହିଳା ନେତ୍ରୀ ପିଙ୍କି ମହାପାତ୍ର, ଜିଲ୍ଲା କଂଗ୍ରେସ କମିଟିର ସଂପାଦକ ରାଜେଶ ପଡ଼ିଆରୀ, ଅମରଜିତ ବାରିକ, ମହିଳା ନେତ୍ରୀ ଇତିଶ୍ରୀ ମିଶ୍ର, ସୁଲୋଚନା ମାରାଣ୍ଡି, ଛବିରାଣୀ ବାରିକ, ମଞ୍ଜୁତା ବେହେରା ଓ ସୋମବାରୀ ସିଂ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି ବୋଲି ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ କୁମାର ନାଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ଜୟ ଜଗନ୍ନାଥ କ୍ଲବ୍‌ର ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତିଭାଧାରୀ ସମ୍ବର୍ଦ୍ଧିତ

କଟକ, (ସ୍ୱପ୍ର) : ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ଜୟ ଜଗନ୍ନାଥ କ୍ଲବ୍' ଜୟ ଜଗନ୍ନାଥ କଲୋନୀ, ଖପୁରିଆ, କଟକର ଦ୍ୱିତୀୟ ବାର୍ଷିକ ଉତ୍ସବ ଖପୁରିଆ ଶିଳ୍ପାଞ୍ଚଳସ୍ଥ ଓସ୍‌ମେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଆଦିକନ୍ଦ ରାଉତ, ଶରତ କୁମାର ମହାଳିକ, ବାପି ସେଠୀ, ସାହି ମୁରବୀ ହରପ୍ରିୟା ମିଶ୍ରଙ୍କ ସହ ଜୟ ଜଗନ୍ନାଥ କ୍ଲବ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ୍, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ଲେଙ୍କା, କୋଷାଧକ୍ଷ ମୋହନ ସେଠୀ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିମୁତ କୁମାର ସାହୁଙ୍କୁ ସମାଜସେବା ସମ୍ମାନ ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତାପ କୁମାର ସେନାପତିଙ୍କୁ ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇଥିଲା । ଏହାସହ ଶିକ୍ଷାକ୍ଷେତ୍ରରେ ଡାକ୍ତରୀ ଛାତ୍ରୀ ପ୍ରଲିପ୍ତା ପରିଡ଼ା, ଶିକ୍ଷାକ୍ଷେତ୍ରରେ ପ୍ରତୀକ ପ୍ରସନ୍ନ ମିଶ୍ର, ଆକାଶ ସାହୁ, ସାୟନ୍ତିକା ସିଂ ଓ ଚିତ୍ରାଙ୍କନ କଳାକ୍ଷେତ୍ରରେ ପୂଜାରାଣୀ ବେହେରାଙ୍କୁ ନୂତନ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ନୃତ୍ୟ ପାଇଁ ବିଜୟଲକ୍ଷ୍ମୀ ସେଠୀ, ଶ୍ରଦ୍ଧାଳି ମହାରଣା, ପ୍ରିୟଂଶୀ ମଲ୍ଲିକ୍, ତନବୀତନିଷା ପଣ୍ଡା, ଭାଗ୍ୟଲକ୍ଷ୍ମୀ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଲ୍ୟାଣୀ ଦାଶ ମଞ୍ଚ ପରିଚାଳନା କରିଥିଲେ ।

## ଓସିଏସ କୃତି ପରୀକ୍ଷାର୍ଥୀ ସଂଘମିତ୍ରା ସମ୍ବର୍ଦ୍ଧିତ

ବୁଗୁଡ଼ା, (ସବ୍ୟୁ): ଓଡିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡିଶା ସିଭିଲ ସେବା (ଓସିଏସ) ପରୀକ୍ଷାରେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ନୂଆସାହି ନିବାସୀ ଧ୍ରୁବଚରଣ ପାତ୍ର ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ପାତ୍ରଙ୍କ ସୁପୁତ୍ରୀ ସଂଘମିତ୍ରା ପାତ୍ର ୧୮୭ ର୍ଯ୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇ ବୁଗୁଡା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି । ତାଙ୍କୁ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ରଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ମାନପତ୍ର, ଉପହାର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଅନ୍ୟପକ୍ଷରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ସଂଘମିତ୍ରାଙ୍କ ବୁଗୁଡା ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।




ପ୍ରକାଶ ଯୋଗ୍ୟ ଯେ, ଭଞ୍ଜନଗର ସିଭିଲ କୋର୍ଟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ସଂଘମିତ୍ରା ତାଙ୍କର ବାଲ୍ୟ ଶିକ୍ଷା ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ଆରମ୍ଭ କରି ଷଷ୍ଠରୁ ଦ୍ୱାଦଶ ଯାଏଁ ଗଞ୍ଜାମର ସୁରଙ୍ଗି ନବୋଦୟ ବିଦ୍ୟାଳୟ ଏବଂ ଶଶିଭୂଷଣ ମହିଳା ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଶିକ୍ଷା ସମାପ୍ତ ଅନ୍ତେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ । ତେବେ ସେଥିରେ ତାଙ୍କର ସଫଳତା ହାସଲକୁ ନେଇ ତାଙ୍କୁ ବୁଗୁଡା ମିଡିଆ କ୍ଲବ ସମେତ ଅଞ୍ଚଳର ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି ।

## ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କର୍ମଚାରୀଙ୍କ ଧାରଣା



ଦଶପଲ୍ଲା, (ସବ୍ୟୁ): ବିଭିନ୍ନ ଦାବିନେଇ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ କାର୍ଯ୍ୟରତ ଥିବା ସଫେଇ କର୍ମଚାରୀ ମାନେ ଧାରଣା ଦେଇଛନ୍ତି । ଚାରିଦିନ ଧରି ଏହି ଧାରଣା ଜାରି ରହିଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ସଫେଇରେ ବିଭ୍ରାଟ ଦେଖାଦେଇଛି । ସୂଚନା ଯୋଗ୍ୟଯେ, ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୦୯ ମସିହାରୁ କାଳକ୍ରମେ ୧୧ ଜଣ ସଫେଇ କର୍ମଚାରୀ କାମ କରି ଆସୁଛନ୍ତି । ଏଜେନସି ମାଧ୍ୟମରେ ଏହି ସଫେଇ କର୍ମଚାରୀ ମାନେ କାମ କରୁଥିବା ବେଳେ କାର୍ଯ୍ୟରତ ସୁପ୍ରଭାଇଜରଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଯାହାକୁ ସଫେଇ କର୍ମଚାରୀ ମାନେ ବିରୋଧ କରିଛନ୍ତି । ଏଜେନ୍ସି ପକ୍ଷରୁ ଅନ୍ୟଜଣଙ୍କୁ ସୁପ୍ରଭାଇଜର ଭାବେ ନିଯୁକ୍ତି ଦିଆଯାଇଛି । ଭାରତୀୟ ମଜଦୁର ସଂଘ ନେତୃତ୍ୱରେ ଏହି ଧାରଣା ଜାରି ରହିଛି । ଭାରତୀୟ ମଜଦୁର ସଂଘ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବନମାଳୀ ମିଶ୍ର ଏବଂ ଦଶପଲ୍ଲା ବ୍ଲକ ସଭାପତି ପ୍ରକାଶ କୁମାର ପାଣି ଙ୍କ ନେତୃତ୍ୱରେ ସଫେଇ କର୍ମଚାରୀମାନେ ଏହି ଧାରଣା ଜାରି ରଖିଛନ୍ତି । ୭ ଦଫା ଦାବିନେଇ ସଫେଇ କର୍ମଚାରୀମାନେ ଏହି ଧାରଣା ଦେଇଛନ୍ତି । ଛଟେଇ ସୁପ୍ରଭାଇଜର ସନ୍ତୋଷ ନାଏକଙ୍କୁ ପୁନଃ ନିଯୁକ୍ତି, କାରଣ ନଥାଇ ସଫେଇ କର୍ମଚାରୀ ଙ୍କୁ ଛଟେଇ ବନ୍ଦ କରିବା,ପ୍ରତ୍ୟେକ ମାସ ର ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ସଫେଇ କର୍ମଚାରୀ ଙ୍କ ଆକାଉଣ୍ଟ ରେ ମାସିକ ଅର୍ଥ ପୈଠ କରିବା,ସମସ୍ତଙ୍କୁ ଇଏସଆଇ କାର୍ଡ ପ୍ରଦାନ , ଠିକ ସମୟ ରେ ଇପିଏଫ ଅର୍ଥ ଦାଖଲ,ସମସ୍ତ ଙ୍କୁ ନିଯୁକ୍ତିପତ୍ର ସହ ଆଇ କାର୍ଡ ପ୍ରଦାନ,ଓ ସଫେଇ କର୍ମଚାରୀ ଙ୍କୁ ୟୁନିଫର୍ମ ପ୍ରଦାନ ଆଦି ଦାବି କରାଯାଇଛି । ଦାବି ପୂରଣ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଭାରତୀୟ ମଯଦୁର ସଂଘ ପକ୍ଷରୁ କୁହାଯାଇଛି । ଅନ୍ୟ ପାର୍ଶ୍ୱରେ ଏ ସମ୍ପର୍କ ରେ ସଫେଇ ପାଇଁ ଏଜେନ୍ସି ନେଇଥିବା ସେଫର୍ଡ ର ଏମ ଡି ଜଗନ୍ନାଥ ମହାନ୍ତି ଙ୍କୁ ମୋବାଇଲ ଯୋଗେ ଯୋଗା ଯୋଗ କରାଯାଇଥିଲେ ମଧ୍ୟ ସେ ତାଙ୍କ ମୋବାଇଲ ଉଠାଇ ନଥିଲେ ।

### ବାରଙ୍ଗ ଥାନାରେ ଥ୍ରୀ-ଡିଗ୍ରୀ ଘଟଣା

## ଥାନା ବଦଳି ନା ପରଦା ପଛର ଖେଳ ?

ବାରଙ୍ଗ , (ସବ୍ୟୁ): ବାରଙ୍ଗ ଥାନାରେ ନିରୀହ ଯୁବକ କୁ ଥାର୍ଡ ଡିଗ୍ରୀ ଘଟଣା ରେ ପୋଲିସ ପାଇଁ ସାଜିଛି ହରଡ଼ଘଣା । ଏବେ ବି ସନ୍ଦେହ ଘେରରେ ରହିଛି ବାରଙ୍ଗ ଥାନା ପୋଲିସ । ଖାଲି ଥାନା ପୋଲିସ ନୁହେଁ ସନ୍ଦେହରେ ରହିଛି ନଖରା ରେ ଥିବା ମେଡ ଏକ୍ସ ହସ୍ପିଟାଲ ର ଭୂମିକା । ବାରଙ୍ଗ ଥାନା ପୋଲିସ ଏମିତି ହରଡଘଣା ରେ ଫସିଛି, ସଫେଇ ଯେତିକି ଦେଉଛି ସନ୍ଦେହ ସେତେ ବଢୁଛି । ଏବେ ଏହି ଘଟଣା ଏକ ନୂଆ ମୋଡ଼ ନେଇଛି ।

ଗତ ୨୪ ତାରିଖରେ ବାରଙ୍ଗ ଥାନାରେ ଚଣ୍ଡିପ୍ରସାଦ ଗ୍ରାମର ରାକେଶ ବେହେରା କୁ ପୋଲିସ ଥାର୍ଡ ଡିଗ୍ରୀ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଏହି ଘଟଣା କୁ ଚାପିଦେବାକୁ ପୋଲିସ ଓ ସରକାରୀ ରାଜନୈତିକ ଦଳ ର ପ୍ରଭାବଶାଳୀ ନେତା ମିଲିଭଗତରେ ଉଦ୍ୟମ କରିଥିବା ଅଭିଯୋଗ କୁ ନେଇ ଥାନା ଘେରାଉ ଠାରୁ ଆରମ୍ଭ କରି ରାସ୍ତା ଅବରୋଧ କରିଥିଲେ । ଏହି ଘଟଣା କୁ ନେଇ ପୂର୍ବରୁ ଡିସିପି ଖିଲାର କହିଥିଲେ କି ଥାନାରେ ଥାର୍ଡ ହେଇଥିବ ସିସିଟିଭି ଦେଖି ତଦନ୍ତ କରାଯିବ ଏବଂ ପରେ କହିଥିଲେ କି ତାଙ୍କର ବିଭିନ୍ନ ରୋଗ ଥିଲା ତାଙ୍କୁ ଥାର୍ଡ ଡିଗ୍ରୀ କରାଯାଇନାହିଁ ବୋଲି ସଫେଇ ଦେଇ ଗଣମାଧ୍ୟମକୁ କହିଥିଲେ ।

ସବୁଠାରୁ ବଡ କଥା ହେଉଛି ଯଦି ଥାନାରେ ରାକେଶ କୁ ଥାର୍ଡ ଡିଗ୍ରୀ କରାଯାଇ ନାହିଁ କି ପୋଲିସ ର କିଛି ସଂପୃକ୍ତ ନାହିଁ ତେବେ କାହାକୁ ବଞ୍ଚାଇବା ଏତେ ତରବରିଆ ବାରଙ୍ଗ ଥାନା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ବଦଳି କରାଗଲା? ତାଙ୍କ ସ୍ଥାନରେ ପୁରୀଘାଟ ଥାନା ଅଧିକାରୀ ବିଶ୍ୱରଂଜନ ନାୟକ ଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆ ଯାଇଥିବା ବେଳେ ଏଠାରେ ପ୍ରଶ୍ନ ଉଠୁଛି ଦୁଇ ଦୁଇ ଥର ଥାନା ଘେରାଉ ସାଙ୍ଗକୁ ରାସ୍ତା ଅପରୋଧ କରାଯାଇ ଉତ୍ତେଜନା ପ୍ରକାଶ ପାଇଥିଲା ସେତେବେଳେ ବଦଳି କରାଗଲାନି ହେଲେ ହଠାତ୍ ଯଦି ଥାନା ଅଧିକାରୀ ଙ୍କ ବଦଳି କରାଯାଇଛି ନିଶ୍ଚିତ ଭାବରେ ପୋଲିସ ର ସମ୍ପୃକ୍ତ ଥାଇପାରେ ବୋଲି ଜନସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ରାକେଶ ର ସ୍ତ୍ରୀ ମଧ୍ୟ ଶନିବାର ରାତି ୨ ଟାରେ ଘରକୁ ଫେରିଥିବା ଜଣାପଡ଼ିଛି । ତାଙ୍କ ମୋବାଇଲ ଭାଙ୍ଗି ଯିବାରୁ ସେ ଘର ଲୋକଙ୍କ ସହିତ ଯୋଗାଯୋଗ କରିପାରିନଥିଲେ । ଯାହାଫଳରେ ତାଙ୍କୁ ନେଇ ବହୁ ଅପପ୍ରଚାର କରାଗଲା ବୋଲି ନିଜ ନାମ ଗୋପନ ରଖି ଚଣ୍ଡୀ ଗ୍ରାମର ଜଣେ ବ୍ୟକ୍ତି ସୂଚନା ଦେଇଛନ୍ତି। ଏବଂ ପ୍ରଶ୍ନ କରିଛନ୍ତି ପ୍ରଥମେ ରାକେଶ କୁ ଫୁଲ ନଖରା ଠାରେ ଥିବା ମେଡ ଏକ୍ସ ରେ ଚିକିତ୍ସା କରାଯାଇଥିଲା। ରକେଶ କୁ ୨୪ ତାରିଖ ରାତି ୧୨ .୪୫ ରେ ଏହି ହସ୍ପିଟାଲ ରେ ଭର୍ତ୍ତି କରାଯାଇଥିଲା । ଆଉ କେବିନ ବି ମିଳିଥିଲା। ତେବେ ରାକେଶ କୁ କିଏ ପ୍ରଥମେ ଏହି ହସ୍ପିଟାଲ କୁ ନେଲା ସିସିଟିଭି ଫୁଟେଜ ଯାଞ୍ଚ କରି ଲୋକ ଲୋଚନ କୁ ଆଣନ୍ତୁ ବୋଲି ଅଭିଯୋଗ କରିଛନ୍ତି ।

ଏହି ଘଟଣାକୁ ନେଇ କଟକ ବଡ ମେଡିକାଲ ରେ ଚିକିତ୍ସାଧୀନ ଥିବା ରାକେଶ କୁ ଦେଖିବା ପାଇଁ ବାରଙ୍ଗ ଶାନ୍ତି କମିଟିର ୫ ଜଣିଆ ସଦସ୍ୟ ସହିତ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ ରବିବାର ଦିନ ମେଡିକାଲ ଯାଇ ରାକେଶ ର ସ୍ୱାସ୍ଥ୍ୟବସ୍ଥା ଅନୁଧ୍ୟାନ କରି ଚିକିତ୍ସା ସହ ଡାଇଲେଶିସ କରିଥିବା ଡ଼ାକ୍ତର ଙ୍କ ସହ କଥା ହୋଇଛନ୍ତି । ଏହା ସହ ଉକ୍ତ ପରିବାରକୁ କିପରି ନ୍ୟାୟ ମିଳିବ ସେଥିନେଇ କଟକ ଡିସିପି ଙ୍କ ସହ କଥାବାର୍ତ୍ତା ହୋଇଥିବାର ଜଣାପଡ଼ିଛି ।

## ପୂର୍ତ୍ତ ଉପଖଣ୍ଡରେ ଚାଲିଛି ଯନ୍ତ୍ରୀଙ୍କ ରାଜ !

ବଲଙ୍ଗା, (ସବ୍ୟୁ) : ନିମାପଡା ପୂର୍ତ ଉପଖଣ୍ଡରେ ଚାଲିଛି ଯନ୍ତ୍ରୀଙ୍କ ରାଜ । ସହକାରୀ ନିର୍ବାହୀଯନ୍ତ୍ରୀ ଦାୟିତ୍ୱରେ ଥିବା ବୋଧହୁଏ ନିଜକୁ ପୂର୍ତ ବିଭାଗର ସର୍ବେସର୍ବା ବୋଲି ଭାବୁଛନ୍ତି।

ଅଭିଯୋଗରୁ ଜଣାପଡିଛି ଯେ,ବାବୁଙ୍କର ଜିଲ୍ଲା ପୂର୍ତ ବିଭାଗରେ କୁଆଡେ ଭାରି ଦବଦବା।କେମିତି ହେବନି ଯେ ବାବୁଙ୍କର କଥାରେ ପରା ଉଠବସ ହେଉଛନ୍ତି ପୂର୍ତ ବିଭାଗ ଖଣ୍ଡ କାର୍ଯାଳୟର ଅଧିକ୍ଷଣ ଯନ୍ତ୍ରୀ। ଉପଖଣ୍ଡ କାର୍ଯ୍ୟାଳୟ ଅଧିନରେ ଯେଉଁ ସହକାରୀ ଯନ୍ତ୍ରୀ ତାଙ୍କ କଥା ନମାନୁଛନ୍ତି ତାର ଦୂରକୁ ବଦଳି କରିଦିଆଯାଉଛି।

ବାବୁ ପ୍ରଥମେ ନିମାପଡ଼ାରେ କାର୍ଯ୍ୟରେ ଯୋଗ ଦେବାବେଳେ ଠିକାଦାରଙ୍କ ବାଇକ ପଛରେ ବସି ବୁଲୁଥିଲେ। ମାତ୍ର ସମୟ ବଦଳିଛି।ବାବୁ ପ୍ରାୟ ଦୁଇବର୍ଷ ହେଲାଣି ଦାମି କାରରେ ବସି ବୁଲୁଛନ୍ତି।କେଉଁ ଠିକାଦାରକୁ କେଉଁ କାମ ଦିଆଯିବ ଏବଂ କିଏ କେତେ ଦବ ତାହା ସେ ସ୍ଥିର କରୁଛନ୍ତି।

ଯେଉଁ ଠିକାଦାର ତାଙ୍କ କଥା ବୁଝିବ ସେ ବିଭାଗରେ ଗେହ୍ଲାପୁଅ ହୋଇ ରହିବା।ବାବୁଙ୍କର ନିମାପଡ଼ା ପ୍ରତି ଏତେ ଲୋଭ ଯେ ପଦୋନ୍ନତି ପାଇ ମଧ୍ୟ ସେ ଏହି ସ୍ଥାନ ଛାଡି ଯିବାକୁ ଇଛା ପ୍ରକାଶ କରୁ ନଥିବା ଜଣାପଡିଛି।କାହିଁକି ତାଙ୍କର ନିମାପଡ଼ା ପ୍ରତି ଏତେ ଆସକ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ପ୍ରବାସୀ ଭାରତୀୟ ମେଳାରେ ବାବୁ କଣ ଏମିତି କଳା କାରନାମା କରିଛନ୍ତି ଯେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଲେ ତଥ୍ୟ ତ ଦେଉନାହାନ୍ତି ଓଲଟା ଧମକ ଦେଉଛନ୍ତି।

ଏହା ମଧ୍ୟରେ ବାବୁଙ୍କର ଆୟ ଏତେ ପରିମାଣରେ ବଢ଼ିଯାଇଛି ଯେ ଭୁବନେଶ୍ୱରରେ ଏକ ଆଲିଶାନ ବଙ୍ଗଳା କାହା ନାମରେ କିଣାଯାଇଥିବା କଥା ଉପଖଣ୍ଡ କାର୍ଯ୍ୟାଳୟର ଜନୈକ କର୍ମଚାରୀ ନାମ ଗୋପନ ରଖିବା ସର୍ତରେ କହିଛନ୍ତି। ବାବୁ ଆସିଥିଲେ ଏବେ ଏଠାରୁ ପଦୋନ୍ନତି ପାଇ ଯିବେ।

ଦୁର୍ନୀତି ନିବାରଣ ବିଭାଗ ଦାରା ଏହି ଦୁଇ ଯନ୍ତ୍ରୀଙ୍କ ଆୟ ବ୍ୟୟର ହିସାବ ଆକଳନ କରାଯାଇ ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ: ପ୍ରତିଶ୍ରୁତି ପରେ ହଟିଲା ଧାରଣା



ବାଙ୍କୀ, (ସବ୍ୟୁ) : ଗତ ଶନିବାର ରାତି ନଅ ଘଣ୍ଟା ସମୟରେ କଟକ ଜିଲ୍ଲାର ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ଖଳିପଲ୍ଲୀ ଗାଆଁ ନିକଟରେ ରେ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଯୁବକ ଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁର ଖବର ପ୍ରଚାରିତ ହେବା ମାତ୍ରେ ଶହ ଶହ ଲୋକ ରାସ୍ତା ଉପରେ ଧାରଣାରେ ବସି ରହିଥିଲେ। ମୃତ ଯୁବକ ଜଣକ ଖଳିପଲି ଗ୍ରାମର ମିଟୁ ଜେନାଙ୍କ ପୁଅ ଜଗନ ଜେନା ( ୨୧ ) ବୁଲେଟରେ ଗାଆଁ ଖଳିପଲ୍ଲୀରୁ ପତନି ଛକ କୁ ଆସୁଥିଲେ। ବିପରୀତ ଦିଗରୁ ବୈଦେଶ୍ୱର ପଟୁ କଳାପଥାର ଯାଉଥିବା ବାଲି ବୋଝେଇ ହାଇୱା ସମ୍ମୁଖରୁ ଧକ୍କା ଦେଇ ଦୁର୍ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା।

ପୋଲିସ ପହଞ୍ଚି ସିସି ଟିଭି ଫୁଟେଜକୁ ଆଧାର କରି ଦୁର୍ଘଟଣା ଘଟାଇଥିବା ହାଇୱା କୁ ଠାବ କରିବାକୁ ଉଦ୍ୟମ କରୁଛି। ଶନିବାର ରାତିରୁ ରବିବାର ସକାଳ ନଅ ଘଣ୍ଟା ପର୍ଯ୍ୟନ୍ତ ଧାରଣ ଜାରି ରହିଛି।ଦୀର୍ଘ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରି ନ ଥିବାରୁ ଲୋକେ ରାସ୍ତା ଉପରେ ଧାରଣା ରେ ବସି ରହିଥିଲେ। ଘଟଣା ସ୍ଥଳରେ କଟକ ଗ୍ରାମାଂଚଳ ଅତିରିକ୍ତ ଏସ, ପି,ବାଙ୍କୀ, ଏସ ଡି ପି ଓ ବୈଦେଶ୍ୱର ପୋଲିସ ସହିତ ଚାରି ପ୍ଲାଟୁନ ଫୋର୍ସ ପହଞ୍ଚି ଧାରଣାରତ ଗ୍ରାମବାସୀ ଙ୍କୁ ବୁଝାସୁଝା କରିଥିଲେ । ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଫଳରେ ବୈଦେଶ୍ୱର କଳାପଥର ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା।

ବାଙ୍କୀ ଅତିରିକ୍ତ ତହସିଲଦାର ତଥା ମାଜିଷ୍ଟ୍ରେଟ ଆଦିତ୍ୟ ଦଳବେହେରା, ଅତିରିକ୍ତ ତହସିଲଦାର, ବାଙ୍କୀଏସ ଡି ପି ଓ ବାଳକୃଷ୍ଣ କହଁର, ବାଙ୍କୀ ଥାନା ଆଇ ଆଇ ସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ପହଞ୍ଚି ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ କ୍ଷତି ପୂରଣ ପ୍ରଦାନ କରାଯିବାର ପ୍ରତିଶୃତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସେପଟେ ମୃତକ ଙ୍କ ମର ଶରୀର ବ୍ୟବଚ୍ଛେଦ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରା ଯାଇଛି।

## ସୁସ୍ଥ ଜୀବନଯାପନ ହିଁ ମାରାଥନ ଗଣଦୌଡ଼ର ମୁଖ୍ୟ ଉଦ୍ଦେଶ୍ୟ



ଗୋପ, (ସବ୍ୟୁ) : ସୁସ୍ଥ ଜୀବନଯାପନ ସୁସ୍ଥ ସମାଜ ଗଠନ ସହିତ ନିମାପଡ଼ା, ଗୋପ ର ବିକାଶ ଏହି ମାରାଥନ ଗଣଦୌଡ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରବିବାର ସକାଳେ ଅନୁଷ୍ଠିତ ଉତ୍କର୍ଷ ନିମାପଡ଼ା କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋରେଇ ବିଧାୟିକ ଆକାଶ ଦାସ ନାୟକ, ଚଳଚ୍ଚିତ୍ର ନାୟକ ଅରିନ୍ଦମ ରାୟ ପ୍ରମୁଖ ଯୋଗ ଦେଇ ଉତ୍କର୍ଷ ନିମାପଡ଼ା ସହିତ ଏକତା ହିଁ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ ବୋଲି କହିଥିଲେ। ସକାଳ ୭ ଟା ରୁ ଗୋପ ସନ୍ନିକଟ କୁସୁପୁର ଠାରୁ ମାରାଥନ ଗଣଦୌଡ ଆରମ୍ଭ ହୋଇ ଗୋପ ବ୍ଲକ ଠାରେ ପହଞ୍ଚିଥିଲା। ମାରାଥନ ଗଣଦୌଡ ରେ ବିଭିନ୍ନ ସ୍କୁଲ କଲେଜ ର ଛାତ୍ରୀ ଛାତ୍ର ମାନେ ଯୋଗ ଦେଇଥିବା ବେଳେ ଯୁବବର୍ଗ ସହିତ ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ କୁ ଗୋପ ବିଡ଼ିଓ ସୁର୍ଯ୍ୟ ଶଙ୍କର ଦାଶ ପରିଚାଳନା କରିଥିଲେ।

## ଏସଆଇଆର କାର୍ଯ୍ୟକ୍ରମର ଶୁଭାରମ୍ଭ

କାକଟପୁର ,(ସବ୍ୟୁ) : ଏସ ଆଇ ଆର କାର୍ଯ୍ୟକ୍ରମ ସାରା ଓଡିଶାରେ ଆରମ୍ଭ ହେଉ ଥିବାରୁ କାକଟପୁର ବ୍ଲକର ଉଦଘାଟନ କାର୍ଯ୍ୟକ୍ରମ ଓଥକା ଗ୍ରାମ ପଂଚାୟତ ଓଥକା ଠାରେ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତଙ୍କ ଦ୍ୱାରା କରାଯାଇଥିଲା ।ଏଥିରେ ସୁପରଭାଇଜର ତ୍ରିଲୋଚନ ବିଶ୍ୱାଳ ଓ ରଂଜିତ ନାୟକ, ଟୁନି ପ୍ରିୟା ଦେଇ,ସଲିମ ଖାଁ, ଝରଣା ଦେଇ, କବିତା କାଣ୍ଡି, ମାନସ କୁମାର କାଣ୍ଡି, ଅର୍ଣ୍ଣପୂର୍ଣା। ସାହୁ, ଗଣେଶ ଚନ୍ଦ୍ର ପଣ୍ଡା, ସସ୍ମିତା ପରିଡା ପ୍ରଭୃତି ବି ଏଲ ଓ ମାନେ ଉପସ୍ଥିତ ରହି ଏନୋମେରେସ ଫର୍ମ ବଣ୍ଟନ କାର୍ଯ୍ୟ ଆରମ୍ଭ କରିଥିଲେ।ଏହି କାର୍ଯ୍ୟକ୍ରମ ସ୍ୱଦେଶୀ ଭୋଟରଙ୍କୁ ତାଙ୍କର ନାଗରିକତ୍ୱ ପ୍ରଦାନ ସହ ଦେଶ ଦ୍ରୋହି ମାନଙ୍କୁ ଚିହ୍ନଟ କରିବା ଏହାର ପ୍ରକୃତ ଉଦେଶ୍ୟ ବୋଲି ଶ୍ରୀ ଦୀକ୍ଷିତ କହିଛନ୍ତି। ବି ଏଲ ଓ ମାନେ ଘରେ ଘରେ ବୁଲି ଲୋକମାନଙ୍କୁ ଏନୋମେରେସ ଫର୍ମ ବାଣ୍ଟିବା ସହିତ ପୂରଣ କର୍)ିବାକୁ ଅନୁରୋଧ କରିଥିଲେ । ଏହା ଏକ ମାସ ପର୍ଯ୍ୟନ୍ତ ଫର୍ମ ବଣ୍ଟନ ଓ ଗ୍ରହଣ କାର୍ଯ୍ୟକ୍ରମ ଚାଲୁ ରହିବ ଓ ୦୫.୦୭.୨୦୨୬ ତାରିଖ ରେ ସମ୍ଭାବ୍ୟ ଭୋଟର ତାଲିକା ପ୍ରକାଶ କରାଯିବ । ତତ ସହିତ ୦୫.୦୭.୨୦୨୬ ଠାରୁ ୦୪.୦୮.୨୦୨୬ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ କରିପାରିବେ ଏବଂ ୦୬.୦୯.୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରକାଶ କରିଥିଲେ । ସମସ୍ତ ଜଣ ସାଧାରଣ ଓ ରାଜନୈତିକ ବ୍ୟକ୍ତି ବିଶେଷ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ ର ହାତ ବଢାଇବା ପାଇଁ ଅନୁରୋଧ କରିଥିଲେ ।

## ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ପରେ ହଟିଲା ଅନ୍ଧକାର

କୋଣାର୍କ, (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୧୦ କିମି ଦୂରରେ ଅବସ୍ଥିତ ପ୍ରାଚୀନ ଶକ୍ତିପୀଠ ରାମଚଣ୍ଡୀ ଦୁଇ ଦିନ ଧରି ଅନ୍ଧାରରେ ରହିବା ପରେ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କ ଦର୍ଶନ କରି ନ ପାରି ଫେରିବା ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ମାନ ପ୍ରକାଶ ପାଇବା ପରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଫଳରେ ରାମଚଣ୍ଡୀ ପୀଠରେ ଆଲୋକିକରଣ ବ୍ୟବସ୍ଥା କରାଯାଇଛି । ଦୀର୍ଘ ଦୁଇଦିନ ଧରି ରାମଚଣ୍ଡୀ ପୀଠ ଅନ୍ଧକାର ପରିବେଶ ମଧ୍ୟରେ ରହିଥିଲା ବେଳେ ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ଓ ପର୍ଯ୍ୟଟକ ମାନେ ମା ଙ୍କ ପୂଜାର୍ଚ୍ଚନା ଓ ଦର୍ଶନ କରି ନ ପାରି ଫେରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଘଟଣାକୁ ଗୁରୁତ୍ୱାରୋପ କରି ପର୍ଯ୍ୟଟନ ସ୍ଥଳୀ ରାମଚଣ୍ଡୀ ଠାରେ ସୃଷ୍ଟି ହୋଇଥିବା ଅନ୍ଧକାରକୁ ହଟାଇ ପର୍ଯ୍ୟଟନ ବିଭାଗ କର୍ମଚାରୀ ମାନଙ୍କ ମାଧ୍ୟମରେ ଆଲୋକିକରଣ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ରାମଚଣ୍ଡୀ ମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ଝାଡାବାନ୍ତି ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ଗତ କିଛି ଦିନ ହେବ ଝାଡାବାନ୍ତି ରୋଗୀ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ଦେଖିବାକୁ ମିଳିଛି । ଗତ ମଙ୍ଗଳବାର ଦିନ ଜଣେ ମହିଳାଙ୍କ ଝାଡାବାନ୍ତିରେ ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ ପରେ ସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି ।ଗୁରୁବାର ଦିନ ଜିଲ୍ଲା ଜନ ସାସ୍ଥ୍ୟ ଅଧିକାରୀ ଅକ୍ଷୟ କୁମାର ଶତପଥୀ କଣାସ ମେଡିକାଲ ଓ ଗୋଲରା ଗ୍ରାମକୁ ଗ୍ରସ୍ତ କରି ସ୍ଥିତି ପରଖିଥିବା ବେଳେ ଶନିବାରି ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସାମଲ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରାମଦାସ ସୋରେନ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ହେଉଥିବା ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଅନୁଧ୍ୟାନ କରିଥିଲେ।

ବ୍ଲକରେ ୨୮ ଟି ପଞ୍ଚାୟତରୁ ୨୬ ଟି ପଞ୍ଚାତଟରେ ୬୮ ଟି ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଲୋକମାନଙ୍କୁ ଯୋଗାଇ ଦିଆ ଯାଉଛି ବୋଲି କଣାସ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି । ଶନିବାର ଏକରୁଖା ଗ୍ରାମର ସାବିତ୍ରୀ ପରିଡା (୨୫), ଏକରୁଖା ଗ୍ରାମର କାଞ୍ଚନ ପରିଡା (୬୨),ଅଣ୍ଡାରସିଂହ ଗ୍ରାମର ଶଙ୍କର ଦାସ (୮୫),ଜାଗୁଲାଇପଦର ଗ୍ରାମର ଶ୍ରୀମତୀ ଭୋଇ (୩୦),ଅଣ୍ଡାରସିଂହ ଗ୍ରାମର ବିକାଶ ବରାଳ(୭୫),କଣାସ ଗ୍ରାମର କାଶୀନାଥ ଭୋଳ( ୫୦), ଚନ୍ଦପଡା ଗ୍ରାମର ଲିଙ୍ଗରାଜ ପରିଡା (୫୨),ପାଇକମାରା ଗ୍ରାମର ବିଳାସୀ ଜେନା (୬୦), ଗାଣ୍ଡପଡ଼ା ଗ୍ରାମର ଭୋବାନା ସ୍ୱାଇଁ (୪୭),ଦାମୋଦରପୁର ଗ୍ରାମର ପ୍ରସାଦିନୀ ପରିଡା (୪୬), ତ୍ରିଲୋଚନପୁର ଗ୍ରାମର ଟିଙ୍କିନା ଭୋଇ(୪୦) ଓ ନଳୀବସନ୍ତ ଗ୍ରାମର ଧରିତ୍ରୀ ବାରିକ (୨୦) ଝାଡାବାନ୍ତି ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଦେଖିବାକୁ ମିଳିଛି ।ସେପଟେ ବିଭିନ୍ନ ନଦୀର ଜଳ ଦୂଷିତ ହେବା ଯୋଗୁ ବେବହାର ଉପଯୋଗୀ ହେଉନଥିବା ଲୋକମାନେ ଅଭିଯୋଗ କରିଛନ୍ତି ।ଗଙ୍ଗୁଆ ନାଳର ଦୂଷିତ ଜଳ ଦୟାନଦୀରେ ମିଶୁଥିବାରୁ ପ୍ରତି ସମୟରେ ନଦୀ ଜଳ ଦୂଷିତ ହେବାରେ ଲାଗିଛି ।ସରକାରଙ୍କ ଡ୍ରେନେଜ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦୟା ଓ ଲୁଣା ନଦୀ ଖନନ କରାଯାଉଛି ।ହେଲେ ଠିକାଦାର ନଦୀ ଖନନ ଠିକ ଭାବରେ ନକରି ନଦୀ ମାଟି ନଦୀ ଭିତରେ ପକାଉ ଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।ଯଥା ପୂର୍ବମ ତଥା ପରମ ଭଳି ନଦୀ ଖନନ କାର୍ଯ୍ୟ କରାଯାଉଛି ।

ଅନ୍ୟପଟେ ଜଳ ସମ୍ପଦ ବିଭାଗର କୌଣସି ନଦୀର ରାଜଦଳ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଫା କରାଯାଉନାହିଁ । କେବଳ ବର୍ଷା ଦିନେ କେତକ ମତ୍ରାରେ ରାଜଦଳ ଚିଲିକାକୁ ଛାଡ଼ି ଦେଇ ବିଭିନ୍ନ ମାଧ୍ୟମରେ ଠିକାଦାର ପୋଷିବା କାର୍ଯ୍ୟ କରି ବସିଯାଉଛନ୍ତି ।ଯାହା ଫଳରେ ପିପିଲି,ଡେଲାଙ୍ଗ ଓ କଣାସ ଅଞ୍ଚଳର ଲୋକମାନେ ଦୂଷିତ ଜଳକୁ ବ୍ୟବହାର କରି ଜର,ଝାଡା,ବାନ୍ତି,ଜଣ୍ଡିସ, ପେଟରୋଗ ଓ ଚର୍ମରୋମର ଶିକାର ହେଉଛନ୍ତି । ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।

## ତିନି ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଣାସ,(ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକ ବିଜିପୁର ପଞ୍ଚାୟତ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ମିଶ୍ର, ମୈତ୍ର ତ୍ରିଲୋଚନପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅର୍ଜୁନ ମାଝୀଙ୍କୁ କଣାସ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉଭୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶେଷ କାର୍ଯ୍ୟ ଦିବସରେ ଏକ କାଳୀନ ପୂର୍ଣ୍ଣାଙ୍ଗ ପେନସନ, ଅବ୍ୟବହୃତ ଛୁଟି,ଅନ୍ତିମ ଗ୍ରୁପ ବିମାର ମଞ୍ଜୁରୀ ଆଦେଶ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା,ସହଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ,ଗୋବର୍ଦ୍ଧନ ବେହେରା,ପ୍ରଫୁଲ୍ଲ କୁମାର ବେହେରା,ଜିତେନ୍ଦ୍ର କୁମାର ପ୍ରଧାନ,ମାନସ କୁମାର ବିଶ୍ୱାଳ,ରଶ୍ମି ରଞ୍ଜନ ଦାସ, ସିଆରସିସି ଭୂପତି ଭୂଷଣ ତ୍ରିପାଠୀ ଓ ଶ୍ରୀନିବାସ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧୁମିଳନ ନୁହେଁ, ଥିଲା ଭାବନା ଓ ବନ୍ଧନର ମହୋତ୍ସବ



ଫୁଲନଖରା, (ସବ୍ୟୁ) : ବୟାଳିଶମୌଜା ଅଞ୍ଚଳର ବେଣ୍ଟକାର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପୁରାତନ ଛାତ୍ର ସଂସଦ ପକ୍ଷରୁ ବାର୍ଷିକ ବନ୍ଧୁମିଳନ-୨୦୨୬ ବିଦ୍ୟାଳୟ ପ୍ରାଙ୍ଗଣରେ ଅତ୍ୟନ୍ତ ଆଡମ୍ବର ଓ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ, ଗୁରୁଜୀ-ଗୁରୁମା, ଅଭିଭାବକ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିତ୍ୱ ଏକାଠି ହୋଇ ବିଦ୍ୟାଳୟ ସହ ଜଡିତ ଅନେକ ସ୍ମୃତିକୁ ପୁନର୍ଜୀବିତ କରିଥିଲେ। ସଂସଦର ସଭାପତି ସୌମ୍ୟରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସଦର ସମ୍ପାଦକ ସୁନୀଲ କୁମାର ସାହୁ, ଶିଶୁ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ମନୋରଞ୍ଜନ ଶତପଥୀ, ବିଶିଷ୍ଟ ହାସ୍ୟ ଅଭିନେତା ଉମେଶ ଦାସ, ସିନେ କଳାକାର ଗୌରବ ମହାନ୍ତି ଓ ସିନେ ସାମ୍ବାଦିକ ଶ୍ରୀରାମ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଏକତା ଓ ବିଦ୍ୟାଳୟ ପ୍ରତି ସେମାନଙ୍କ ଆତ୍ମୀୟତାକୁ ସାଧୁବାଦ ଜଣାଇଥିଲେ। ସଂସଦର କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ମୁଦୁଲି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉପଢୌକନ ଓ ବନ୍ଧୁମିଳନ-୨୦୨୬ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା।

ସେହିପରି ବିଦ୍ୟାଳୟର ପୂର୍ବତନ ଓ ବର୍ତ୍ତମାନର ଗୁରୁଜୀ-ଗୁରୁମାମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ପର୍ବ ଥିଲା ଶିକ୍ଷକ ସମ୍ମାନ। ବିଦ୍ୟାଳୟର ଉଲ୍ଲେଖନୀୟ ପାଠ୍ୟଗତ ସଫଳତା ପାଇଁ ବୟାଳିଶମୌଜାର ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ସମସ୍ତ ଗୁରୁଜୀ ଓ ଗୁରୁମାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହାସହ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ଉଲ୍ଲେଖନୀୟ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀମାନେ ମଞ୍ଚରେ ନିଜ ଛାତ୍ରଜୀବନର ଅଭୁଲା ସ୍ମୃତିଚାରଣ କରିଥିଲେ। ଏହାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ମସଗୁଲ ହୋଇଥିଲେ। ବନ୍ଧୁତ୍ୱ, ସ୍ମୃତି, ସମ୍ମାନ ଓ ପ୍ରେରଣାର ଅପୂର୍ବ ସମନ୍ୱୟ ହୋଇଥିବା ଏହି ବନ୍ଧୁମିଳନ- ୨୦୨୬ କାର୍ଯ୍ୟକ୍ରମ ଉପସ୍ଥିତ ସମସ୍ତଙ୍କ ମନରେ ଏକ ଚିରସ୍ମରଣୀୟ ଅନୁଭୂତି ସୃଷ୍ଟି କରିଥିଲା।

## ଭୂତକୋଠି ପାଲଟିଛି ପାଣି ପଞ୍ଚାୟତ କାର୍ଯ୍ୟାଳୟ

ଶରଣକୁଳ, (ସବ୍ୟୁ ): ବୁଢ଼ାବୁଢ଼ୀଆଣି ପାଣି ପଞ୍ଚାୟତ କାର୍ଯ୍ୟାଳୟ ଏବେ ଭୂତକୋଠି ପାଲଟିଛି। ପାଣି ପଞ୍ଚାୟତ ସ୍ୱାର୍ଥ ଲାଗି ଏଠାରେ ନା ଚାଲିଛି ପାଣି ପଞ୍ଚାୟତ ବୈଠକ ନା ସଭା କାର୍ଯ୍ୟ । ରକ୍ଷଣାବେକ୍ଷଣ ଅଭାବରୁ ଘର ଭୁଶୁଡ଼ିବା ଭଳି ପରିସ୍ଥିତି ଉପୁଜିଥିବା ବେଳେ ସବୁ ଜାଣି ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ୯ଟି ଗୋଷ୍ଠୀକୁ ନେଇ ପାଣି ପଞ୍ଚାୟତ କମିଟି ଗଠିତ ହୋଇଥିବା ବେଳେ ମୋଟ ୧୪୭ଜଣ ସଭ୍ୟାସଭ୍ୟ ମନୋନୀତ ହୋଇଥିଲେ। ସେହି ୯ଟି ଜୋନକୁ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଏହିପରି ତିନି ଜଣ ଲେଖାଏଁ ସର୍ବମୋଟ ୨୭ ଜଣ ପ୍ରକଳ୍ପ କମିଟି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ପୁଣି ସେହି ୯ ଜଣ ସଭାପତି ଏବଂ ସମ୍ପାଦକଙ୍କ ମଧ୍ୟରୁ ଜଣେ ସଭାପତି, ଜଣେ ସମ୍ପାଦକ ଓ କୋଷଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ।

ନିୟମ ଅନୁଯାୟୀ,ଏହି କମିଟି ପ୍ରତି ମାସରେ ଥରେ ଅଧିବେଶନ କରିବେ କିନ୍ତୁ ଆଜି ପର୍ଯ୍ୟନ୍ତ ପାଣି ପଞ୍ଚାୟତ ଗୃହରେ ଗୋଟିଏ ହେଲେ ଅଧିବେଶନ ଅନୁଷ୍ଠିତ ହୋଇନାହିଁ। ୧୯୯୯ ମସିହା ପୂର୍ବରୁ ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ଆରେଡ଼ା ପଞ୍ଚାୟତ ପେଟାପଲ୍ଲୀଠାରେ ପାଣି ପାଞ୍ଚାୟତ ଘର ନିର୍ମାଣ ହୋଇଥିଲା, କିନ୍ତୁ ତାହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନାଁ ସେହି ଘରକୁ ଯାଇ ହେଉଛି ନାଁ ରାସ୍ତା ଅଛି।

ଫାଟକରେ ମଧ୍ୟ ଲତାମାଡ଼ି ଚାରି ପଟୁ ଘେରି ରହିଛି। ସେଠାରେ ନା କୌଣସି ଅଧିବେଶନ ବସୁଛି, ନା ସଭ୍ୟାସଭ୍ୟ ସେଠାକୁ ଆସୁଛନ୍ତି। ଏହା କେବଳ ଏକ ପ୍ରହସନରେ ପରିଣତ ହୋଇଛି। ସଭ୍ୟମାନଙ୍କ କହିବା କଥା କେନାଲ ସଫା ପାଇଁ ଆସୁଥିବା ଟଙ୍କାକୁ କେଉଁ କାର୍ଯ୍ୟରେ ଲଗାଯିବ ଓ କିପରି ଭାବେ ଖର୍ଚ୍ଚ ହେବ ତାହା ନ ଜଣାଇ ଶାଗମାଛ ଭାବେ ଖର୍ଚ୍ଚ କରାଯାଉଛି। ତେବେ ପ୍ରଶ୍ନ ଉଠୁଛି ଏହି ପାଣି ପଞ୍ଚାୟତ କାହା ସ୍ୱାର୍ଥରେ ଗଠନ କରାଯାଇଛି। ପାଣି ପଞ୍ଚାୟତକୁ ଆସୁଥିବା ଅନୁଦାନ ସଂପର୍କରେ ସଭ୍ୟମାନେ ଅବଗତ ନଥିବା ବେଳେ କାହା ଇସାରାରେ ଏହା କାର୍ଯ୍ୟ କରୁଛି। କେନାଲ ସଫେଇ ନାମରେ ଆସୁଥିବା ଟଙ୍କାର ସଦୁପଯୋଗରେ କିଏ ପ୍ରତିବନ୍ଧକ ସାଜି ଅର୍ଥ ହଡ଼ପ କରୁଛି?

ଏସବୁର ତଦନ୍ତ ହେବାର ଆବଶ୍ୟକତା ରହିଛି। କାରଣ ମୁଖ୍ୟ ରାସ୍ତା ପାଖରେ ଥିବା କେନାଲର କିଛି ବାଟ ସଫା କରି ଦିଆଯାଉଛି କିନ୍ତୁ ଦୂର କେନାଲ ସଫା ନ କରି ଅର୍ଥ ଆତ୍ମସାତ କରାଯାଉଛି। ସେତିକି ନୁହଁ ବଡ଼ ଅଧିକାରୀଙ୍କୁ ଅଭିଯୋଗ କଲେ ମୁଖ୍ୟ ରାସ୍ତାଠାରେ ଠିଆ ହୋଇ କେନାଲ ଦେଖି ପଳାଇ ଯାଉଛନ୍ତି । ସେଥିପାଇଁ ସାଧାରଣରେ ପ୍ରବଳ ଜନଅସନ୍ତୋଷ ଦେଖାଦେଇଛି। ଘଟଣାର ତଦନ୍ତ କରି ପାଣି ପଞ୍ଚାୟତ ପାଇଁ ଆସୁଥିବା ଅନୁଦାନ ସଠିକ ଭାବେ ବିନିଯୋଗ କରିବାକୁ ଦାବି ଉଠିଛି।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବାଲିପାଟଣା, (ସବ୍ୟୁ): ବାଲିପାଟଣା ବ୍ଲକ ଗୁଆପୁର ଗ୍ରାମ ପଞ୍ଚାୟତ ଅଧୀନ ପୁବାଗଡସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରବତ୍ସଳ, ଲୋକପ୍ରିୟ ତଥା ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଙ୍କୁ ଆଜି ରବିବାର ଏକ ଭବ୍ୟ ସମାରୋହରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦତ୍ତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଶତାଧିକ ପୁରାତନ ଓ ବର୍ତ୍ତମାନର ଛାତ୍ର ଛାତ୍ରୀ,ବହୁ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଶ୍ରୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ମାନପତ୍ର ଓ ଉପହାର ମାନ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବରେ ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭକ୍ତବତ୍ସଳ ମହାପାତ୍ର, ଓଷ୍ଟା ର ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ, ସୁଧାକର ମହାପାତ୍ର, ଅମ୍ବିକା ପଟ୍ଟନାୟକ, ବ୍ଲକ ସଭାପତି ବିଜୟ ବେହେରା, ପ୍ରଧାନ ଶିକ୍ଷକ ତପନ ରାଉତ, ଜ୍ୟୋସ୍ନାରାଣୀ ଦାଶ, ସଞ୍ଜୀବ ପଟ୍ଟନାୟକ, ତପନ ରାଉତ ପ୍ରମୁଖ ଯୋଗ ଦେଇଥିଲେ।ସମସ୍ତ କାର୍ଯ୍ୟକ୍ରମ କୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ବିଶ୍ୱାଳ,ପୁରାତନ ଛାତ୍ର ସଂଗ୍ରାମ ସିଂହ,କ୍ଷେତ୍ରମୋହନ ପ୍ରଧାନ,କ୍ଷେତ୍ରମୋହନ ବେହେରା ସୁନିଲ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଆଚାର୍ଯ୍ୟ ଙ୍କୁ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ଠାରୁ ତାଙ୍କ ଘରକୁ ଯାଇ ଛାଡ଼ି ଆସିଥିଲେ।

## ହିଡେନ କ୍ୟାମେରା ଜବତ ଘଟଣା ରହସ୍ୟ ଖୋଲିଲା

# ମହିଳା କର୍ମଚାରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ଏପରି କାଣ୍ଡ କରିଥିଲା

ଜଗତସିଂହପୁର ,(ସବ୍ୟୁ) :ଡିଆରଡିଏ କାର୍ଯ୍ୟାଳୟ ମହିଳା ଓ୍ୱାସ ରୁମରୁ ହିଡେନ କ୍ୟାମେରା ଜବତ ଘଟଣାରେ ଆଜି ଜଗତସିଂହପୁର ଏସ୍ପି ପ୍ରେସମିଟ କରି ରୋଚକ ତଥ୍ୟ ଦେଇଛନ୍ତି ।ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତ କନିଷ୍ଠ ରାଜସଓ୍ୱ ସହାୟକ ସଞ୍ଜୟ ଅଦେଖା କାର୍ଯ୍ୟାଳୟର ଜନୈକା ମହିଳା କର୍ମଚାରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବାପରେ ଅଭିଯୁକ୍ତ ଏପରି ପନ୍ଥା ଆପଣେଇଥିଲା ବୋଲି ପୋଲିସ ସମ୍ମୁଖରେ ସ୍ୱୀକାର କରିଛି । ସଞ୍ଜୟ ବୈଷୟିକ କ୍ଷେତ୍ରରେ କିଛିଟା ଅଭିଜ୍ଞ ଥିବାରୁ ସମସ୍ତଙ୍କର ଆଦରର ପାତ୍ର ପାଲଟିଥିଲା । ଏହାର ସୁଯୋଗ ନେଇ ଜନୈକା ମହିଳା କର୍ମଚାରୀଙ୍କୁ ମନେ ମନେ ପ୍ରେମ କରି ବସିବା ସହିତ ପ୍ରେମ ଜାଲରେ ଫସାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲା । ପ୍ରେମରେ ବିଫଳ ହେବା ପରେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ବ୍ଲାକମେଲ କରି କଳ ବଳେ କୌଶଳେ ନିଜ ଜାଲରେ ଫସାଇବା ପାଇଁ ଆରମ୍ଭ କରିଥିଲା ଷଡ଼ଯନ୍ତ୍ର ।ୟୁ ଟୁବ ରୁ ଦେଖି ଅନ ଲାଇନରୁ ଗତ ଜାନୁଆରୀ ମାସରେ ହିଡେନ ଓ୍ୱାଇରଲେସ କ୍ୟାମେରା ମଗାଇଥିଲା ।ଏହି କ୍ୟାମେରା ମଗାଇବା ପରେ ଏହାର ଅପରେଟିଂ ସିଷ୍ଟମୟୁଟୁବରୁ ଶିଖିଥିଲା ।ଗତ ମାର୍ଚ୍ଚ ମାସ ରୁ ମହିଳା ଓ୍ୱାସ ରୁମରେ ଥିବା ଏକ ବେସିନର ତଳ ଭାଗରେ ଏହି କ୍ୟାମେରା ଲଗାଇ ମୋବାଇଲ ଓ୍ୱାଇ ଫାଇ ମାଧ୍ୟମରେ ସବୁ ଦେଖୁଥିଲା ସଞ୍ଜୟ । ପ୍ରତି ସପ୍ତାହକୁ ଥରେ କ୍ୟାମେରା କାଢି ଆଣି ଚାର୍ଜ କରି ପୁନର୍ବାର ନେଇ ସେଇ ସ୍ଥାନରେ ଲଗାଇ ମୋବାଇଲ ମାଧ୍ୟମରେ ଦେଖୁଥିଲା ବୋଲି ପୋଲିସ ଆଗରେ ପ୍ରକାଶ କରିଛି ଅଭିଯୁକ୍ତ । ଜିଲ୍ଲା ପରିଷଦ ଅଫିସରେ ଅର୍ଥ ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ମଧୁସ୍ମିତା ସାମନ୍ତରାୟ ଓ୍ୱାସ ରୁମରୁ ଯିବା ସମୟରେ ଉକ୍ତ କ୍ୟାମେରାକୁ ଦେଖିଥିଲେ ।ଏହାକୁ ନେଇ ର୍ତିଡୋଲ ବିଡ଼ିଓ ତଥା ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ର୍ତିଡୋଲ ଥାନାରେ ଏତଲା ଦେବା ପରେ ପୋଲିସ କେଶ ନମ୍ବର ୨୮୬/୨୬ ରୁଜୁ କରି ତଦନ୍ତ କରିଥିଲା ।ଜିଲ୍ଲା ପରିଷଦ କାର୍ଯ୍ୟାଳୟର ସିସିଟିଭି ଯାଞ୍ଚ ସହିତ ସାଇବର ଏକ୍ସପର୍ଟଙ୍କ ସୂଚନା ଆଧାରରେ ପୋଲିସ କନିଷ୍ଠ ରାଜସଓ୍ୱ ସହାୟକ ସଂଜୟ ଅଦେଖାଙ୍କୁ ସ୍କାନରକୁ ଆଣି ପଚରା ଉଚରା କରିଥିଲା ।ପ୍ରାଥମିକ ପର୍ଯ୍ୟାୟରେ ସଞ୍ଜୟ ଏହାକୁ ଅସ୍ୱୀକାର କରିଥିବା ବେଳେ ପରେ ସବୁକିଛି ମାନିଯାଇଥିଲା । ଗତକାଲି ସଞ୍ଜୟଙ୍କୁ ର୍ତିଡୋଲ ପୋଲିସ ଗିରଫ କରିବା ପରେ ଜିଲାପାଳ ତାକୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ ।ଏହା ସହିତ ଅଭିଯୁକ୍ତ ଠାରୁ ହିଡେନ କ୍ୟାମେରା ସହ ଏକ ମୋବାଇଲ ଫୋନ,ପେନ ଡ୍ରାଇଭ ଓ ଏକ ସିସିଟିଭି ହାର୍ଡ ଡିସ୍କ ଜବତ କରିଛି ପୋଲିସ । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଏସପି ଅଙ୍କିତ ବର୍ମା ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଅଭିଯୁକ୍ତ ସଞ୍ଜୟ ଅଧେଖା ଘର ଅଭୟ ଚାନ୍ଦପୁର ଥାନା ନୂଆଗାଁରେ । ସେ ଦୁଇ ବର୍ଷ ହେଲା ଜଗତସିଂହପୁର ଡ଼ିଆରଡିଏ କାର୍ଯ୍ୟଳୟ ରେ କନିଷ୍ଠ ରାଜସ ସହାୟକ ଭାବରେ କାର୍ଯ୍ୟ କରୁଥିଲା । ସଞ୍ଜୟ ପୋଲିସ ସ୍କାନରକୁ ଆସିବା ଜାଣି ପାରି ନିଜର ଦୋଷ ସଓ୍ୱୀକାର କରିବା ସହିତ ତାର ଭୁଲ ହୋଇଛି ଓ ତାକୁ କ୍ଷମା କରିଦେବା ପାଇଁ ଜିଲା ପରିଷଦ ସଭାପତିଙ୍କୁ ନିବେଦନ କରିଥିଲା ବୋଲି ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ କହିଛନ୍ତି । ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ବାବଦରେ ମଧ୍ୟ ପୋଲିସ ତଦନ୍ତ ଚଳାଇଛି ।ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍ପି ଅଙ୍କିତ ବର୍ମାଙ୍କ ସମେତ ଅତିରିକ୍ତ ଏସ୍ପି ସତ୍ୟବ୍ରତ ଦାସ,ର୍ତିଡୋଲ ଏସିପିଓ ଅଜୟ କୁମାର ଦାସ, ର୍ତିଡୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଉପସ୍ଥିତ ରହିଥିଲେ ।

# କନକପୁର ମେଡିକାଲ ଫାର୍ମାସିଷ୍ଟ ଦୀପକ କୁମାରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଝଙ୍କଡ଼/ତିର୍ତ୍ତୋଲ ,(ସବ୍ୟୁ) : ପ୍ରସିଦ୍ଧ ଝଙ୍କଡ଼ ସାରଳା ପୀଠ, କନକପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ନିତ୍ୟ ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ, ଏ ଅଞ୍ଚଳର ଦଶ/ ବାରଟି ପଞ୍ଚାୟତର ଶହଶହ ରୋଗୀମାନଙ୍କ ପାଖରେ ଜଣେ ଉତ୍ତମ ଚିକିତ୍ସକ ଭାବରେ ଶ୍ରଦ୍ଧାଭାଜନ ହୋଇଥିବା ଫାର୍ମାସିଷ୍ଟ ଦୀପକ କୁମାର ଦାସ, ଦୀର୍ଘବର୍ଷ ପରେ ଗତ ମେ ଏକତିରିଶ ତାରିଖ ଦିନ ଅବସର ଗ୍ରହଣ କରିବା ଅବସରରେ ଅଧିଷ୍ଠାତ୍ରୀଦେବୀ ମା ସାରଳା ଠାକୁରାଣୀ ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ ।ଶ୍ରୀ ଦାସ, କନକପୁର ମେଡିକାଲ ରେ ୧୨/୪/୯୧ ରୁ ୩୧/୫/୨୦୨୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପଇଁତିରିଶ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ, ନିଜ ପରିବାର ର ସୁଖସାଚ୍ଛନ୍ଦ୍ୟକୁ ପଛରେ ପକାଇ, ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇଆସୁଥିବାରୁ ସବୁଦିନ ଏହି ଡାକ୍ତରଖାନା ରେ ରୋଗୀମାନଙ୍କ ଭିଡ଼ ଲାଗିରହୁଥିଲା । ତାଙ୍କର ଅବସରରେ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଜଣେ ଦେବାତୁଲ୍ୟ ସ୍ୱାସ୍ଥ୍ୟସେବକଙ୍କୁ ବିଦାୟ ଦେଉଥିବାର ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ଗତ ରବିବାର ସନ୍ଧ୍ୟାରେ ଶ୍ରୀଦାସଙ୍କୁ ଏହି ଅବସରରେ ମାଆଙ୍କ ସିଂହଦ୍ୱାର ସମ୍ମୁଖରେ ସାରଳାମନ୍ଦିରର ସମସ୍ତ ସେବାୟତ ଓ ଆଞ୍ଚଳିକ ଅଧିବାସୀମାନେ ମାଆଙ୍କ ଅଙ୍ଗବସ୍ତ୍ର, ଆଶୀର୍ବାଦ ମାଳ ଓ ପ୍ରତିଛବି ଅର୍ପଣ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ମାଆଙ୍କ ବରିଷ୍ଠ ସେବାୟତ ଲକ୍ଷ୍ମୀଧର ମହାପାତ୍ର, ସାରଳାସଂସ୍କୃତି ଗବେଷକ ରମାକାନ୍ତ ରାଉଳ, ଯୁବସମାଜସେୀ ନୃସିଂହ ଚରଣ



ରାଉଳ, ଗୋଲକ ଚନ୍ଦ୍ର ରାଉଳ, ବିଶ୍ୱରଂଜନ ରାଉଳ, ତ୍ରିଲୋଚନ ରାଉଳ, ନିକୁଞ୍ଜକିଶୋର ରାଉଳ, ସୁନୀଲ ମନୋହର ପଣ୍ଡା, ରମେଶ ଚନ୍ଦ୍ର ରାଉଳ, ଉମାଶଙ୍କର ରାଉଳ ଓ ସୁଧୀର ରଞ୍ଜନ ବାରିକ ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ନାଉଗାଁ, (ସବ୍ରୁ): ସ୍ଥାନୀୟ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ନାଉଗାଁର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଜ୍ୟୋତି ପ୍ରକାଶ ଲେଙ୍କାଙ୍କ ଅବସର ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟର କର୍ମଚାରୀମାନଙ୍କ ପକ୍ଷରୁ ବର୍ତ୍ତମାନ ଅଧ୍ୟକ୍ଷ ବିଭୁତି ଭୂଷଣ ସଓ୍ୱାଇଁଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ସଭାରେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ପ୍ରଭାତ କୁମାର ଶତପଥି, ତୁଷାର କାନ୍ତ ଦାସ, ହୃଦାନନ୍ଦ ସଓ୍ୱାଇଁ, ମନଲୋଭା ପ୍ରଧାନ, ଡା. ନିକୁଞ୍ଜ ରଞ୍ଜନ ଦାଶ, ସୁରେଶ କୁମାର ବାରିକ ଓ ଚୈତନ୍ୟ ଚରଣ ପରିଡା ଉପସ୍ଥିତ ରହିଥିଲେ । ଶ୍ରୀ ଲେଙ୍କା ୧୯୮୯ ମସିହାରୁ ଏହି ମହାବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ଭାବେ ନିଜ କର୍ମଜୀବନ ଆରମ୍ଭ କରି ପରବର୍ତ୍ତୀକାଳରେ ପ୍ରାଧ୍ୟାପକ ଏବଂ ଅଧ୍ୟକ୍ଷ ପଦ ଲାଭ କରିଥିଲେ । ସେ ଜଣେ ଛାତ୍ରବତ୍ସଳ ଓ ନିଷ୍ଠାବାନ ଶିକ୍ଷକ ଭାବେ ଛାତ୍ରଛାତ୍ରୀମାନଙ୍କ ମନରେ ବିଶେଷ ସ୍ଥାନ ଅଧିକାର କରିଥିଲେ । ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।ଶେଷରେ ଏକ ବିରାଟ ଶୋଭାଯାତ୍ରା ମାଧ୍ୟମରେ ଶ୍ରୀ ଲେଙ୍କାଙ୍କୁ ତାଙ୍କ ବାସଗୃହ ପର୍ଯ୍ୟନ୍ତ ଏକ ବିରାଟ ପଟୁଆରରେ ଅଣାଯାଇଥିଲ । ସେଠାରେ ଆୟୋଜିତ ଅନ୍ୟ ଏକ ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ ।



# ଯାତ୍ରା ହିରୋଇନ କରିବାକୁ ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ, ୨ ଅଭିଯୁକ୍ତ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,(ସବ୍ୟୁ) : ପଟ୍ଟାମୁଣ୍ଡାଇର ଜନୈକା ଯୁବତୀକୁ ଯାତ୍ରା ହିରୋଇନ କରିବାର ମିଥ୍ୟା ପ୍ରତିଶୃତି ଓ ପ୍ରଲୋଭନ ଦେଖାଇ ଏକ ପ୍ରତିଷ୍ଠିତ ଯାତ୍ରା ଅନୁଷ୍ଠାନର ପରିଚାଳକ କୁହାଯାଉଥିବା ୨ଜଣ ଯୁବକ ବାରମ୍ବାର ଦୁଷ୍କର୍ମ କରିବା ସହିତ ୨ଲକ୍ଷ ୮୦ହଜାର ଟଙ୍କା ଲୁଟି ନେବା ଘଟଣାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଥାନା କେଶ ନଂ ୨୩୩/୨୬ ରେ ଏକ ମୋକଦ୍ଦମା ରୁଜୁ କରି ୨ ଅଭିଯୁକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି ।ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଦୁଷ୍କର୍ମ ଓ ପ୍ରତାରଣାର ଶିକାର ହୋଇଥିବା ଯୁବତୀଙ୍କ ଏତଲା ଅନୁଯାୟୀ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦାଣ୍ଡିସାହି ଗ୍ରାମର ଏସ ରାଉତ ନାମକ ଜନୈକା ଯୁବତୀଙ୍କୁ ତୁଳସୀ ଗଣନାଟ୍ୟରେ ହିରୋଇନ କରି ଦେବାର ମିଥ୍ୟା ପ୍ରତିଶୃତି ଓ ପ୍ରଲୋଭନ ଦେଖାଇ ଉକ୍ତ ଯାତ୍ରା ପାର୍ଟିର ପରିଚାଳକ ବୋଲି ଦାବୀ କରୁଥିବା ବୁଲୁ ପଣ୍ଡା ଓ ଜ୍ୟୋତି ପଣ୍ଡା ନାମକ ୨ଜଣ ଯୁବକ ଗତ ୬. ୪. ୨୦୨୬ ରିଖରେ ଚଉଦକୁଲାଟ ପେଟ୍ରୋଲ ପମ୍ପ ନିକଟରୁ ସମ୍ପୃକ୍ତା ଯୁବତୀକୁ ଉଠାଇ ନେଇ କେନ୍ଦ୍ରାପଡ଼ା ଗରାପୁରର ଏକ ହୋଟେଲକୁ ନେଇଯାଇଥିଲେ । ଏହି ଯୁବକ ୨ଜଣ ପୂର୍ବରୁ ଉକ୍ତ ହୋଟେଲରେ ୨ଟି ରୁମ ବୁକ କରିଥିଲେ ।ଏହା ପରେ ଯୁବକ ୨ଜଣ ପ୍ରଚୁର ମଦ୍ୟପାନ କରିବା ସହିତ ଯୁବତୀ ଜଣକୁ ଏକ ଥଣ୍ଡା ପାନୀୟ ପିଇବାକୁ ଦେଇଥିଲେ । ପରେ ପରେ ଯୁବତୀ ଜଣକ ଚେତାଶୁନ୍ୟ ହୋଇ ପଡିବାରୁ ଯାତ୍ରା ପାର୍ଟି ପରିଚାଳକ କୁହାଯାଉଥିବା ୨ଜଣ ଯୁବକ ମଦ ନିଶାରେ ଯୁବତୀଙ୍କୁ ଦୁଷ୍କର୍ମ କରିବା ସହିତ ତାଙ୍କ ଅଶୀଳ ଫଟୋ ଓ ଭିଡିଓ କରିଥିଲେ । ଏହା ପରେ ୨ଜଣ ଯୁବକ ଗଣ ଦୁଷ୍କର୍ମର ଶିକାର ହୋଇଥିବା ଯୁବତୀଙ୍କୁ ଧମକ ଦେଇ ଏ ଘଟଣା କାହାରି ଆଗରେ ପ୍ରକାଶ କଲେ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିଲେ ।ଏଥି ସହିତ ହିରୋଇନ କରିବାକୁ ଯାତ୍ରାପାର୍ଟିରେ ଚୁକ୍ତି କରିଦେବାକୁ କହି ସମ୍ପୃକ୍ତା ଯୁବତୀଙ୍କ ଠାରୁ ଉକ୍ତଦିନ ୨ଲକ୍ଷ ୮୦ ହଜାର ଟଙ୍କା ନେଇଯାଇଥିଲେ । ଘଟଣାର ପରଦିନ ଉକ୍ତ ୨ଜଣ ଅଭିଯୁକ୍ତ ସମ୍ପୃକ୍ତା ଯୁବତୀଙ୍କୁ ବାଲିଚନ୍ଦ୍ରପୁର ନେଇ ପାର୍ଟି ମାଲିକଙ୍କୁ ସାକ୍ଷାତ କରାଇଥିଲେ ।ପରେ ପରେ ଯାତ୍ରା ପାର୍ଟି ହିରୋଇନ ହେବା ପାଇଁ ଏଗ୍ରିମେଣ୍ଟ କରିବାକୁ ଆଉ ଥରେ ଆସିବାକୁ ଯୁବତୀ ଜଣଙ୍କୁ କହିଥିଲେ । ଗତ ମେ ମାସ ୧୨ତାରିଖରେ ଯାତ୍ରା ପାର୍ଟି ପରିଚାଳକ ବୋଲି ଦାବୀ କରୁଥିବା ବୁଲୁ ପଣ୍ଡା ସେହି ଝିଅକୁ ଗଗୁଆ ଛକରୁ ବଳପୂର୍ବକ ଉଠାଇ ନେଇ ବଳଦେବଜୀଉ ମନ୍ଦିର କଳିଙ୍ଗ ପ୍ୟାଲେସ ହୋଟେଲକୁ ନେଇ ସେଠାରେ ପୁଣି ଥରେ ଯୁବତୀ ଜଣଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିବା ସହିତ ଯାତ୍ରା ପାର୍ଟି ହିରୋଇନ ହେବାକୁ ଏଗ୍ରିମେଣ୍ଟ କରିବା ନିମନ୍ତେ ଆଉ ୫୦ ହଜାର ଟଙ୍କା ଦାବୀ କରିଥିଲା । ଏହା ପରେ ସମ୍ପୃକ୍ତା ଯୁବତୀ ଜଣକ କୌଣସି ଉପାୟ ନପାଇ ଘରକୁ ଫେରି ଆସିଥିଲା ।ଏହି ଘଟଣା ପରେ ଯାତ୍ରା ପାର୍ଟି ପରିଚାଳକ ବୋଲି ଦାବୀ କରୁଥିବା ୨ଜଣ ଯୁବକ ସମ୍ପୃକ୍ତା ଯୁବତୀଙ୍କୁ ଭିଡିଓ କଲ କରି ଉଲଂଗ୍ନ ହେବାକୁ ଧମକ ଦେବା ସହିତ ହିରୋଇନ ହେବାକୁ ପୁନଃରାୟ ଟଙ୍କା ଦେବାକୁ ଧମକ ଦେଉଛନ୍ତି ବୋଲି ବାରମ୍ବାର ଦୁଷ୍କର୍ମ ଓ ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣକ ଗତ ୨୬ ମେ ରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗର ଗୁରୁତ୍ୱ ଉପଲବ୍ଧି କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ଥାନା କେଶ ନଂ ୨୩୩ /୨୬ରେ ଏକ ମୋକଦ୍ଦମା ରୁଜୁ କରିଥିଲେ । ଆଇଆଇସି ଶ୍ରୀମତୀ ପାତ୍ରଙ୍କ ନିର୍ଦ୍ଦେଶରେ ସବ ଇନ୍ସପେକ୍ଟର ସୁମନ୍ତ ସେଠୀ ବାଲିଚନ୍ଦ୍ରପୁର ଅଞ୍ଚଳରେ ସଦଳବଳେ ଚଢ଼ାଉ କରି ଯାତ୍ରା ପାର୍ଟି ପରିଚାଳକ କୁହାଯାଉଥିବା ୨ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ରେ ଆଲୋଡନ ସୃଷ୍ଟି କରିଛି ।

# ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନିୟମିତତା : ଅଭିଯୋଗ ପରେ ବି ବ୍ଲକ ପ୍ରଶାସନ ଚୁପ୍

ମାହାଙ୍ଗା ,(ସବ୍ୟୁ) : ମାହାଙ୍ଗା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗ କରାଯିବା ଏପରିକି ସୂଚନା ତଥ୍ୟ ମଗାଯାଇଥିଲେ ମଧ୍ୟ ମାହାଙ୍ଗା ବ୍ଲକପ୍ରଶାସନ ସଠିକ୍ ତଥ୍ୟ ପ୍ରଦାନ ନକରିବା ନେଇ ଅଭିଯୋଗ ହେଉଛି । ବିଗତ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଠାଘର ଥାଇ ମଧ୍ୟ ହିତାଧିକାରୀ ଗୃହ ପ୍ରଦାନ କରାଯାଇଛି । ଅନେକ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଘର ଦୋକାନଘର ପାଲଟିଛି । ବିଗତ ଦିନରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହାର ତଦନ୍ତ କରିବାକୁ ପଛଘୁଂଚା ଦେଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକର ଆନନ୍ଦପୁର ଗ୍ରାମପଂଚାୟତର ଆନନ୍ଦପୁର ଗ୍ରାମର କ୍ଷୀରେଦ ଚନ୍ଦ୍ର ମହାପାତ୍ର ଅସାଧୁ ଉପାୟରେ ତାଙ୍କର ପ୍ରଥମ ସ୍ତ୍ରୀ ଥାଇ ମଧ୍ୟ ଦ୍ୱିତୀୟ ସ୍ତ୍ରୀ ନାମରେ ଅନ୍ତ୍ୟୋଦୟ ଗୃହ ଯୋଜନା ହାତେଇଛନ୍ତି । ପ୍ରଥମ ସ୍ତ୍ରୀ କୋରାପୁଟ ଜିଲ୍ଲାରେ ଅଙ୍ଗନଓ୍ୱାଡି କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି । ଏ ସଂପର୍କରେ ତା ୧୮.୧୧.୨୦୨୫ରିଖରେ ମାହାଙ୍ଗା ବ୍ଲକ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା । ବ୍ଲକ କାର୍ଯ୍ୟଯାଳୟ ଚିଠି ନଂ୫୧୭୧ ତା ୧୯.୧୧.୨୦୨୫ରିଖରେ ଏହି ଘଟଣାର ତଦନ୍ତ ପାଇଁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡିଥିଲା । ତା୦୧.୦୫.୨୦୨୬ରିଖରେ ବିଡିଓ ମାହାଙ୍ଗା ନିକଟରେ ଲିଖିତ ଅଭିଯୋଗ କରାଯାଇଥିଲା ଯେ କ୍ଷୀରୋଦ ଚନ୍ଦ୍ର ମହାପାତ୍ରଙ୍କ ପ୍ରଥମ ସ୍ତ୍ରୀ କୌଶଲ୍ୟା ସ୍ୱାଇଁ କୋର୍ଟରେ ଆଇନଗତ ଭାବେ ଡାଇଭର୍ସ ଦେଇ ନଥିଲା ବେଳେ କିଭଳି ଭାବରେ କ୍ଷୀରୋଦ ଚନ୍ଦ୍ର ମହାପାତ୍ର ରସ୍ମିତା ସ୍ୱାଇଁଙ୍କୁ ଦ୍ୱିତୀୟ ବିବାହ କଲେ ଓ ତାଙ୍କ ନାମରେ ସରକାରୀ ଯୋଜନାରେ ବ୍ଲକ ପ୍ରଶାସନ କଭଳି ଘର ପ୍ରଦାନ କଲେ ସେ ନେଇ ଅଭିଯୋଗ ହୋଇଛି । ଏହା ଉପରେ ମାହାଙ୍ଗା ବିଡିଓ କି ପଦକ୍ଷେପ ନେଉଛନ୍ତି ତାହାଦେଖିବାକୁ ରହିଲା ।

# ପାଣିକୋଇଲି ମହାବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷା ଫଳ, ଗୀତାଞ୍ଜଳି ଚକ୍ରବର୍ତ୍ତୀ କଲେଜ ଟପ୍ପର

ପାଣିକୋଇଲ,(ସବ୍ୟୁ) : ପାଣିକୋଇଲିସ୍ଥିତ ମା ତିରିଣୀ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ଫଳ ପ୍ରକଶ ପାଇଛି। ଉଦ୍ଭିଦବିଜ୍ଞାନର ଛାତ୍ରୀ ଗୀତାଂଜଳୀ ଚକ୍ରବର୍ତ୍ତୀ ମହାବିଦ୍ୟାଳୟର ଟପର ହୋଇଛନ୍ତି। କଳା ବିଭାଗରେ ଓଡିଆ ସମ୍ମାନର ଛାତ୍ରୀ ମଧୁସ୍ମିତା ମହାରଣା ଓ ବାଣିଜ୍ୟ ବିଭାଗର ଛାତ୍ରୀ ଶ୍ରାବଣୀ ସାହୁ ଟପର ହୋଇଛନ୍ତି। ଏଗ୍ରେଡରେ ୧୦ଜଣ ଛାତ୍ରଛାତ୍ରୀ କୃତିତ୍ୱର ସହ ଯାଜପୁର ଜିଲ୍ଲା ସ୍ତରରେ ସ୍ଥାନ ଗ୍ରହଣ କରି ଗୌରବ ହାସଲ କରିଛନ୍ତି। ସେହିପରି ଇଂରାଜୀରେ ଦେବ ପ୍ରସାଦ ଭଂଜ, ଇତିହାସରେ ଶୁଭସ୍ମିତା ପରିଡା, ରାଜନିତୀ ବିଜ୍ଞାନରେ ପୂର୍ଣ୍ଣିମା ପତ୍ରୀ, ସଂସ୍କୃତ ବିଭାଗରେ ମିଲି ସାହୁ, ରସାୟନ ବିଜ୍ଞାନରେ ଜସ୍ମିନ ସାମଲ, ଗଣିତରେ ମୋନାଲିସାଚ ସାହୁ, ପଦାର୍ଥ ବିଜ୍ଞାନରେ ସୁଚିସ୍ମିତା ମହାନ୍ତି, ପ୍ରାଣୀ ବିଜ୍ଞାନରେ ମଧୁସ୍ମିତା ସାହୁ, ପ୍ରମୁଖ ବିଭାଗ ଟପର ହୋଇଛନ୍ତି। ସଫଳ ଛାତ୍ରଛାତ୍ରୀମାନଙ୍କୁ କଲେଜ ଅଧଯକ୍ଷ ଡକଫର ଚନ୍ଦ୍ରକାନ୍ତ ମହାନ୍ତି ଓ କଲେଜର ସମସ୍ତ ଅଧଯାପକ,ଅଧଯାପିକା ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷଯତ କାମନା କରିଛନ୍ତି।

# ବର୍ଷକରେ ୪୩ଲକ୍ଷ ୯୬ହଜାର ୨୯୪ଲିଟର ବିଦେଶୀ ମଦ ବିକ୍ରି

## ୨୫ ଠିପି ବନ୍ଦ ଓ ୧୨ ଦେଶୀ ମଦ ପାଇଁ ଦିନକ ପରେ ଲଟେରୀ

ପାରାଦୀପ,( ଜି .ପ୍ର ): ଜଗତସିଂହପୁର ଜିଲ୍ଲାରେ ମଦ ବିକ୍ରି ବୃଦ୍ଧି ଘଟିଛି । ମଦ ବିକ୍ରୀକୁ ଲକ୍ଷ କରି ମଦ ଦୋକାନ ନିମନ୍ତେ ନିଲାମ ଧରି ମାନଙ୍କ ଆଗ୍ରହ ମଧ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ଜିଲ୍ଲାରେ ମୋଟ ୨୬ଟି ଠିପି ବନ୍ଦ ମଦ ଦୋକାନ ଥିବାବେଳେ ୧୩ଟି ଦେଶୀ ମଦ ଦୋକାନ ସରକାରୀ ଭାବେ ଅଛି । ୨୦୨୫ ଏପ୍ରିଲ ମାସ ଠାରୁ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୨୭ଲକ୍ଷ ୫୯ ହଜାର ୮୭୭ ଲିଟର ବିୟର ଓ ୧୬ଲକ୍ଷ ୩୬ହଜାର ୪୧୭ ଲିଟର ବିଦେଶୀ ମଦ ସରକାରୀ ଭାବେ ଉଠାଯାଇଛି । ଉଭୟ ପରିମାଣକୁ ହିସାବକୁ ନେଲେ ମୋଟ ୪୩ଲକ୍ଷ ୯୬ହଜାର ୨୯୪ ଲିଟର ମଦ ବିକ୍ରି କରାଯାଇଛି । ଠିପି ଖୋଲା ବିଦେଶୀ ଓ ଦେଶୀ ମଦ ଦୋକାନ ବିକ୍ରିର ହିସାବ ଦେଖିଲେ ଏହାର ସଂଖ୍ୟା ଆହୁରି ଅଧିକ ହେବ ଓ ଦେଶୀ ଦୋକାନ ହିସାବ ହେଲେ ଏହା ରେକର୍ଡ କରିବ ବୋଲି କୁହା ଯାଉଛି । ଆସନ୍ତା ୨ ତାରିଖ ଦିନ ଜିଲ୍ଲାରେ ଷଷ୍ଠ କୁଦ -୨ ଠିପି ବନ୍ଦ ଓ ଜଗତସିଂହପୁର ସହରର ଦେଶୀ ଦୋକାନକୁ ଛାଡିଦେଲେ ୨୫ ଠିପି ବନ୍ଦ ମଦ ଦୋକାନ ଓ ୧୨ ଦେଶୀ ମଦ ଦୋକାନ ପାଇଁ ନିଲାମ ହେବାକୁ ଥିବା ବେଳେ ଜିଲ୍ଲାରେ ମଦ ବିକ୍ରୀକୁ ଲକ୍ଷ କରି ନିଲାମ ଧାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ବିଦେଶୀ ନିଲାମଧାରୀ ମାନେ ୩ ଲକ୍ଷ ଟଙ୍କା ଓ ଦେଶୀ ନିଲାମ ଧାରୀ ମାନେ ୨ ଲକ୍ଷ ଟଙ୍କା ଲେଖାଁଏ ପୈଠ କରିଥିବା ବେଳେ ଏହା ଆଉ ଫେରସ୍ତ ନାହିଁ । ଜିଲ୍ଲା ସଦର ମହକୁମାରେ ଏହି ଲଟେରୀ ଉଠାଣ ଥିବାବେଳେ କିଏ କେଉଁ ଦୋକାନ ପାଇଁ ବାଜି ମାରିବା ସେନେଇ ଉତ୍କଣ୍ଠା ବୃଦ୍ଧି ପାଇଛି । କିଛି ନିଲାମ ଧାରୀ ଏକାଧିକ ଦୋକାନ ନିମନ୍ତେ ନିଲାମ ପାଇଁ ଆବେଦନ କରିଥିବା ବେଳେ କିଛି ଜିଲ୍ଲା ବାହାରର ଓ ରାଜ୍ୟ ବାହାର ବ୍ୟବସାୟୀ ମଧ୍ୟ ଜିଲ୍ଲା ଲଟେରୀରେ ଅଂଶଗ୍ରହଣ କରୁଛନ୍ତି ।

# ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋତଲ ବୋମାମାଡ ଘଟଣା , ୬ ଅଟକ

ପାରାଦୀପ,( ଜି ପ୍ର ) :ପାରାଦୀପ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋତଲ ବୋମାମାଡ ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି ପୋଲିସ । ଗତକାଲି ଘଟଣା ଘଟିବାର ମାତ୍ର କିଛି ସମୟ ମଧ୍ୟରେ ଜିଲ୍ଲା ଏସ୍ପି ଅଙ୍କିତ କୁମାର ବର୍ମା ଜଗତସିଂହପୁର ସଦର ମହକୁମାରୁ ଆସି ପାରାଦୀପରେ ଘଟଣାସ୍ଥଳରେ ପହଁଚିଥିବା ଦେଖିବାକୁ ମିଳିଥିବା ବେଳେ ରାତି ତମାମ ବିଭିନ୍ନ ଜାଗାରେ ଚଢ଼ାଉ କରି ପ୍ରାୟ ୬ ଜଣଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡିଛି । ଘଟଣା କଣ ପାଇଁ ଘଟିଲା ଓ ଏହି ଘଟଣା ପଛରେ କିଏ ଅଛି , ତାହାର ମୂଳ ଏବେ ଖୋଜୁଛି ପୋଲିସ । ଏସ୍ପି ବିଭିନ୍ନ ଟିମ ଗଠନ କରି ଭିନ୍ନ ଭିନ୍ନ ଦୃଷ୍ଟିରୁ ତଦନ୍ତ ଜାରି ରଖିଥିବା ବେଳେ ଆଜି ଦିନ ତମାମ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ମାଣେ ଘଟଣା ସ୍ଥଳରେ ପହଂଚି ମଧ୍ୟ ଛାନଭିନ କରିଛନ୍ତି । ଏପଟେ ଘଟଣାକୁ ନେଇ ପାରାଦୀପ ବିଜେଡି ପକ୍ଷରୁ ଆଜି ସ୍ଥାନୀୟ ବିଜୁ ଟ୍ରଷ୍ଟରେ ସାମ୍ବାଦିକ ସମ୍ବିଳନୀ କରାଯାଇଛି । ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଓ ପୂର୍ବତନ ସଂସଦ ଡ କୁଳମଣି ସାମଲ ଘଟଣାକୁ ଦୃଢ ନିନ୍ଦା କରିବା ସହ ଦୋଷୀକୁ ତୁରନ୍ତ ଧରିବାକୁ ଦାବି କରିଛନ୍ତି । ଯଦି ପୌରାଧ୍ୟକ୍ଷଙ୍କ ଘର ଉପରେ ବୋମା ମାଡ କରାଯିବ ତେବେ ପାରାଦୀପବାସି କେତେ ସୁରକ୍ଷିତ ବୋଲି ସମ୍ବିତ ପ୍ରଶ୍ନ କରିଛନ୍ତି । ସେହିପରି ଏହି ଘଟଣାକୁ ନେଇ ଆଜି ପାରାଦୀପର ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମଧ୍ୟ ଦୋଷୀ ମାନଙ୍କୁ ଧରାଯିବା ସହ ଘଟଣାକୁ ଦୃଢ ନିନ୍ଦା କରାଯାଇ ମଧ୍ୟ ସମ୍ବାଦିକ ସମ୍ବିଳନୀ କରାଯାଇଛି । ଏହି ବୋମା ମାଡ ପଛରେ କିଏ ଓ ଏହା ରାଜନୈତିକ ଶତ୍ରୁତା କି ବ୍ୟକ୍ତିଗତ ଶତ୍ରୁତା ତାହା ଅଦ୍ୟାବଧି ସ୍ପଷ୍ଟ ହୋଇ ପାରିନଥିବା ବେଳେ ୨୦୧୦ ମସିହାରେ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମା ମାଡ ହୋଇଥିବା ଓ ୨୦୧୧ ମସିହାରେ ତାଙ୍କ ଘର ଉପରକୁ ଗୁଳି ମାଡ କରାଯାଇଥିବା ପୂର୍ବରୁ ନଜିର ଅଛି । ଏହି ପୂର୍ବ ଦୁଇ ଘଟଣାକୁ ମଧ୍ୟ ପୁଣି ଖୋଲାଯିବ ବୋଲି ଏସ୍ପି ଅଙ୍କିତ ବର୍ମା ପ୍ରକାଶ କରିଥିବା ବେଳେ ଗତକାଲିର ଘଟଣା ପରେ ପାରାଦୀପରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି । ଖୁବ ଶୀଘ୍ର ଘଟଣାର ପରଦା ଫାଶ କରାଯିବ ଓ ଦୋଷୀ ମାନଙ୍କୁ ଧରାଯିବା ବୋଲି ଏସ୍ପି ଦୃଢତାର ସହ ପ୍ରକାଶ କରିଛନ୍ତି ।

# ବିପଦଜନକ ଅବସ୍ଥାରେ ବାରୋ ବାତ୍ୟା ଆଶ୍ରୟସ୍ଥଳୀ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋ ପଂଚାୟତ ବାରୋ ହରିଜନସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ବିପଦଜନକ ଅବସ୍ଥାରେ ରହିଛି । ଏହା କେତେବେଳେ କୌଣସି ଅଘଟଣ ଘଟିଲେ ସ୍କୁଲ୍ ଛାତ୍ର/ଛାତ୍ରୀ ବିପଦର ସମ୍ମୁଖୀନ ହେବେ । ଏ ନେଇ ବାରୋ ସରପଂଚ ଗୋପୀନାଥ ମଲ୍ଲିକ ବାରମ୍ବାର ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ରାପଡା ବିଡିଓଙ୍କୁ ଅଭିଯୋଗ କରି ଆସୁଛନ୍ତି । ଆଗକୁ ବର୍ଷାଋତୁ ଆସୁଥିବାରୁ ବାତ୍ୟା ଆଶ୍ରୟସ୍ଥଳ ଗୁଡିକୁ ମରାମତି କରିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଦୀର୍ଘ ବର୍ଷ ହେଲା ଏହି ବାତଯା ଆଶ୍ରୟସ୍ଥଳ ବିପଦ ଜନକ ଅବସ୍ଥାରେ ଥିବା ସତ୍ତ୍ୱେ ଏହାକୁ ଅସୁରକ୍ଷିତ ଗୃହ ରୂପେ ଘୋଷଣା କରି ବିଦ୍ୟାଳୟଟିକୁ ସାମୁହିକ ଭାବେ ଘୋଷଣା କରାଯାଇ ଏହାକୁ ଲାଗିଥିବା ବିଦ୍ୟାଳୟକୁ ୭ ବର୍ଷ ହେବ କୋର ମିର୍ଜାପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବିଇଓଙ୍କ ନିର୍ଦ୍ଦେଶରେ ସ୍ଥାନାନ୍ତର କରାଯାଇଥିଲା । ବର୍ତ୍ତମାନ ମଧ୍ୟ ସେହିଠାରେ ଛାତ୍ର/ଛାତ୍ରୀଙ୍କ ପାଠପଢା ଚାଲୁ ରହିଛି । ଏହା ଦୁଇ କିଲୋମିଟରରୁ ଉର୍ଦ୍ଧ୍ୱର୍ ହେଉଥିବାରୁ ଛାତ୍ର/ଛାତ୍ରୀ ମାନେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ବାତଯା ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ଭାବେ ମରାମତି କରିବା ପାଇଁ ସରପଂଚ ଓ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରି ଆସୁଛନ୍ତି । ଏ ନେଇ ଶନିବାର ବାବାଜୀ ମଲିକ, ରମେଶ ମଲିକ, ଭିକାରୀ ମଲିକ, ଶ୍ରୀକାନ୍ତ ମଲିକ, ସାଗର ମଲିକ, ରଞ୍ଜନ ମଲିକ, କ୍ରୀଷ୍ଟାନନ୍ଦ ମଲିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ବଲାଙ୍ଗିଆରେ ପଥର ମାଫିଆଙ୍କ ବିସ୍ଫୋରଣ ଘଟଣା

# କାର୍ଯ୍ୟାନୁଷ୍ଠାନ ଦାବିରେ ଜୁନ ୩ରେ ଜେନାପୁର ଥାନା ଘେରିବ ଭୀମ ଆର୍ମି

ଚଣ୍ଡିଖୋଲ/ଚଡେଇଧରା (ସବ୍ୟୁ) : ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅଞ୍ଚଳରେ କଳାପଥର ଚୋରଙ୍କ ଉତ୍ପାତ ସୀମା ଟପୁଛି । ଯିଏ ଯେଉଁଠି ପାରିଲା ଦିନ ଦିପ୍ରହରରେ ଡେନାମାଇଟ ବିସ୍ଫୋରଣ କରି ପାହାଡ ଫଟାଇ ମନଇଛା କଳାପଥର ଲୁଟରେ ମାତିଛନ୍ତ । କିଏ ଜଙ୍ଗଲ ସଫାକରି ନିଷିଦ୍ଧ ସ୍ଥାନରୁ ପଥର ଖୋଳି ନେଉଛିତ କିଏ ସରକାରୀ ଅନାବାଦୀ,ଗୋଚର ଜମିକୁ କବଜାକରି ସେଠାରେ ବିସ୍ଫୋରଣ ଘଟାଇ ଆଖିବୁଜା ପଥର ଲୁଟପାଟ କରିଚାଲିଛି । କେତେକ ସ୍ଥାନରେ ଦେବୋତ୍ତର ଜମିରେ ଓ ଅନ୍ୟ କେତେକ ସ୍ଥଳେ ଆଦିବାସୀ ଅଧ୍ୟୁଷିତ ଗାଁ ଭିତରେ ପଶି ମାଫିଆମାନେ ଶକ୍ତିଶାଳୀ ବିସ୍ଫୋରଣ କରି ଲକ୍ଷ ଲକ୍ଷ ଟଙ୍କାର କଳାପଥ ଚୋରିକରି ଚାଲିଛନ୍ତ । ପଥର ବିସ୍ଫୋରଣରେ କିଏ ମରୁ କି କାହା ଘରଦ୍ୱାର ଭୁଷୁଡିପଡୁ ସେଥିପ୍ରତି ପଥର ମାଫିଆଙ୍କ ଫିକର ନାହ । ଯାହାକୁ ନେଇ ସମଗ୍ର ଅଞ୍ଚଳରେ ଅରାଜକତା ବଢିବଢି ଚାଲିବା ସହ ସାଧାରଣ ଜନ ଜୀବନ ଜଙ୍ଗଲରେ ବସବିସ କରୁଥିବା ଆଦିବାସୀ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛ । ସମ୍ପୂର୍ଣ୍ଣ ବେଆଇନ ଭାବେ ମାଫିଆଙ୍କ ଦ୍ୱାରା ଏହି କାର୍ଯ୍ୟ ଚାଲିଥିଲେ ମଧ୍ୟ ସ୍ଥାନୀୟ ପୋଲିସ,ଜଙ୍ଗଲ ବିଭାଗ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ପରିବର୍ତ୍ତେ ପଥର ମାଫିଆଙ୍କ ପକ୍ଷ୍ୟ ନେଇ ନିରବ ଦ୍ରଷ୍ଟା ସାଜିଥିବା ଗୁରୁତର ଅଭିଯୋଗ ହୋଇଛ । ପୋଲିସ ଓ ପ୍ରଶାସନିକ ସ୍ଥାଣୁତାକୁ ନେଇ ଏବେ ସମଗ୍ର ଅଞ୍ଚଳରେ ତିବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛ । ଯାହାକୁ ନେଇ ଆସନ୍ତା ଜୁନ ୩ ତାରିଖରେ ଭୀମ ଆର୍ମି ପକ୍ଷରୁ ଜେନାପୁର ଥାନା ଘେରାଉ ପାଇଁଘୋଷଣା କରାଯାଇଛି । ଶହଶହ ଆଦିବାସୀ ଓ ଦଳିତ ବର୍ଗର ଲୋକ ସେହିଦିନ ଥାନା ଘେରାଉରେ ସାମିଲ ହୋଇ ପଥର ମାଫିଆଙ୍କ ଉତ୍ପାତ ଓ ପୋଲିସ ପ୍ରଶାସନର ଅବହେଳାର ପ୍ରତିବାଦ କରିବେ ବୋଲି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି । ବିଶେଷ କରି ଜେନାପୁର ଥାନା ଚକ୍ରଧରପୁର ପଞ୍ଚାୟତ ଅଧିନ ବଲାଙ୍ଗିଆ ନୂଆସାହି ଗ୍ରାମରେ ଚଳିତ ମେଁମାସ ୭ ତାରିଖରେ ମାଫିଆମାନେ ପଥର ଚୋରି ପାଇଁ ଶକ୍ତିଶାଳୀ ଡେନାମାଇଟ ବିସ୍ଫୋରଣ କରିଥିଲେ । ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲାଯେ ବଡବଡ ପଥରଖଣ୍ଡ ବଲାଙ୍ଗିଆ ଆଦିବାସୀ ଗ୍ରାମରେ ଆସି ପଡିଥିଲା । ଏପରିକି କେତେକ ଆଦିବାସୀଙ୍କ ଘର ଉପରେ ମଧ୍ୟ ପଥରଖଣ୍ଡ ପଡି କ୍ଷତି ଘଟାଇଥିଲା । ନୂଆସାହି ଓ ବଲାଙ୍ଗିଆ ଗ୍ରାମକୁ ଲାଗିଥିବା ନିଷିଦ୍ଧ ସ୍ଥାନରୁ ବେଆଇନ ପଥର ଚୋରି ସମୟରେ ଏହି ଅଭାବନୀୟ ଘଟଣା ଘଟିଥିବାରୁ ଗ୍ରାମବାସୀମାନେ ଆତଙ୍କିତ ହୋଇପଡିଥିଲେ । ପରେପରେ ଲୋକେ ଘଟଣା ସ୍ଥଳକୁଯାଇ ମାଫିଆଙ୍କୁ ଧରିବା ପାଇଁ ଚେଷ୍ଟା କରିଥିଲେ । ହେଲେ ସଂପୃକ୍ତ ମାଫିଆମାନେ ଆଗୁଆ ଖବରପାଇ ଫେରାର ହୋଇଯାଇଥିଲେ । ଘଟଣା ସ୍ଥଳରୁ ବହୁପରିମାଣର ବିସ୍ଫୋରଣ ସାମଗ୍ରୀ ସହିତ ଗୋଟିଏ ମେସିନ ଓ ଏକ ମୋଟର ସାଇକେଲକୁ ଲୋକେ ଜବତକରି ଗ୍ରାମକୁ ଆଣିବା ସହିତ ଜେନାପୁର ଥାନା ପୋଲିସକୁ ଜଣାଇଁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ହେଲେ ଥାନା ଅଧିକାରୀ ଛୁଟିରେ ଥିବା କହି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ଲୋକେ ପୋଲିସର ଶିଥିଳତାକୁ ପ୍ରତିବାଦ କରି ଜିଲ୍ଲାପାଳ ଓ ଏସପିଙ୍କ ଅଭିଯୋଗ ସୁଣାଣି ଶିବିରରେ ଫେରାଦ ହୋଇଥିଲେ । ହେଲେ ପରିତାପର ବିଷୟ ବେଆଇନ ବିସ୍ଫୋରଣ ମାମଲାରେ ପୋଲିସ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ମାମଲାକୁ ଭିନ୍ନ ମୋଡ ଦେବା ଓ ମାଫିଆଙ୍କୁ ସୁରକ୍ଷା ଦେବା ପାଇଁ ଥାନାରେ ୨୨୧/୨୬ରେ ଅନ୍ୟ ଏନକାଉଣ୍ଟର କେଶ କରି ବଲାଙ୍ଗିଆ ଗ୍ରାମର ଆଦିବାସୀ ମନଙ୍କୁ ବାରମ୍ବାର ଥାନାକୁ ଡାକି ଭୟଭିତ କରିବା ସହ ମାମଲାର ରଫାଦଫା କରିବା ପାଇଁ ବିଭିନ୍ନ ଉପାୟରେ ଚାପ ପକାଇ ଚାଲିଥିବା ଅଭିଯୋଗ ହୋଇଛି । ଭୀମ ଆର୍ମି ସଂଗଠନର ଯାଜପୁର ଜିଲ୍ଲା ସଭାପତି ତରଣୀ ମଲିକ ଓ ବଲାଙ୍ଗିଆ ଆଦିବାସୀ ଗ୍ରାମର ମୁରବୀ ତଥା ଏତଲାକାରୀ କିଶାନ ପୂର୍ତ୍ତି,ମହେଶ୍ୱର ମୁଣ୍ଡା ପ୍ରମୁଖ ଏହି ଅଭିଯୋଗ କରିଛନ୍ତ ।ଜେନାପୁର ଥାନା ପୋଲିସର ଆଦିବାସୀ ବିରୋଧୀ ମାନସିକତା,ପକ୍ଷପାତିତା ନିତି, ଘଟଣାନେଇ ପ୍ରକୃତ ସତ୍ୟ ଉଦଘାନରେ ନିଷ୍କ୍ରିୟତା ଓ କଳାପଥର ମାଫିଆଙ୍କୁ ଖୋଲାଖୋଲି ସୁରକ୍ଷା ପ୍ରଦାନ ପ୍ରତିବିଦରେ ଜୁନ ୩ ତାରିଖରେ ଥାନା ଘେରାଉ ସହିତ ଶହଶହ ଆଦିବାସୀ ଓ ଦଳିତ ଲୋକେ ଧାରଣାରେ ବସିବେ ବୋଲି ସେମାନେ ଘୋଷଣା କରିଛନ୍ତ । ଏହି ଆନ୍ଦୋଳନ ସମ୍ପର୍କରେ ଯାଜପୁର ଜିଲ୍ଲାପାଳ,ଏସପିଙ୍କ ସମେତ ସମସ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ଥିବା ମଧ୍ୟ ଭୀମ ଆର୍ମି ପକ୍ଷରୁ ସୂଚନା ଦିଆଯାଇଛି ।



## ସମ୍ପାଦକୀୟ

# ସ୍ୱତନ୍ତ୍ର ରାଜ୍ୟପାହ୍ୟା ବିଷୟକୁ ଭୁଲିଗଲା କି ବିରୋଧୀ ଦଳ ?

ଦୀର୍ଘ ଚବିଶ ବର୍ଷ ଧରି ଓଡ଼ିଶାରେ ଶାସନ ଗାଦିକୁ ଅକ୍ତିଆର କରିଥିବା ବିଜେଡି ଓ ଏହାର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁଲିଗଲେ କି ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗକୁ ? ଏବେ ତ ତାଙ୍କର ଦଳ ରାଜ୍ୟର ମୁଖ୍ୟ ବିରୋଧୀ ଦଳ । ଅନେକ ବିଜେଡି ନେତା ଓ ନେତ୍ରୀ ତଥା ମୁଖପାତ୍ର ରାଜ୍ୟର ପ୍ରାୟ ଦୁଇ ବର୍ଷର ପୁରୁଣା ବିଜେପି ସରକାରଙ୍କ ବିରୋଧରେ ବହୁ କଥା କହି ଚାଲିଛନ୍ତି । କିନ୍ତୁ ରାଜ୍ୟର ସ୍ୱାର୍ଥରକ୍ଷା ସକାଶେ ବାସ୍ତବତାଠାରୁ କାହିଁକି ସେମାନେ ଦୂରେଇ ଯାଉଛନ୍ତି ?

ପୂର୍ବତନ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗୀୟ ନୀଳମଣି ରାଉତରାୟଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରୁ ଏହି ଦାବି ଭାରତ ସରକାରଙ୍କ ନିକଟରେ କରାଯାଇଥିଲା । ତା ୨୪/୦୨/ ୧୯୭୯ରେ ନୂଆଦିଲ୍ଲୀରେ ଜାତୀୟ ଉନ୍ନୟନ ପରିଷଦ (NDC) ବୈଠକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ବାବୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ଦେବାକୁ ତାଙ୍କ ବକ୍ତବ୍ୟରେ ପ୍ରସ୍ତାବ ଉତ୍ତୋଳନ କରିଥିଲେ । ସେହି ୧୯୭୯ ଫେବୃଆରୀ ମାସରେ ସପ୍ତମ ଅର୍ଥ କମିଶନଙ୍କୁ ମଧ୍ୟ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦେବାକୁ ଦାବି କରି ରାଜ୍ୟ ସରକାରଙ୍କ ପକ୍ଷରୁ ସେତେବେଳେ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।

> **ଏପରିକି ବିଜେଡି ଏକାକୀ ଏହି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବିଷୟରେ ଦାବି ଉପସ୍ଥାପନ ନ କରି ସପ୍ତଦଶ ଲୋକସଭା ସାଧାରଣ ନିର୍ବାଚନ ସମୟରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ଶାସକ ୱାଇ.ଏସ୍.ଆର୍ କଂଗ୍ରେସ ଓ ବିହାରର ତତ୍କାଳୀନ ଶାସକ ଜେଡିୟୁଙ୍କ ସହିତ ହାତ ମିଳାଇଥିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇବା ଲାଗି । ଫଳରେ ନବୀନଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ମଧ୍ୟ ଏକତ୍ର ହୋଇଥିଲେ ଏବଂ ବିଜେଡିର ୧୨ ଜଣ ସାଂସଦଙ୍କ ସମେତ ୱାଇ.ଏସ୍.ଆର୍ କଂଗ୍ରେସର ୨୨ ଓ ଜେଡିୟୁର ୧୬ ଜଣ ସାଂସଦ ଏହିପରି ସମୁଦାୟ ୫୦ ଜଣ ସାଂସଦ ଲୋକସଭାରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି କରିବେ ବୋଲି ଏକାଠି ହୋଇଥିଲେ ।**

ଉଲ୍ଲେଖନୀୟ ଯେ ବିଜୁ ପଟ୍ଟନାୟକ ରାଜ୍ୟରେ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ତା ୦୫/୦୩/ ୧୯୯୧ରେ ଏକ ସର୍ବସମ୍ମତ ପ୍ରସ୍ତାବ ଏ ସଂକ୍ରାନ୍ତରେ ବିଧାନସଭାରେ ଗୃହୀତ ହୋଇଥିଲା । ଏହା ପରେ ଏକାଧିକ ବାର ସ୍ୱତନ୍ତ୍ର ପାହ୍ୟା ରାଜ୍ୟରେ ପରିଣତ କରିବାକୁ ଦାବି ହୋଇଥିଲା । ଏପରିକି ତା ୨୧/୦୩/ ୧୯୭୯ରେ ତତ୍କାଳୀନ ବିଧାୟକ (ପରେ କେନ୍ଦ୍ର ମନ୍ତ୍ରୀ ଓ ରାଜ୍ୟପାଳ ହୋଇଥିଲେ) ଚିନ୍ତାମଣି ପାଣିଗ୍ରାହୀ ବିଧାନସଭାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନୀଳମଣି ବାବୁଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ ପଚାରିଥିଲେ ।

ତା ୧୮/୧୧/ ୧୯୯୭ରେ ମଧ୍ୟ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଏ ସଂକ୍ରାନ୍ତରେ ପ୍ରସ୍ତାବ ପାରିତ ହୋଇ ଆବଶ୍ୟକସ୍ଥଳେ ସଂବିଧାନ ସଂଶୋଧନ ପାଇଁ ଦାବି ମଧ୍ୟ ହୋଇଥିଲା ।

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ହେବା ପରେ ନବୀନ ପଟ୍ଟନାୟକ ତା ୩୦/୦୫/୨୦୦୧ରେ ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଏ ବିଷୟରେ ଅନୁରୋଧ କରିଥିଲେ । ସେ ମଧ୍ୟ ତା ୦୧/୦୯/୨୦୦୧ରେ ୪୯ତମ ଓ ୫୦ତମ ଜାତୀୟ ଉନ୍ନୟନ ବୈଠକରେ ଏହି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଉପସ୍ଥାପନ କରିଥିଲେ । ଏହିପରି ଏକାଧିକ ଥର ନବୀନ ପଟ୍ଟନାୟକ ଏହି ଦାବି ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନିକଟରେ ମଧ୍ୟ ଉଠାଇଛନ୍ତି । ପ୍ରାୟ ସାତ ବର୍ଷ ତଳେ ଶେଷ ଥର ଲାଗି ତା ୧୮/୦୧/୨୦୧୯ ରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଏହି ଦାବି ନବୀନ ବାବୁ ଉପସ୍ଥାପନ କରିଥିଲେ ।

ଏପରିକି ବିଜେଡି ଏକାକୀ ଏହି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବିଷୟରେ ଦାବି ଉପସ୍ଥାପନ ନ କରି ସପ୍ତଦଶ ଲୋକସଭା ସାଧାରଣ ନିର୍ବାଚନ ସମୟରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ଶାସକ ୱାଇ.ଏସ୍.ଆର୍ କଂଗ୍ରେସ ଓ ବିହାରର ତତ୍କାଳୀନ ଶାସକ ଜେଡିୟୁ ଦଳ ସହିତ ହାତ ମିଳାଇଥିଲା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇବା ଲାଗି । ଫଳରେ ନବୀନଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ ମଧ୍ୟ ଏକାଠି ହୋଇଥିଲେ । ସେତେବେଳେ ବିଜେଡିର ୧୨ ଜଣ ସାଂସଦଙ୍କ ସମେତ ୱାଇ.ଏସ୍.ଆର୍ କଂଗ୍ରେସର ୨୨ ଓ ଜେଡିୟୁର ୧୬ ଜଣ ସାଂସଦ ଏହିପରି ସମୁଦାୟ ୫୦ ଜଣ ସାଂସଦ ଲୋକସଭାରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି କରିବେ ବୋଲି ଏକାଠି ହୋଇଥିଲେ । ମାତ୍ର ବିଜେଡିର ସେ ପୂର୍ବ ଦାବି ଏବେ ଗଲା କୁଆଡେ ? ବିଜେଡିର ଲୋକସଭାରେ ଏବେ କେହି ସାଂସଦ ନାହାନ୍ତି । ରାଜ୍ୟସଭାରେ ଯେଉଁ ବିଜେଡି ସାଂସଦମାନେ ଥିଲେ, ସେମାନେ ଖସି ଆସିଲେଣି ଅଳ୍ପ ସଂଖ୍ୟାକୁ । ତେଣୁ ରାଜ୍ୟରେ ବିରୋଧୀ ଦଳରେ ଥାଇ ମଧ୍ୟ ଅନେକ ଉପଯୁକ୍ତ ଦାବିକୁ ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥାପନ କରି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅମଣିଷଙ୍କ ଗାରଦ



ଡକ୍ଟର ତୁଷାରକାନ୍ତି ଦାସ

ଇଲୋ ବୋଉଲୋ ନାହିଁ ସାର ମୁଁ ଆଉ ଜମା କରିବିନି, ଇଲୋ ବାପାଲୋ ଆଉ ସାର୍ ଆଉ ଆଉ ଜମାବି ଦୁଷ୍ଟାମି କରିବିନି । ଯାଉଁଳି ବେତ ପାହାର ଖାଇ ଆମ ଗାଁ ବାଉରି ସାହିର ଅମାନିଆ ପୁଅ ଶୁକୁଟା ପ୍ୟାଣ୍ଟରେ ମୁତି ପକଉଥିବା ବେଳେ ତା ଖାଲି ଦେହରେ ବେତ ମାଡ଼ ବାଜି ସେ ଘାଇଲା ହଉଥିଲା । କୋଚ଼ିଆ, ଗେଣ୍ଡା ଖାଇ ଛୁଆଟାର ହଟାକଟା ଚେ଼ହେରା ସାଙ୍ଗକୁ ବଳିଲା ବଳିଲା ଦେହ, ହେଲେ ଭାରି ଦୁଷ୍ଟ । ପ୍ରଥମ ପିରିୟଡ୍ ପରେ ଦ୍ୱିତୀୟ ପିରିୟଡ୍‌ରେ ସାର୍ ଆସିବାକୁ ଟିକେ ଡେ଼ରି ହେବାରୁ ସ୍କୁଲ ଘରେ ଏମୁଣ୍ଡୁ ସେମୁଣ୍ଡ ଯାଏଁ ଡେ଼ଉଁଥିଲା ।

ହେଡ଼ସାରଙ୍କ ନଜର ପଡ଼ିଲା ବେଳକୁ ପିଲାଙ୍କ ପିଇବା ପାଇଁ ପାଣି ରଖା ହେଇଥିବା ମାଠିଆରେ ଶୁକୁଟା ଗୋଡ଼ ବାଜି ମାଠିଆ ଭାଙ୍ଗି ଘର ସାରା ପାଣିରେ ଭାସିଲା, ଅନ୍ୟ ପିଲାଙ୍କ ବହି, ସିଲଟ, ବସ୍ତାନି, ଚ଼ଟେଇ, ଛତା ସବୁ ଓଦା । ବେତ ମାଡ଼ ଖାଇ ଶୁକୁଟା ମୁତ ସବୁ ସେ ପାଣିରେ ମିଶି ଘର ସାରା ଗନ୍ଧେଇଲା । ହେଡ଼ ସାର ମାଡ଼ ବନ୍ଦ କରି ସ୍କୁଲ ଛୁଟି କରିଦେଲେ । ସବୁ ପିଲା ଘରକୁ ଗଲେ କିନ୍ତୁ ଶୁକୁଟାକୁ ଛାଡ଼ିଲେ ନାହିଁ । ସ୍କୁଲକୁ ଅରୁବାଲ୍‌ଟିରେ ଦଉଡ଼ି ଲଗେଇ ପାଣି କଢ଼େଇ ଶୁକୁଟାକୁ ପହଁରା ଦେଇ ଘର ଧୁଆଇଲେ । ଶୁକୁଟା ଘରେ ପହଞ୍ଚି ସବୁ ବଖାଣିବା ପରେ ତା ବା' ପିଠିରେ ଗୋଟାଏ ବିଧା ଥୋଇଲା । ସକ ସକ ହେଇ ମା' କାନିକୁ ଆଉଜିଲାରୁ ଲୁଗାକାନିରେ ଆଖି ପୋଛି ଦେଇ ମା' କହିଲା 'ଇ ସ୍କୁଲରେ କାହିଁକି ଦୁଷ୍ଟାମି କରୁଥିଲୁ ? ଦେଖିଲୁ ତୋ ଯୋଗୁଁ ସବୁ ପିଲାଏ କେତେ ହଇରାଣ ହେଲେ, ତାଙ୍କଖାତା, ବହି, ବେଗ, ବସ୍ତାନିସବୁ ଓଦା କଲୁ । ସେମିତି ଦୁଷ୍ଟାମି ଆଉ କରିବୁନି '। 'ନାଇଁଲୋ ବୋଉ ମୁଁ ଏମିତି କେବେ ବି କରିବିନି '। ଛାତିରେ ଜାକି ଧରି ଶୁକଟାକୁ ଗେଲ କଲା ଗେହ୍ଲି । ହେଡ଼ସାରଙ୍କ ବେତମାଡ଼, ବାପାଙ୍କ ବିଧା ଖାଇ ଚା଼ଲିଗଲା ଶଗଡ଼ରେ ହାତ ମାରି ଦେଉଥିବା ଦୁଷ୍ଟ ଶୁକୁଟା ପୁରା ବଦଳି ସୁନାପିଲା ହେଇଗଲା । ଭଲ ପାଠ ପଢ଼ି ବଡ଼ ଅଫିସର ହେଇଘର, ଗାଁ ଓ ସ୍କୁଲ ନାଁ ରଖିଲା ।

ଏବେ କିନ୍ତୁ ଆମ ଗାଁ ସ୍କୁଲକୁ ସେ କାଳର ପିଲାଏ ଯିଏବି ଦେଖୁଛନ୍ତି ଚିହ୍ନି ପାରୁ ନାହାନ୍ତି । କଉଠି ଝାଟିମାଟିର ଚା଼ଳଛପର ଘର, ଆଉ କଉଠି ସବୁଜ ରଙ୍ଗର ଚ଼କଚ଼କିଆ ଦି ମହଲା ଘର । ଚତୁର୍ଦ୍ଦିଗରେ ମେଘନାଦ ବାଡ଼ ପରି ଗେରୁଆ ରଙ୍ଗର ପାଚେ଼ରୀ, ସୁନେଲି ରଙ୍ଗ ଦିଆ ଖମାର ଘର ପରି ବିରାଟ ଫାଟକ । ଫାଟକରେ ଅଧସେରିଆ ତାଲା, ସତେ ଯେମିତି ରଙ୍ଗବେରଙ୍ଗି ଚକଚ଼କିଆ ଗାରଦ । ହେଲେ ସେ କାଳର ଶୁକୁଟା ? ହେଡ୍‌ସାରଙ୍କ ବେତମାଡ଼, ବାପାଙ୍କ ବିଧାଖିଆ ଶୁକୁଟାମାନେ ଆଉ ଏଠି ନାହାନ୍ତି । 'ବେଡ଼ି ଉପରେ କୋରଡ଼ା ମାଡ଼' ପରି ହେଡ଼ସାର୍‌ଙ୍କ ବେତମାଡ଼ ସାଙ୍ଗକୁ ସ୍କୁଲରେ ଦୁଷ୍ଟାମି ପାଇଁ ବାପାଙ୍କଠୁଁ ବିଧା ମାଡ଼ ଖାଇଥିବା ଶୁକୁଟାମାନେ ଏ ଗାରଦରୁ ଅପସରି ଗଲେଣି । ବଦଳରେ ଶୁକୁଟାମାନଙ୍କ ସ୍ଥାନ ନେଇଥିବା ମରକଟାମାନେ ଦଣ୍ଡ ଦେଉଥିବା ହେଡ଼ସାରଙ୍କ ମାସିକ ଭାତିଆ ବନ୍ଦ କରି ଅନ୍ୟଜାଗାକୁ ବଦଳି କରିବାରେ ବ୍ୟସ୍ତ ।

ପାରିବାରିକ କାରଣରୁ ସେ କାଳରେ ଡେ଼ରିରେ ଆସିଥିବା ସାର୍‌ଙ୍କୁ ଆଜିର ମରକଟାମାନେ କାରଣ ଦର୍ଶାଅ ନୋଟିସ୍ ସହ ଅନ୍ୟତ୍ର ବଦଳି କରିବାକୁ ତତ୍ପର । କ'ଣ ଏମିତି ହେଲା ଯେ ପୁରା ଏମୁଣ୍ଡୁ ସେମୁଣ୍ଡ ଯାଏଁ ବଦଳିଗଲା, ଆମ ଗାଁସ୍କୁଲର ଭୁଗୋଳ, ଇତିହାସ ଓ ମାନଚିତ୍ର । ହଁ ଆଜ୍ଞା ଏମିତି କିଛି ଘଟିଗଲା । ଯେଉଁ ଘଟଣା ପାଇଁ ସମଗ୍ର ଶିକ୍ଷକ ସମାଜ ହତୋତ୍ସାହିତ, ବାପା, ମା, ଅଭିଭାବକଗଣ ଚି଼ନ୍ତାଗ୍ରସ୍ତ କିନ୍ତୁ ସ୍କୁଲ ଯାଉଥିବା ପିଲାଙ୍କର 'କଚେ଼ ପୁଅ ବାର' । ୨୦୦୪ ମସିହା ସେପ୍ଟେମ୍ବର ମାସ ୩ତାରିଖ ଦିନ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଏକ ବିଜ୍ଞପ୍ତି ସମଗ୍ର ଶିକ୍ଷକ ସମାଜକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ଶୈକ୍ଷିକ ବାତାବରଣକୁ କଳୁଷିତ କରି ବିଦ୍ୟାର୍ଥୀ ସମାଜର ଅଧୋଗତି ଡା଼କି ଆଣିଲା ।

ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କଦ୍ୱାରା ଦଣ୍ଡ ବିଧାନ ଉପରେ ନିଷେଧାଦେଶ ଜାରି କରାଗଲା । ବିଦ୍ୟାଳୟଗୁଡ଼ିକ ଦଣ୍ଡମୁକ୍ତ ହୋଇଗଲା । ଆଜିର ତାରିଖରେ ବିଦ୍ୟାଳୟମାନଙ୍କରେ ଦଣ୍ଡବିଧାନ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ କୈଫୟତ ତଲବ କରାଯିବା ସଙ୍ଗେ ସଙ୍ଗେ କେତେକ କ୍ଷେତ୍ରରେ ସେମାନଙ୍କର ମାସିକ ଦରମା ବନ୍ଦ, ଅନ୍ୟତ୍ର ବଦଳି, ଏପରିକି ଚାକିରିରୁ ବି ଦରଖାସ୍ତ ଉପରିସ୍ଥ ହାକିମମାନଙ୍କଦ୍ୱାରା କରାଯାଉଛି । ଫଳରେ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ପିଲାଙ୍କୁ ପାଠ ପଢ଼ାଇବାର ଯେଉଁ ସ୍ପୃହା ଓ ଆଗ୍ରହ ଖୁବ୍ କମିଯାଇଛି ଓ ଛାତ୍ରଛାତ୍ରୀ ମାନେ ବି ସାମଗ୍ରିକ ଭାବେ ଚା଼ରିତ୍ରିକ ଅଧୋଗତିର ସମ୍ମୁଖୀନ ହୋଇ ଶୈକ୍ଷିକ ବାତାବରଣରୁ ଓହରି ଯାଉଛନ୍ତି । ବିଦ୍ୟାଳୟଗୁଡ଼ିକର ବିଶୃଙ୍ଖଳା ଚରମ ସୀମାରେ ଏବେ ।

ପରମ୍ପରାର ଦୁହାଇ ଦେଇ ନୈତିକ ଶିକ୍ଷାକୁ ବିଦ୍ୟାଳୟମାନଙ୍କରେ ଶୃଙ୍ଖଳାର ମାନଦଣ୍ଡ ରୂପେ ବ୍ୟବହାର କରିବାକୁ ଶିକ୍ଷା ବିଭାଗ ତତ୍ପର ହେଉଥିବାବେଳେ ସମସ୍ତ ପ୍ରକାରର ଅନୈତିକ କାର୍ଯ୍ୟକଳାପ ଦଣ୍ଡମୁକ୍ତ ବିଦ୍ୟାଳୟମାନଙ୍କରେ ପସରା ମେଲେଇଲାଣି । ଆରୁଣି, ଉଭଙ୍କ, ଏକଲବ୍ୟ ସମସ୍ତେ ଗୁରୁଙ୍କ ନିର୍ଦ୍ଦେଶମାନି ନିଜ ଶରୀରକୁ ସାଧ୍ୟାତୀତ କଷ୍ଟଦେଇ ଗୁରୁଙ୍କ ଆଶୀର୍ବାଦରୁ ମହାନ ପୁରୁଷାର୍ଥ ହୋଇ ପାରିଥିଲେ । ଅବଶ୍ୟ ଆପଣ କହିପାରନ୍ତି ଏ ସତ୍ୟ, ତ୍ରେତେୟାକି ଦ୍ୱାପର ଯୁଗର ନୁହେଁ କିନ୍ତୁ ଏ ଘୋର କଳିକାଳରେ ମଧ୍ୟ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଶିବାନନ୍ଦ ଓ ସ୍ୱାମୀ ବିଶୁଦ୍ଧାନନ୍ଦ, ପଣ୍ଡିତ ରବିଶଙ୍କର ଓ ଜର୍ଜ ହାରିସନ୍‌ଙ୍କ ପରି ଅନେକ ଏବେ ବି ଗୁରୁଶିଷ୍ୟ ପରମ୍ପରାରେ ବାନ୍ଧି ହୋଇ ରହିଛନ୍ତି ।

> **ଏବେ କିନ୍ତୁ ବିଦ୍ୟାଳୟମାନଙ୍କରେ ଅବସ୍ଥା ସଂକଟାପନ୍ନ । ପ୍ରାୟ ପ୍ରତିଦିନ ବୈଦ୍ୟୁତିକ ଗଣମାଧ୍ୟମ ଓ ଛପା ଗଣମାଧ୍ୟମର ଶିରୋନାମା ମଣ୍ଡନ କରି ଏ ସବୁର ଜ୍ୱଳନ୍ତ ଉଦାହରଣ ଆମେ ଦେଖିବାକୁ ଓ ପଢ଼ିବାକୁ ପାଉଛୁ । ଖଜୁରି ଗଛ ତ ମୂଳରୁ ପାହାଚ଼ ପାହାଚ଼ କେତେ ବା ବଖାଣିବ । ଅଷ୍ଟମ ନବମ ଶ୍ରେଣୀ ଛାତ୍ରମାନେ ଖଣ୍ଡା, ଛୁରି, ବନ୍ଧୁକ ଭଳି ମାରଣାସ୍ତ୍ର ଧରି ସ୍କୁଲ ଗଲେଣି । ଆଉ କେଉଁଠି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଦିନ ଛାତ୍ରମାନେ ମଦ ପିଇ ସ୍କୁଲରେ ଗଡ଼ିଲେଣି ।**

ଏବେ କିନ୍ତୁ ବିଦ୍ୟାଳୟମାନଙ୍କରେ ଅବସ୍ଥା ସଂକଟାପନ୍ନ । ପ୍ରାୟ ପ୍ରତିଦିନ ବୈଦ୍ୟୁତିକ ଗଣମାଧ୍ୟମ ଓ ଛପା ଗଣମାଧ୍ୟମର ଶିରୋନାମା ମଣ୍ଡନ କରି ଏ ସବୁର ଜ୍ୱଳନ୍ତ ଉଦାହରଣ ଆମେ ଦେଖିବାକୁ ଓ ପଢ଼ିବାକୁ ପାଉଛୁ । ଖଜୁରି ଗଛ ତ ମୂଳରୁ ପାହାଚ଼ ପାହାଚ଼ କେତେ ବା ବଖାଣିବ । ଅଷ୍ଟମ ନବମ ଶ୍ରେଣୀ ଛାତ୍ରମାନେ ଖଣ୍ଡା, ଛୁରି, ବନ୍ଧୁକ ଭଳି ମାରଣାସ୍ତ୍ର ଧରି ସ୍କୁଲ ଗଲେଣି । ଆଉ କେଉଁଠି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଦିନ ଛାତ୍ରମାନେ ମଦ ପିଇ ସ୍କୁଲରେ ଗଡ଼ିଲେଣି । ଅନ୍ୟ କେଉଁ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ଆତ୍ମହତ୍ୟା ପାଇଁ ଉଦ୍ୟମ କଲେଣି ତ ଆଉ କେଉଁଠି ବିଦ୍ୟାଳୟ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହେଲାଣି । ଚି଼ନ୍ତା କରନ୍ତୁ ତ ଅବସ୍ଥା କେତେ ସଙ୍ଗୀନ୍ । ପିଲାଙ୍କ ଆଚ଼ରଣ ଓ ଉଚ୍ଚାରଣ ଅତ୍ୟନ୍ତ ନିନ୍ଦନୀୟ ହେଲାଣି । ବାପା, ମା'ଙ୍କ ଅବସ୍ଥା କହିଲେ ନସରେ, ବଡ଼ ଦୁଃଖଦ ଓ ଉଦ୍‌ବେଗଜନକ । ଅଜାଗା ଘା' ଦେଖି ହୁଏନି କି ଦେଖାଇ ବି ହୁଏନି । କାହାକୁବା କହିବେ କିଏ ବା ବୁଝିବ ନିଜ ପିଲା ତ । କହିଲେ କୁଳକୁଟୁମ୍ବଙ୍କୁ ଲାଜ ନ କହିଲେ କୁଳ ଭାସି ଯାଉଛି । ଯେଉଁ ଶିକ୍ଷକମାନେ ଶିକ୍ଷାଦାନକୁ କର୍ମୋଚି଼ତ ବୃତ୍ତି କରି ଖୁବ୍ ଆଦର ଓ ସ୍ନେହରେ ପିଲାଙ୍କୁ ପଢ଼ାଉ ଥିଲେ, ସେମାନଙ୍କ ଅଦମ୍ୟ ଅଧ୍ୟବସାୟ ବଳରେ ପିଲାମାନେ ଭଲ ପାଠ ପଢ଼ି ବଡ଼ ହୋଇ ରାଜ୍ୟ ଓ ଦେଶର ନା ରଖୁଥିଲେ ସେମାନେ ସମ୍ପୂର୍ଣ୍ଣ ବିମୁଖ ହେଲେଣି । କେତେ କେତେ ଜାଗାରେ ମଧ୍ୟ ପିଲାଙ୍କର ଏତାଦୃଶ ଅବସ୍ଥା ଦେଖି ଅତ୍ୟନ୍ତ ନିରୁତ୍ସାହିତ ଓ ନିନ୍ଦିତ ଶିକ୍ଷକମାନେ ନିଜ ପୁରୁଷାର୍ଥକୁ ଭ୍ରମିତ କରିବାରେ ଲାଗିଲେଣି ।

କାରଣ ଦୋଷ ପାଇଁ ଦଣ୍ଡ ନାହିଁ । ସୁତରାଂ ପିଲାଙ୍କର ଭୟ ନାହିଁ । ଶିକ୍ଷକ,ଶିକ୍ଷୟିତ୍ରୀ ଯେଉଁ ଦଣ୍ଡ ଦେଉଥିଲେ କ'ଣ ମାରି ହାଣି ପକାଉଥିଲେ ? କାହାକୁ ଶ୍ରେଣୀଗୃହରେ ଠିଆ କରେଇ ଆଉ କାହାକୁ ଶ୍ରେଣୀଗୃହ ବାହାରେ ଆଣ୍ଠେଇ ଦେଉଥିଲେ । ହସ୍ତାକ୍ଷର ଭଲ ନ ହେଇଥିଲେ ଦୁଇ ଆଙ୍ଗୁଠି ମଝିରେ କଲମ ରଖି ଆଙ୍ଗୁଠି ମୋଡ଼ି ଦେଉଥିଲେ । କାହା ହାତ ପାପୁଲିକୁ ପାହାରେ ତ କାହା ପିଠିକୁ ପାହାରେ, କାହାକୁ ଚାପୁଡ଼ାଟେ ମାରୁଥିଲେ । ନହେଲେ କାହା ପିଠିକୁ ବିଧାଟେ ମାରୁଥିଲେ । ଗାଁର ପୁରୁଖା ବୁଢ଼ାବୁଢ଼ୀମାନେ କହନ୍ତି ମାଷ୍ଟ୍ରେଙ୍କ ବେତ ମାଡ଼ ଖାଇଲେ ପିଲାଏ ମଣିଷ ହେବେ । ଭୟ ନଥିଲେ ଭକ୍ତି କେଉଁଠୁ ଆସିବ ?

ଭକ୍ତିଭାବ ନ ରହିଲେ ପିଲାଏ ନୈତିକତା କେମିତି ଶିଖିବେ ! ଯେଉଁମାନେ ନିୟମକାନୁନ କରି ବିଦ୍ୟାଳୟମାନଙ୍କରେ ଦଣ୍ଡ ନିଷିଦ୍ଧ କରିଦେଲେ ନିଜ ଛାତିରେ ହାତ ରଖି କୁହନ୍ତୁ ତ ସେମାନେ ପିଲାଦିନେ ସ୍କୁଲ ମାଷ୍ଟ୍ରେଙ୍କ ବେତ ମାଡ଼ ଖାଇ ନାହାନ୍ତି ବୋଲି ? ମଣିଷ ଗଢ଼ା କାରଖାନା ଏବେ ଘୋର ସଂକଟର ସମ୍ମୁଖୀନ, କୋମଳମତି ବାଳକବାଳିକାମାନେ ଯେଉଁମାନେ ପାଠପଢ଼ା ପ୍ରତି ଅଙ୍ଗୀକାରବଦ୍ଧ, ମୁଷ୍ଟିମେୟ ବିଶୃଙ୍ଖଳିତ ଛାତ୍ରମାନଙ୍କ ଦ୍ୱାରା ସେମାନେ ନିର୍ଯ୍ୟାତୀତ ହେବା ଫଳରେ କିଏ ପାଠପଢ଼ାରେ ଡୋ଼ରି ବାନ୍ଧିଲାଣି ତ ଆଉ କାହାର ଚା଼ରିତ୍ରିକ ଅଧୋଗତି ହେଲାଣି । ବିଦ୍ୟାଳୟମାନଙ୍କରେ ଉପସ୍ଥାନ ବି ବହୁ ପରିମାଣରେ କମିଗଲାଣି । ତେବେ ଏ ଚ଼କଚ଼କିଆ ରଙ୍ଗବେରଙ୍ଗି ସୁଉଚ୍ଚ ବିଦ୍ୟାଳୟ କାହା ପାଇଁ ? କାହା ସ୍ୱାର୍ଥରେ ଏ ହଜାର ହଜାର କୋଟିର ଅପବ୍ୟୟ ? କ'ଣ ପୁଣି ଗୁଡ଼ାଏ ଅମଣିଷଙ୍କ ଗାରଦ ସୃଷ୍ଟି ପାଇଁ ?

**କନକବଟ, ଷାସ୍ୱତବିହାର,**
**ଶୈଳଶ୍ରୀବିହାର,ଭୁବନେଶ୍ୱର–୭୫୧୦୨୧**
**ମୋ–୯୪୩୭୧୩୩୫୩୭**

# ମହୁଲି



ଡମ୍ବରୁଧର ଘଣା

ଫଗୁଣ ମାସ । ସମୟ ମୁହଁ ଅନ୍ଧାରିଆ ସକାଳ । ମହୁଲିଆ ଶୀତ । ସହଳ ସହଳ ବିଛଣା ଛାଡି, ଦେହରେ ଖଣ୍ଡିଏ ଶୀତ ବସ୍ତ୍ର ପକାଇ, ଗାଁ ମାଇପେ ବାହାରି ପଡନ୍ତି । ଯିବେ ମହୁଲ ଗୋଟାଇବାକୁ । କି ଆଦିବାସୀ, କି ପଛୁଆ ବର୍ଗ । ମହିଳା ହିଁ ଏଥିରେ ପୁରା ବାଇ ।

ମହୁଲଟା ଏକ ଫୁଲ । ମହୁଲ ଗଛରେ ପେଣ୍ଠା ପେଣ୍ଠା ଫୁଟେ । ଦେଖିବାକୁ ଘିଅ ରଙ୍ଗର । କେଉଁ ଗଛରେ ଗୋଲ ଗୋଲ ଫୁଟେ, ତ ଆଉ କେଉଁଠି ଲମ୍ବା ଲମ୍ବା । ଅଙ୍ଗୁର ପରି । ସକାଳୁ ବହଳ ହୋଇ ବିଛେଇ ପଡିଥାଏ । ପୁଣି ଖରା ବଢିଲେ, ଆଉ କିଛି କିଛି ଝଡି ପଡେ । ଯେତେ ଗଛ ସେତେ ଲୋକ । ମହୁଲ ଗୋଟାଇବାରେ ବ୍ୟସ୍ତ ଲୋକେ, ବିଶେଷ କରି ଆଦିବାସୀ ମହିଳା । ବେଶ୍ କିଛି ଦିନ ଧରି ଏ ମହୁଲ ଗୋଟାଇବା କାମ ଚାଲେ । ଅନ୍ୟ କାମ ସବୁ ଗୌଣ ପଡ଼ିଯାଏ । ଜଣେ ଜଣେ ଦିନକୁ ଅତି କମ୍‌ରେ କୋଡ଼ିଏ ତିରିଶ କିଲୋ ଗୋଟାଇ ଆଣନ୍ତି ।

ଏ' ଫୁଲକୁ ଖରାରେ ଶୁଖାଯାଏ । ଶୁଖିଲେ ରଙ୍ଗ ବଦଳି ଯାଏ । କିସ୍‌ମିସ୍ ରଙ୍ଗ ପରି । ଖାଲି ରଙ୍ଗ ବଦଳେ ନାହିଁ । ଗୁଣ ବି ବଦଳେ । ଯେମିତି କିସ୍‌ମିସ୍‌ରୁ ମଦ, ୱାଇନ୍ ତିଆରି ହୁଏ, ଏଇଠୁ ବି ବାହାରେ ମଦ । ନାଁ ତା'ର ମହୁଲି । କେହି କେହି ଅରଖି ବୋଲି କୁହନ୍ତି । ରଙ୍ଗ ଧଳା । ଭାରି କଡା । ଆଦିବାସୀ ଲୋକେ ତିଆରି କରନ୍ତି । ନିଆଁ ଜାଳ ଦେଇ ଫୁଟାଇବା, ତାକୁ ବାଷ୍ପୀକରଣ କରିବା, ପୁଣି ତାକୁ ତରଳ ପଦାର୍ଥରେ ପରିଣତ କରିବା ଏବଂ ଶେଷରେ ବୋତଲରେ ସଂଗ୍ରହ କରିବା । ପୁରା ରାସାୟନିକ ପ୍ରକ୍ରିୟା । ରସାୟନ ବିଜ୍ଞାନ ପଢି ନ ଥିଲେ ବି, ସେଇ ପଦ୍ଧତି ତାଙ୍କୁ ଜଣା, କାହିଁ କେଉଁ କାଳରୁ ।

ଏ ମହୁଲି ତିଆରିଟା ଏବେ କୁଟୀର ଶିଳ୍ପ ପାଲଟି ଯାଇଛି । ଖାସ୍ କରି ଆଦିବାସୀ ଇଲାକାରେ । ଏମାନେ ଖୋଜିଥାନ୍ତି ଗାଁ ପାଖ ଛୋଟ ଜଙ୍ଗଲ, ଝରଣା କୂଳ । ଅବକାରୀ ହେଲେ ବି କିଛି ଲଗାମ୍ ନାହିଁ । ସବୁ ଚାଲେ ଖୁଲମଖୁଲା । ନା ତିଆରିରେ ନିୟନ୍ତ୍ରଣ ଥାଏ, ନା ଲୋକଙ୍କ ସେବନରେ । ଅତି ସହଜ, ସୁବିଧାରେ ମିଳେ । ଏହା ସେବନ କରୁଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ଖାସ୍ କରି ଯୁବ ଗୋଷ୍ଠୀଙ୍କ ସଂଖ୍ୟା ଅଧିକ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଲାଗିଥାଏ ଅରଖି ଭାଟିରେ ।



ଏକ ସାମାନ୍ୟ ଆକଳନରୁ ଦେଖାଯାଇଛି – ଆଦିବାସୀ ଗାଁ, ପଡାରେ ଅନେକ ସଂଖ୍ୟାରେ ଅଳ୍ପ ବୟସ୍କ ଲୋକଙ୍କ ଅକାଳ ମୃତ୍ୟୁ ହୋଇଥାଏ । ସେହି ଅନୁପାତରେ ଅଳ୍ପ ବୟସର ବିଧବା ମହିଳାଙ୍କ ସଂଖ୍ୟା । ଘର ସଂସାର କରୁଥିବା ବେଳେ, ପିଲାଙ୍କ ଭବିଷ୍ୟତକୁ ନେଇ କେତେ କେତେ ସୁନେଲି ସ୍ୱପ୍ନ ଦେଖି, ଗେରସ୍ତର ହାତଧରି ବାଟ ଚାଲୁ ଚାଲ , ବିଚାରୀ ବାଟରେ ଝୁଣ୍ଟି ପଡେ । କେମିତି ଚାଲିବ, କେତେ ଚାଲିବ ତା'ର ଆକଳନ ବାହାରେ । ନା ଭରସା, ନା ଆଶ୍ୱାସନା । ମହୁଲିର ମଜା ନେଉ ନେଉ, କେତେବେଳେ ଗେରସ୍ତଟି ଘରଣୀର ହାତ ଛାଡି ଦିଏ, ତ ବାପଟି ପିଲାକୁ ମଝି ସଡ଼କରେ ବେସାହାରା ସଜାଇ ଦିଏ ।

> **ମହୁଲି ଏବେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଅବକାରୀ ବିଭାଗ ନିରବଦ୍ରଷ୍ଟା । ହୋଇପାରେ, ଏ ମହୁଲି ଭାଟି ଛୋଟ । ମହୁଲି ତିଆରି ମଧ ପରିମାଣ ଦୃଷ୍ଟିରୁ ବେଶି ନହୋଇ ପାରେ । କିନ୍ତୁ, ଏହାର ପରିଣାମ ବ୍ୟାପକ । ଘାତକ । ଅନିଷ୍ଟକାରୀ । ଏ କାହାର ପୁଅକୁ ଛଡାଇ ନେଉଛି, ତ କାହାର ଗେରସ୍ତ, ତ ପୁଣି କାହାର ବାପ, ଭବିଷ୍ୟତ । ଏ ସାମାଜିକ ବ୍ୟାଧି ଆଡ଼କୁ ସରକାର ଆଖି ବୁଜି ଦେଇଛନ୍ତି । ସାମାଜିକ ସୁରକ୍ଷା ଯେ ସରକାରଙ୍କ ପ୍ରାଥମିକତା, ଏହା ଆଉ ବୋଧେ ସରକାରୀ କାର୍ଯ୍ୟ ଖସଡ଼ାରେ ନାହିଁ ।**

ମହୁଲି ଏବେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି । ଅବକାରୀ ବିଭାଗ ନିରବଦ୍ରଷ୍ଟା । ହୋଇପାରେ, ଏ ମହୁଲି ଭାଟି ଛୋଟ । ମହୁଲି ତିଆରି ମଧ ପରିମାଣ ଦୃଷ୍ଟିରୁ ବେଶି ନହୋଇ ପାରେ । କିନ୍ତୁ, ଏହାର ପରିଣାମ ବ୍ୟାପକ । ଘାତକ । ଅନିଷ୍ଟକାରୀ । ଏ କାହାର ପୁଅକୁ ଛଡାଇ ନେଉଛି, ତ କାହାର ଗେରସ୍ତ, ତ ପୁଣି କାହାର ବାପ, ଭବିଷ୍ୟତ । ଏ ସାମାଜିକ ବ୍ୟାଧି ଆଡ଼କୁ ସରକାର ଆଖି ବୁଜି ଦେଇଛନ୍ତି । ସାମାଜିକ ସୁରକ୍ଷା ଯେ ସରକାରଙ୍କ ପ୍ରାଥମିକତା, ଏହା ଆଉ ବୋଧେ ସରକାରୀ କାର୍ଯ୍ୟ ଖସଡ଼ାରେ ନାହିଁ ।

ମହୁଲିଆ ଶୀତରେ ସକାଳ ଶୋଇବାର ମଜା ଛାଡି, ଗୋଟା ହୁଏ ମହୁଲ । ଘରକୁ ବୋହି ଆଣି ଶୁଖାଯାଏ । ସମୟ ଲାଗେ । ପରିଶ୍ରମ ବି । ସାଇତି ରଖାଯାଏ । କେହି ତାକୁ ବିକ୍ରି କରିଦିଏ, ତ କିଏ ଏଥିରୁ ଝାଡ଼େ ମହୁଲି । ଏ ଉଭୟ ପାଆନ୍ତି ଅର୍ଥ । ଅପରପକ୍ଷରେ ଯେଉଁ ପୁଅକୁ ବାପ, ମା' କେଡେ ଆଦରରେ ବଢ଼ାଇଥାନ୍ତି, କେତେ ଯତ୍ନରେ ସାଇତି ରଖିଥାନ୍ତି, ଘରଣୀଟି ଯେଉଁ ଗେରସ୍ତକୁ ଆଶା, ଆଶ୍ରା, ଭରସାର ବାଡି କରିଥାଏ , ତାକୁ ନେଇଯାଏ ଏ' ମହୁଲି । ଡାହାଣୀ ମହୁଲି । ପୁଣି ଅକାଳରେଛ ଜୀବନ ବଞ୍ଚିବାର ମଧ୍ୟାହ୍ନରେ କେତେ ପରିବାର ଉପରକୁ ମାଡି ଆସେ ଅନ୍ଧାର । ପୁଅ ପାରିଗଲା ପରେ କାଲି ଯେଉଁ ବାପ କାନ୍ଧରୁ ପରିବାରର ବୋଝ ଓହ୍ଲାଇ ଯାଇଥିଲା, ଆଜି ସେ କାନ୍ଧରେ ପୁଣି ଭାର । ଘରଣୀଟି ଆଉ ଘର ଚାରି କାନ୍ଥ ଭିତରେ ନାହିଁ । ଓଢଣା ଓହ୍ଲାଇ, ଅଣ୍ଟାରେ କାନି ଖୋସି ବାହାରି ଯାଏ ବିଲକୁଛ ପରିବାରର ଦାୟିତ୍ୱଛ ରୋଜଗାର କରିବ, ପିଲାଙ୍କୁ ପାଳିବ । ସେ ବାପ, ସେ ମା' । ଏ ' ମହୁଲି କାହାକୁ ଅର୍ଥ ଦିଏ, ତ ଆଉ କାହାକୁ ବୈଧବ୍ୟ ।

**ଭୁବନେଶ୍ୱର,ମୋ– ୭୯୭୮୨୧୦୮୨୧**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବେଙ୍ଗାଲୁରୁ...

ପାଇଁ ଆଇପିଏଲ ଟ୍ରଫି ଜିତିଛି । ଆରସିବି ୨୦୨୫ ସଂସ୍କରଣରେ ୧୮ ବର୍ଷ ପ୍ରତିକ୍ଷାର ଅନ୍ତ ଘଟାଇ ଆଇପିଏଲ ଚାମ୍ପିଅନ ହୋଇଥିଲା । ବିରାଟ କୋହଲିଙ୍କ ସ୍ୱପ୍ନ ମଧ୍ୟ ସତ ହୋଇଥିଲା । ଏଥର ସେହି ବିଜୟ ଧାରା ବଜାୟ ରଖି ଆରସିବି କ୍ରମାଗତ ଟ୍ରଫି ଜିତିବାର ଗୌରବ ଅର୍ଜନ କରିଛି । ପୂର୍ବରୁ ଦଳ ୩ ଥର ଯଥା :- ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ ଖେଳି ମଧ୍ୟ ରନର୍ସଅପ୍ ହୋଇଥିଲା । ଆରସିବି ୧୧ ଥର ପ୍ଲେ ଅଫ ଖେଳିଛି । ଦଳ ୨୦୨୬ ସଂସ୍କରଣରେ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଟେବୁଲ ଶୀର୍ଷରେ ରହିଥିଲା । ୧୪ ମ୍ୟାଚରୁ ୧୮ ପଏଣ୍ଟ ହାସଲ କରିଥିଲା ବେଙ୍ଗାଲୁରୁ । ପୁଣି କ୍ୱାଲିଫାୟର ୧ରେ ଗୁଜରାଟ ଟାଇଟନ୍ସକୁ ଧରାସାୟୀ କରି ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ମଧ୍ୟ କ୍ୱାଲିଫାୟର ୧ର ପ୍ରଦର୍ଶନ ଦେଖାଇଥିଲା ବେଙ୍ଗାଲୁରୁ । ପୂର୍ବ ପରାଜୟର ପ୍ରତିଶ୍ରୁତି ନେବାକୁ ଗୁଜରାଟ ନିଜ ହୋମ୍ ଭେନ୍ୟୁରେ ସଫଳ ହୋଇପାରିନାହିଁ । କୋହଲିଙ୍କ ଦମଦାର ପ୍ରଦର୍ଶନ ଆଗରେ ସବୁ କିଛି ଫିକା ପଡିଯାଇଛି । ଭଲ ଲୟରେ ଥିବା କୋହଲି ବେଙ୍ଗାଲୁରୁକୁ ଆଉ ଥରେ ଆଇପିଏଲ ବିଜୟ ମୁକୁଟ ପିନ୍ଧାଇବାରେ ସଫଳ ହୋଇଛନ୍ତି ।

## ୩ରେ କେରଳ...

ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ଟଫ ଲାଇନ୍ ରହିଛି । ଏହାସହ ସମୁଦ୍ର ଆଡୁ ଜଳୀୟ ବାଷ୍ପ ବହୁଥିବାରୁ ଏହା ବର୍ଷା କରାଇବ । ଆସନ୍ତାକାଲି (ସୋମବାର) ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ ଓ କନ୍ଧମାଳ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟରେ ଝଡ଼ତୋଫାନ ସହ ପବନର ଘଣ୍ଟା ପ୍ରତି ୬୦ରୁ ୭୦ କିମି ରହିପାରେ ।

ସେହିପରି ସୋମବାର ଅର୍ଥାତ୍ ୧ ତାରିଖରେ ସୁନ୍ଦରଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ ଏବଂ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ କାଳବୈଶାଖୀ ବର୍ଷା ସହ ପବନ ୫୦ରୁ ୬୦ କିମି ବହିବ । ଏହାସହ ବାଲେଶ୍ୱର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ସୋନପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ମାଲକାନାଗିରି, ରାୟଗଡ଼, ଯାଜପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ କାଳବୈଶାଖୀ ବର୍ଷା ହୋଇପାରେ । ଏହି ସବୁ ଜିଲ୍ଲା ଗୁଡିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହ ପବନ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ବହିପାରେ । ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ହେବା ଲାଗି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଛି । ସମ୍ବଲପୁର ଓ ହୀରାକୁଦରେ ୫୫ ମିମିରୁ ଅଧିକ ବର୍ଷା ରେକର୍ଡ କରାଯାଇଛି । ସୁନ୍ଦରଗଡ଼ରେ ୩୮.୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବଲାଙ୍ଗୀରରେ ୩୦ ମିମି, ସୋନପୁରରେ ୩୫ ମିମି, ଦାରିଙ୍ଗବାଡିରେ ୨୭ ମିମି, ରାୟଗଡ଼ାରେ ୨୦ ମିମି, ଦେବଗଡ଼ରେ ୧୮ ମିମି, ବରଗଡ଼ରେ ୧୪ ମିମି, ରାଉରକେଲାରେ ୧୦ ମିମି, କୋରାପୁଟରେ ୧୮ ମିମି, ଭବାନୀପାଟଣାରେ ୧୦ ମିମି, ଗୋପାଳପୁରରେ ୧୭.୩ ମିମି, ଟିଟିଲାଗଡ଼ରେ ୯.୨ ମିମି,ନବରଙ୍ଗପୁର ଓ ନୂଆପଡ଼ାରେ ୮ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ଷା ହେବା ଯୋଗୁ ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ହ୍ରାସ ପାଇଛି । ରବିବାର ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୪୦ ଡିଗ୍ରୀ ରହିଛି । ଅନେକ ସ୍ଥାନରେ ଦିନର ତାପମାତ୍ରା ୪୦ ଡିଗ୍ରୀ ଭିତରେ ରହିଥିବା ଜଣାପଡିଛି ।

## ସାପ ସହ...

ବିକଳ ପାଟି ଶୁଣି ଯେତେବେଳେ ପରିବାର ଲୋକେ ଏହା ଦେଖିଲେ, ସେମାନେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇପଡ଼ିଥିଲେ । ଶେଷରେ ପରିବାର ଲୋକଙ୍କ ପ୍ରାୟ ୨ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା । ପରେ ସାପଟିକୁ ଘର ବାହାରକୁ ସୁରକ୍ଷିତ ଛାଡି ଦିଆଯାଇଥିଲା । ଏବେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ପୂରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ହିମାଚଳରେ ଗଭୀର ଖାଇକୁ...

ଅତ୍ୟଧିକ ଗଭୀରତା ଓ ଦୁର୍ଗମ ସ୍ଥିତି ଯୋଗୁଁ ଉଦ୍ଧାର ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥିଲା । ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୂରମାର୍ ହୋଇଯାଇଥିବାରୁ ଶନିବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ମୃତଦେହଗୁଡ଼ିକୁ ଉପରକୁ ଅଣାଯାଇପାରି ନଥିଲା । ସ୍ଥାନୀୟ ଲୋକ ଓ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳଙ୍କ ସହାୟତାରେ ରବିବାର ଦିନ ମଧ୍ୟ ଏହି ବ୍ୟାପକ ସର୍ଚ୍ଚ ଅପରେସନ ଜାରି ରହିଛି । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି) ବିଜୟ କୁମାର ସାକଲାନୀ ମୃତକଙ୍କ ସଠିକ୍ ପରିଚୟ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରହିଥିବା ପ୍ରକାଶ କରିଛନ୍ତି ।

ସୂଚନାନୁସାରେ, ଏହି ଯାତ୍ରୀମାନଙ୍କ ମଧ୍ୟରେ କେତେକ ବେଙ୍ଗାଲୁରୁର ଏବଂ କେତେକ ଛତିଶଗଡ଼ର ବୋଲି ଅନୁମାନ କରାଯାଉଛି । ବେଙ୍ଗାଲୁରୁରୁ ଆସିଥିବା ଏକ ପର୍ଯ୍ୟଟକ ପରିବାର ଡାଲହୌସି ଭ୍ରମଣ ସମୟରେ ଏକ ଟ୍ୟାକ୍ସି ଭଡ଼ା କରିଥିଲେ । ସେହି ପାହାଡ଼ିଆ ସହରରେ ରହୁଥିବା ଅନ୍ୟ ଏକ ପର୍ଯ୍ୟଟକ ପରିବାର ସହ ଗାଡ଼ିଟିକୁ ଶେୟାର୍ କରି ସେମାନେ ସାଚ୍ ପାସ୍ ଅଭିମୁଖେ ବାହାରିଥିଲେ, ଯାହାକି ଏକ ଅତି ଆକର୍ଷଣୀୟ ମାତ୍ର ବିପଦପୂର୍ଣ୍ଣ ଉଚ୍ଚ-ପାର୍ବତ୍ୟ ଅଞ୍ଚଳ ଥିଲା, ଯେଉଁଠାରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ବର୍ତ୍ତମାନ ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି, ଯେଉଁଥିରେ ରାସ୍ତାର ଖରାପ ସ୍ଥିତି, ଚାଳକଙ୍କ ତ୍ରୁଟି, ପ୍ରତିକୂଳ ପାଣିପାଗ କିମ୍ବା ଗାଡ଼ିର କୌଣସି ଯାନ୍ତ୍ରିକ ତ୍ରୁଟି ଥିଲା କି ନାହିଁ, ସେ ସମସ୍ତ ଦିଗର ସମୀକ୍ଷା କରାଯାଉଛି ।

## ବିଶ୍ୱସ୍ତରୀୟ...

କମ୍ପମପାଟି ଆହ୍ୱାନ ଦେଇଛନ୍ତି । ରବିବାର ଲୋକଭବନଠାରେ ଆୟୋଜିତ ଦୁଇ ଦିନିଆ କୁଳପତି ସମ୍ମିଳନୀର ଉଦଘାଟନୀ ସମାରୋହରେ ରାଜ୍ୟପାଳ ଯୋଗ ଦେଇଥିବାବେଳେ ରାଜ୍ୟର ସରକାରୀ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଛନ୍ତି । ଏହି ସମାବେଶକୁ ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ପ୍ରୟାସ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଛନ୍ତି । ଏହି ଅବସରରେ କୁଳପତିମାନଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ କହିଥିଲେ, ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନ, ନବସୃଜନ ଏବଂ ନେତୃତ୍ୱର କେନ୍ଦ୍ର ଏବଂ ରାଷ୍ଟ୍ର ନିର୍ମାଣରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ଦ୍ରୁତ ବୈଷୟିକ ପ୍ରଗତି ଏବଂ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଛି । ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ମୂଲ୍ୟବୋଧ ସହିତ ଏକ ଜଟିଳ ଭବିଷ୍ୟତକୁ ସମ୍ମୁଖୀନ କରିବା ପାଇଁ ଗଢ଼ି ତୋଳିବା ଉଚିତ । ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ଅର୍ଥନୈତିକ ସ୍ୱାବଲମ୍ବନ ଠାରୁ ଅଧିକ ଏବଂ ନବସୃଜନ, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ, ସ୍ୱାସ୍ଥ୍ୟସେବା, ଶକ୍ତି ଏବଂ ଶିକ୍ଷା ସହିତ ଅନ୍ତର୍ଭୁକ୍ତ । ଏ ଦିଗରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଉଦ୍ୟମିତା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା, ସମାଜରେ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ଉଚିତ । ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ନୀତି ବହୁମୁଖୀ ଶିକ୍ଷା, ଶୈକ୍ଷିକ ନମନୀୟତା, ଦକ୍ଷତା ସମନ୍ୱୟ, ଡିଜିଟାଲ୍ ଶିକ୍ଷା, ଗବେଷଣା ଉତ୍କର୍ଷତା ଏବଂ ଦୃଢ଼ ଶିଳ୍ପ ସହଭାଗୀତାକୁ ପ୍ରୋତ୍ସାହିତ କରୁଛି ।

ଏହି ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଡିଗ୍ରୀ ପ୍ରଦାନକାରୀ ପ୍ରତିଷ୍ଠାନ ନୁହେଁ ବରଂ ଜ୍ଞାନ ସୃଷ୍ଟି, ନବସୃଜନ ଏବଂ ଗବେଷଣାର କେନ୍ଦ୍ର । ଶିକ୍ଷା କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ବଜେଟ୍ ଆବଣ୍ଟନ ଉପରେ ଆଲୋକପାତ କରିଥିଲେ । ଶିକ୍ଷା ଏକ ପ୍ରଗତିଶୀଳ ଏବଂ ସମୃଦ୍ଧ ସମାଜର ମୂଳଦୁଆ । ଓଡ଼ିଶା ୨୦୩୬ ସୁଦ୍ଧା ବିକଶିତ ରାଜ୍ୟ ହୋଇ ବିକଶିତ ଭାରତର ଜାତୀୟ ଦୃଷ୍ଟିକୋଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ମହତ ଆକାଂକ୍ଷା ରଖିଛି । ଏ ଦିଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନ୍ତର୍ଭୁକ୍ତିମୂଳକ ବିକାଶ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ଏବଂ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନରେ ପରିଣତ କରିବାରେ ସାହାଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ ।

ଏହିସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଏକ ଇକୋସିଷ୍ଟମ ସୃଷ୍ଟି କରିବା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

ଏହି ସମ୍ମିଳନୀର ପ୍ରଥମ ଅଧିବେଶନରେ ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ବିକଶିତ ଓଡ଼ିଶା୨୦୩୬ ଏବଂ ବିକଶିତ ଭାରତ୨୦୪୭ର ଦୃଷ୍ଟିକୋଣ ଅଧୀନରେ ଉଚ୍ଚଶିକ୍ଷା ବିଭାଗର ସଫଳତା ଏବଂ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ପ୍ରେଜେଣ୍ଟେସନ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଇଂରାଜୀ ଓ ଓଡ଼ିଆ ବିତର୍କ ପାଇଁ ଚାନସେଲର୍ସ କପ୍ ଘୋଷଣା କରାଯାଇ ଉନ୍ମୋଚନ କରାଯାଇଥିଲା । ନିଶା ନିବାରଣ ଉପରେ ମନୋନୀତ କ୍ଷୁଦ୍ର ଚଳଚ୍ଚିତ୍ର ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବ ନେତୃତ୍ୱ, ସ୍ୱେଚ୍ଛାସେବା ଏବଂ ରାଷ୍ଟ୍ର ନିର୍ମାଣ ସମ୍ପର୍କରେ ସଶସ୍ତ୍ର ବାହିନୀ ଏବଂ ଏନସିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଥମ ଦିନର କାର୍ଯ୍ୟକ୍ରମ ଶେଷରେ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ଶାସନ ସଚିବ(ଉଚ୍ଚଶିକ୍ଷା) ପ୍ରଶାନ୍ତ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଇସ୍କନର ଅଦିନିଆ ରଥ ଯାତ୍ରାକୁ କଡ଼ା ବିରୋଧ

ଭୁବନେଶ୍ୱର: କଡା ବିରୋଧ ଓ ପ୍ରତିବାଦ ସତ୍ତ୍ୱେ ବଲ୍ଟିମୋର ଇସ୍କନ ପକ୍ଷରୁ ଅଦିନିଆ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମର୍ମରେ ବିଶ୍ୱ ଜଗନ୍ନାଥ ସଂଗଠନ ସଚେତନତାର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଦାସ ଏକ କଡ଼ା ପ୍ରତିବାଦ ପତ୍ର ପଠାଇଛନ୍ତି । ବଲ୍ଟିମୋର ଇସ୍କନ ଅଧ୍ୟକ୍ଷଙ୍କ ନିକଟକୁ ଏହି ପତ୍ର ପଠାଯାଇଛି । ଏଥିରେ ଉଲ୍ଲେଖ ଅଛି ଯେ, ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଇସ୍କନର ମନୋଭାବକୁ ଆମେ ସମ୍ମାନ ଜଣାଉଛୁ । କିନ୍ତୁ ପରମ୍ପରା ଅନୁସାରେ ଏହା ପାଳନ କରାଗଲେ ଜଗନ୍ନାଥପ୍ରେମୀମାନେ ଅଧିକ ଖୁସି ହେବେ । ଗତ ୩୦ ତାରିଖରେ ବଲ୍ଟିମୋର ଗ୍ରାଉଣ୍ଡ ଟାଉନାରେ



ଜଗନ୍ନାଥର ଅଦିନିକିଆ ରଥଯାତ୍ରାର ଆୟୋଜନ କରାଯିବା ଜଗନ୍ନାଥପ୍ରେମୀଙ୍କୁ ଶକ୍ତ ଆଘାତ ଦେଇଛି । କାରଣ ଜଗନ୍ନାଥଙ୍କ ରଥଯାତ୍ରା ସମୟ ଆସିନାହିଁ । ବିଶେଷକରି ସ୍ନାନଯାତ୍ରା ଓ ରଥଯାତ୍ରା କରିବାକୁ ଶ୍ରୀକ୍ଷେତ୍ର ପୁରୀରୁ ଆଜ୍ଞାମାଳ ମିଳିଥାଏ । ଏହାକୁ ଉଲ୍ଲଂଘନ କରି ବଲ୍ଟିମୋର ଇସ୍କନ କର୍ତ୍ତୃପକ୍ଷ ଏହିପରି ରଥଯାତ୍ରାର ଆୟୋଜନ କରିବା ବାସ୍ତବିକ ଦୁଃଖଦାୟକ । ନିର୍ଦ୍ଧାରିତ ଦିନରେ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ପାଳନ ନକରିବା ଦ୍ୱାରା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଭକ୍ତଙ୍କ ଧାର୍ମିକ ଭାବନା ଗଭୀର ଭାବରେ ପ୍ରଭାବିତ ହୁଏ ବୋଲି ଶ୍ରୀଦାସ ତାଙ୍କ ପ୍ରତିବାଦ ପତ୍ରରୁ ଉଲ୍ଲେଖ କରିଛନ୍ତି ।

# ସୌମ୍ୟ ହତ୍ୟା ମାମଲା: ଆଜି ଆସୁଛନ୍ତି ଏନଏଚଆରସି ଟିମ୍

ବାଲିଅନ୍ତା, ୩୧।୫, (ସବ୍ୟୁ): ରେଳବାଇ ପୁଲିସ କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟିପିଟି ହତ୍ୟା କରାଯିବା ଘଟଣାର ତଦନ୍ତ ପାଇଁ ଆସନ୍ତାକାଲି ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି)ଙ୍କ ଏକ ଟିମ୍ ଓଡ଼ିଶା ଆସୁଛନ୍ତି । ଏହି ଟିମ୍ ଘଟଣା ସହ ଜଡ଼ିତ ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସାକ୍ଷୀମାନଙ୍କୁ ମଧ୍ୟ ଜେରା କରିବେ । ଜୁନ୍ ୧ରୁ ୫ତାରିଖ ପର୍ଯ୍ୟନ୍ତ ଏହି ଟିମ୍ ଭୁବନେଶ୍ୱରରେ ରହିବେ । ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଫିସର ରାଜେନ୍ଦ୍ର ସିଂ ଓ ଅବିନାଶ କୁମାର ଆସନ୍ତାକାଲି ମଧ୍ୟାହ୍ନ ୧୨ଟା ୫୦ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ ବୋଲି ଜଣାପଡ଼ିଛି ।

ଆୟୋଗଙ୍କ ପକ୍ଷରୁ ଜାରି ସୂଚନା ଅନୁସାରେ, ଏହି ୫ଦିନିଆ ଗସ୍ତକାଳରେ ଏନଏଚଆରସି ତଦନ୍ତ ଟିମ୍ ଭୁବନେଶ୍ୱରର ଗେଷ୍ଟହାଉସ୍ କିମ୍ବା ସର୍କିଟ ହାଉସରେ ଘଟଣା ସହ ଜଡ଼ିତ ଥିବା ସରକାରୀ ଅଫିସର ଓ କର୍ମଚାରୀଙ୍କୁ ଜେରା କରିବେ । ଏହାସହିତ ମୃତ ସୌମ୍ୟଙ୍କ ପରିବାର ସଦସ୍ୟଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀ ଓ ବିଭିନ୍ନ ଲୋକଙ୍କଠୁ ମଧ୍ୟ ସାକ୍ଷ୍ୟ ଗ୍ରହଣ କରିବେ ।ସୌମ୍ୟଙ୍କୁ ପିଟିପିଟି ହତ୍ୟା କରାଯିବାବେଳେ ଘଟଣାସ୍ଥଳରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ, ବାଲିଅନ୍ତା ଥାନା ଆଇଆଇସି, ମାମଲାର ଇନକ୍ୱାରୀ ଅଫିସରଙ୍କ ସମେତ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ହାଜର ହେବାକୁ କୁହାଯାଇଛି । କେବଳ ସେମାନେ ନୁହଁନ୍ତି, ଭୁବନେଶ୍ୱର-କଟକ ପୁଲିସ କମିଶନର, ଭୁବନେଶ୍ୱର ଡିସିପି, ଓ କଟକ ଜିଆରପି ଏସପିଙ୍କୁ ମଧ୍ୟ ହାଜର ହେବାକୁ ନୋଟିସ୍ ଜାରି ହୋଇଛି । ସୌମ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ କରିଥିବା କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଓ ଶବ ବ୍ୟବଚ୍ଛେଦ ଡାକ୍ତରଙ୍କୁ ମଧ୍ୟ ଏହି ଜେରାର ସମ୍ମୁଖୀନ ହୋଇ ନିଜର ବୟାନ ରେକର୍ଡ କରାଇବେ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌମ୍ୟ ମାମଲାରେ ବିବାଦୀୟ ବରିଷ୍ଠ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ମଧ୍ୟ ଆୟୋଗଙ୍କ ପାଖରେ ହୋଇ ନିଜର ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ତାଙ୍କ ବିରୋଧରେ ନିଜ ଅଧୀନରେ ଥିବା କର୍ମଚାରୀଙ୍କୁ ବ୍ୟକ୍ତିଗତ ବା ଘରୋଇ କାମରେ ବ୍ୟବହାର କରିବାର ଗୁରୁତର ଅଭିଯୋଗ ଆସିଛି ।

## ଭାରତୀୟ ନୌସେନା ମୁଖ୍ୟ ଦାୟିତ୍ୱ ଗ୍ରହଣ କଲେ କୃଷ୍ଣ ସ୍ୱାମୀନାଥନ୍

ନୂଆଦିଲ୍ଲୀ: ଭାରତୀୟ ସାମରିକ ପ୍ରତିରକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ସ୍ୱରୂପ ଆଡମିରାଲ୍ କୃଷ୍ଣ ସ୍ୱାମୀନାଥନ୍ ରବିବାର ଦିନ ଭାରତୀୟ ନୌସେନାର ନୂତନ ମୁଖ୍ୟ ବା 'ଚିଫ୍ ଅଫ୍ ନେଭାଲ୍ ଷ୍ଟାଫ୍' ଭାବେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଅବସର ଗ୍ରହଣ କରିଥିବା ଆଡମିରାଲ୍ ଦିନେଶ ତ୍ରିପାଠୀଙ୍କ ସ୍ଥାନ ଗ୍ରହଣ କରିଛନ୍ତି । ନୌସେନା ମୁଖ୍ୟ ଭାବେ ନିଯୁକ୍ତ ହେବା ପୂର୍ବରୁ ଆଡମିରାଲ୍ ସ୍ୱାମୀନାଥନ୍ ପଶ୍ଚିମ ନେଭାଲ୍ କମାଣ୍ଡର 'ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍' ଭାବେ ସେବା ପ୍ରଦାନ କରୁଥିଲେ । ଭାରତୀୟ ନୌସେନାର ୨୭ ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ସାଉଥ୍ ବ୍ଲକ୍ ଲନରେ ତାଙ୍କୁ ଭବ୍ୟ ଏବଂ ପାରମ୍ପରିକ 'ଗାର୍ଡ ଅଫ୍ ଅନର' ପ୍ରଦାନ କରାଯାଇଥିଲା, ଯେଉଁଠାରେ ତାଙ୍କ ପତ୍ନୀ ଓ ଦୁଇ କନ୍ୟା ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟଭାର ଗ୍ରହଣ କରିବା ପରେ ମିଡିଆକୁ ଦେଇଥିବା ନିଜର ପ୍ରଥମ ସମ୍ବୋଧନରେ ନୂତନ ନୌସେନା ମୁଖ୍ୟ ଭାରତୀୟ ସେନାର ମିଳିତ ସମନ୍ୱୟ, 'ଆତ୍ମନିର୍ଭରଶୀଳତା' ଓ ପ୍ରତିରକ୍ଷା ଉପକରଣର ସ୍ୱଦେଶୀକରଣ ପ୍ରତି ତାଙ୍କର ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ଏବଂ ଏହା ତାଙ୍କ କାର୍ଯ୍ୟକାଳର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି କହିଛନ୍ତି ।

# ଦାଦନ ଯାଇ ଆନ୍ଧ୍ରପ୍ରଦେଶରେ ଜନଜାତି ଯୁବତୀଙ୍କ ମୃତ୍ୟୁ

ରାୟଗଡା,(ସବ୍ୟୁ): ଦାଦନ ଖଟିବାକୁ ଯାଇ ଆନ୍ଧ୍ରପ୍ରଦେଶରେ ଜଣେ ଆଦିମ ଜନଜାତି ଯୁବତୀଙ୍କ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି । ମୃତ ଯୁବତୀ ହେଲେ ଗୁଣପୁର ବ୍ଲକ ଅନ୍ତର୍ଗତ ଶଗଡ଼ା ଗ୍ରାମର ବିଲମା ଗମାଙ୍ଗ । ଖବର ଅନୁସାରେ ଶଗଡ଼ା ଗ୍ରାମର ଆଦିମ ଜନଜାତି ଲାଞ୍ଜିଆ ସୌରା ସମ୍ପ୍ରଦାୟର ଯୁବତୀ ବିଲମା ଗମାଙ୍ଗ ଘରର ଆର୍ଥିକ ଅବସ୍ଥା ଦୁର୍ବଳ ଥିବାରୁ ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ । ସେ ଗତ ଦୁଇ ବର୍ଷ ଧରି ପଶ୍ଚିମ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ଭୀମାବରମର ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ । ତେବେ ଆଜି ସକାଳେ କମ୍ପାନୀ ହଷ୍ଟେଲ ନିକଟସ୍ଥ ଏକ ଗଛରେ ବିଲମାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି କମ୍ପାନୀରେ କାର୍ଯ୍ୟରତ ଅନ୍ୟ ଜଣେ ସହକର୍ମୀ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ବିଲମାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଗଭୀର ଶୋକରେ ଭାଙ୍ଗି ପଡ଼ିଛନ୍ତି । ପରିବାର ଅତ୍ୟନ୍ତ ଦରିଦ୍ର ହୋଇଥିବାରୁ ସୁଦୂର ଆନ୍ଧ୍ରପ୍ରଦେଶରୁ ତାଙ୍କ ମୃତଦେହ ଗାଁକୁ ଆଣିବାରେ ଅସମର୍ଥତା ପ୍ରକାଶ କରି ପ୍ରଶାସନର ସହାୟତା ଲୋଡ଼ିଛନ୍ତି । ରବିବାର ଅପରାହ@ରେ ମୃତକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ଗୁଣପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ମୃତ ଯୁବତୀଙ୍କ ମୃତଦେହକୁ ନିଜ ଭିଟାମାଟିକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ । ଅନ୍ୟପକ୍ଷରେ, ପ୍ରଶାସନ ପକ୍ଷରୁ ମୃତଦେହକୁ ତାଙ୍କ ଗାଁକୁ ଆଣିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଆଶ୍ୱାସନା ମିଳିଥିବା ଗ୍ରାମବାସୀମାନେ ସୂଚନା ଦେଇଛନ୍ତି ।



## ଭି. ସାଭରକର ଜୟନ୍ତୀ ପାଳିତ

ବୌଦ୍ଧ , (ସବ୍ୟୁ): ମାଇ ଭାରତ ପକ୍ଷରୁ ବୌଦ୍ଧ ସ୍ଥିତ ଏ ଏନ ଏମ କେନ୍ଦ୍ର ପରିସରରେ ଭି. ସାବରକର ଜୟନ୍ତୀ ପାଳିତ ହୋଇଯାଇଛି । ସମାରୋହରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଯୋଗଦେଇ ରାଷ୍ଟ୍ର ସେବାରେ କାର୍ଯ୍ୟ କରିବା ସବୁଠାରୁ ମହାନ୍ କାର୍ଯ୍ୟ ବୋଲି ପ୍ରକାଶ କରିଥିଲେ ମାଇଁ ଭାରତ ଡିଜି ପ୍ରତିନିଧି ଦେବାଶିଷ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ପ୍ରତ୍ୟେକ ମଣିଷ ସେବାକୁ ପ୍ରାଧାନ୍ୟ ଦେଲେ ରାଷ୍ଟ୍ରର ବିକାଶ ହେବ ବୋଲି ଆଲୋଚନା ହୋଇଥିଲା । ସମ୍ମାନୀତ ଅତିଥି ଭାବେ ପ୍ରଶିକ୍ଷକ ସୌଭାଗ୍ୟ ରଞ୍ଜନ ଖିଲାର ଓ ସଂଯୋଜକ ଉତ୍ତମ ମହାକୁଡ ଯୋଗଦେଇ ସାବରକରଙ୍କ ଜୀବନୀ ଓ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ ।

## ରେପୋ ହାର କମିବା ସମ୍ଭାବନା ନାହିଁ

ନୂଆଦିଲ୍ଲୀ: ଜୁନ ମାସରେ ହେବାକୁ ଥିବା ମୁଦ୍ରା ନୀତି କମିଟି (ଏମ୍ପିସି)ର ସମୀକ୍ଷା ବୈଠକରେ ରେପୋ ହାର (ଯେଉଁ ସୁଧ ହାରରେ ଭାରତୀୟ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ମିଆଦୀ ଋଣ ପ୍ରଦାନ କରିଥାଏ) କମିବା ସମ୍ଭାବନା କମ୍ ରହିଛି । ଭାରତୀୟ ଷ୍ଟେଟ ବ୍ୟାଙ୍କର ରିସର୍ଚ୍ଚ ରିପୋର୍ଟରେ ଏହା କୁହାଯାଇଛି ।

E-mail:- nacdharmagarh@gmail.com
OFFICE OF THE
NOTIFIED AREA COUNCIL, DHARAMGARH.
13001/705/2627
Dt- KALAHANDI
No. 2092 / DMH Dated. 21.05.2026
**Quotation Call Notice**

Name of the work : Supply, Installation, Testing and Commissioning of Solar LED based Traffic Blinker System under Dharmagarh NAC.
No of works : 01 No
Tender notice no. & Date : 2088/DMH, Dt. 21.05.2026
Agency : As per eligibility
Period of Tender : 2 Months
Available of Documents : Dt.29.05.2026 to Dt.08.06.2026 (In Office Hours) at NAC Office Dharamgarh
EMD & Tender Paper Cost : Rs.5,000.00 & Rs. 1,000.00
Last date of receipt of bid documents : Upto 01:00 PM of Dt.08.06.2026
Date of opening of Bid : 10:00 AM of Dt.09.06.2026
Name and address of the Officer inviting the notice : Executive Officer, NAC, Dharamgarh, Kalahandi

Sd/- Executive Officer,
NAC, Dharamgar
OIPR : 13001/13163/1/26-27/0007

Fisheries and Animal Resources Development Deptt.,
Government of Odisha
"e" Procurement Notice No. FEDB- 02/2026-27
*****
6001/42/2627
No. 860/FEDB Dt. 30.05.2026

1. Name of the Works: Development of Total **02 (Two)** nos. Climate Resilient Coastal Fishermen Villages.
2. Estimated cost: From **Rs. 99.78 lakh to Rs. 99.88 lakh**
3. Period of Completion: **08 (eight) months**
4. Date and time of availability of bid document in the portal: From **Dt. 01.06.2026 to 15.00 hours of Dt. 08.06.2026**
5. Last date/time for receipt of bids in the portal: **15.00 hours of Dt. 08.06.2026**
6. Name and address of the Officer inviting Bid: Executive Engineer, Fishery Engineering Division, Matsya Sadan, Laxmisagar, Bhubaneswar - 751006. e-mail id:- eefedbbsr@gmail.com/ ee.fedbbsr@gov.in

Further details can be seen from the e-Procurement portal of Odisha Government https://tendersodisha.gov.in. All information, notices, addendum, corrigendum, cancellation notice etc. if required, will be published in this portal.

Sd/- Executive Engineer
FED, Bhubaneswar
OIPR : 6001/6018/1/26-27/0003

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/696/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.
ପତ୍ର ସଂଖ୍ୟା ୬୯ **ବିଜ୍ଞାପନ** ତା : ୧୮.୦୫.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ ଏଲ.ଆଇ.ଜି–୨୭/୧୧ ଓ ୧୨ (LIG-27/11&12) ଚନ୍ଦ୍ରଶେଖରପୁର ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଆର ଲକ୍ଷ୍ମୀ ପଟ୍ଟନାୟକ, ସ୍ୱାମୀ– ଆର କ୍ରିଷ୍ଣମୋହନ ପଟ୍ଟନାୟକ, ସା–ଏଲ.ଆଇ.ଜି–୩୭/୩, ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ହାଉସିଂ ବୋର୍ଡ କଲୋନୀ, ପୋ/ଥାନା– ଚନ୍ଦ୍ରଶେଖରପୁର, ଜିଲ୍ଲା–ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଆର ଲକ୍ଷ୍ମୀ ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ହିମାଂଶୁ ଶେଖର ସାହୁ, ପିତା–ରବୀନ୍ଦ୍ରନାଥ ସାହୁ, ସା–ଅଟାବୁହା, ପୋ–ଅରିପଡା, ଥାନା/ଜିଲ୍ଲା–କେନ୍ଦ୍ରାପଡାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **୧୫** ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0090

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/689/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା: ୧୧୦ **ବିଜ୍ଞାପନ** ତା : ୧୧.୫.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ନାମ–ସ୍ୱର୍ଗୀୟା ସୁଲୋଚନା ବଳିଆରସିଂ<br>ସ୍ୱା– ସ୍ୱର୍ଗତ ବେଣୁଧର ବଳିଆରସିଂ<br>ଗ୍ରା/ପୋ–ନରଣଗଡ<br>ଥାନା– ଖୋର୍ଦ୍ଧା<br>ଜିଲ୍ଲା–ଖୋର୍ଦ୍ଧା | ଏଲ.ବି.–୭<br>(LB-7)<br>ସାନପୁଲ୍ଲା<br>ହାଉସିଂ ସ୍କିମ୍<br>ଖୋର୍ଦ୍ଧା | ୧. ସକୁନ୍ତଳା ବଳିଆରସିଂ (କନ୍ୟା)<br>୨. ସବିତା ରାଉତରାୟ (କନ୍ୟା)ବ<br>୩. କଳ୍ପନା ବଳିଆରସିଂ (ବୋହୂ)<br>୪. ସ୍ମିତାଶ୍ରୀ ବଳିଆରସିଂ (ବୋହୂ)<br>୫. ରୋନକ ବଳିଆରସିଂ (ନାତି)<br>୬. ସିଦ୍ଧାର୍ଥ ବଳିଆରସିଂ (ନାତି)<br>୭. ସମ୍ୟକ ବଳିଆରସିଂ (ନାତି) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0088

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/690/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା ୮୭ **ବିଜ୍ଞାପନ** ତା : ୧୦.୪.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ ଏଲ୍ .ଆଇ.ଜି–୨ (LIG-2) ସୋସିଆଲ ହାଉସିଂ ସ୍କିମ୍, ଚୌଦ୍ୱାର, ଫେଜ୍–୧, କଟକ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମଳୟା ରାଉତ, ସ୍ୱାମୀ– ଶ୍ରୀ ଭାସ୍କର ଚନ୍ଦ୍ର ରାଉତ, ସା–ଭାଣଗାଁ, ପୋ–ଚାନ୍ଦୋଳ, ଥାନା–କେନ୍ଦ୍ରାପଡ଼ା, ଜିଲ୍ଲା–କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଳୟା ରାଉତ ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ସଞ୍ଜୟ କୁମାର ରାଉତ, ପିତା– ଶ୍ରୀ ଭାସ୍କର ଚନ୍ଦ୍ର ରାଉତ, ସା–ଭାଣଗାଁ, ପୋ–ଚାନ୍ଦୋଳ, ଥାନା– କେନ୍ଦ୍ରାପଡ଼ା, ଜିଲ୍ଲା–କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହଟିର ଦାନ ସୂତ୍ରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **ପନ୍ଦର** ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ଦାନ ସୂତ୍ରରେ ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0089

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/686/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.
ପତ୍ର ସଂଖ୍ୟା ୧୧୭ **ବିଜ୍ଞାପନ** ତା : ୨୨.୫.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାଲିଆ, ବାଲେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ–ଏଲ.ଆଇ.ଜି.–୧୧ (LIG-11) କୁ ଶ୍ରୀ ବସନ୍ତ କୁମାର ପଟ୍ଟନାୟକ, ପି–ସ୍ୱର୍ଗତ ରାମନାଥ ପଟ୍ଟନାୟକ, ଗ୍ରା–ଖାଜିମଠ ନୂଆସାହି, ପୋ–ପୁରୀ, ଥା–କୁମ୍ଭାରପଡା, ଜି–ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବସନ୍ତ କୁମାର ପଟ୍ଟନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସ୍ୱା– ଏସ୍‌କେ ଅନସାର, ଗ୍ରା–ଅଦର ବଜାର, ପୋ–ନୂଆ ବଜାର, ଥା–ସହଦେବଖୁଣ୍ଟା, ଜି–ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହଟିର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର **ପନ୍ଦର ଦିନ** ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0085

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର
ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାଜିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୨, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିଜେପିରେ ଯୋଗଦେଲେ ରୁଦ୍ର ନାରାୟଣ ସାମନ୍ତରାୟ



ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରୁଦ୍ରନାରାୟଣ ସାମନ୍ତରାୟ ବିଜେଡି ଛାଡ଼ି ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ସେହିପରି ଖୋର୍ଦ୍ଧା ଜିଲ୍ଲା ଯୁବ ସମ୍ପାଦକ ଅଶୋକ ପଲେଇ, ଲୋପାମୁଦ୍ରା ନାୟକ, ଦେବଶିଷ ରଣା, ମିଳନ ପାଇକରାଏ, ସୌରଭ ମହାନ୍ତି, ବିଶ୍ୱଜିତ୍ ଦାସ, ଶୈଳେନ୍ଦ୍ର ପ୍ରସାଦ ରାଏ, ରାଜା ନିର୍ମାୟା ପ୍ରସାଦ, ସନ୍ଦୀପ କୁମାର ବଳ, ସୁମନ କୁମାରୀ, ସ୍ୱୀକୃତି ପଟ୍ଟନାୟକ, ବିବେକାନନ୍ଦ କର, ଶୈଳେନ୍ଦ୍ର ରାଏ ପ୍ରମୁଖ ବିଜେଡି ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ ଟୋପି ଓ ଉତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି ଯେ, ଆଜିର ମିଶ୍ରଣ ପର୍ବ ପରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେପି ସଂଗଠନ ଆହୁରି ସୁଦୃଢ଼ ହୋଇଛି। ରାଷ୍ଟ୍ର ନିର୍ମାଣ ଉପରେ ଗୁରୁତ୍ୱ ଦେଉଥିବା ବିଜେପି ଦଳ ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହି ଦଳରେ ୧୪ କୋଟିରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଥିଲାବେଳେ ଦେଶର ୨୨ ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର ରହିଛି। ଗଙ୍ଗୋତ୍ରୀରୁ ଗଙ୍ଗା ସାଗର ପର୍ଯ୍ୟନ୍ତ ଆମର ସରକାର ରହିଛି। ଭାରତୀୟ ଜନତା ପାର୍ଟିର କାର୍ଯ୍ୟ ଶୈଳୀ ଓ ବିଚାରଧାରା ଉପରେ ବିଶ୍ୱାସ କରି କାର୍ଯ୍ୟକର୍ତ୍ତାମାନେ ଅନ୍ୟାନ୍ୟ ରାଜନୈତିକ ଦଳ ଛାଡି ବିଜେପିରେ ଯୋଗଦେଉଛନ୍ତି। କାରଣ ବିଜେପି ସକାରାତ୍ମକ ରାଜନୀତିରେ ବିଶ୍ୱାସ କରି ରାଷ୍ଟ୍ର ନିର୍ମାଣକୁ ଗୁରୁତ୍ୱ ଦିଏ। ଆଗାମୀ ଦିନରେ ଆମ ସମସ୍ତଙ୍କୁ ନିସ୍ୱାର୍ଥଭାବେ ଅନେକ କାର୍ଯ୍ୟ କରିବାର ଅଛି। ପ୍ରତ୍ୟେକ ଘରେ ପହଂଚିବାର ଅଛି। ସମାଜରେ ରହୁଥିବା ବିଭିନ୍ନ ବର୍ଗର ଲୋକଙ୍କ କଥା ବୁଝିବାର ଅଛି। ଏନେଇ ରାଷ୍ଟ୍ର ନିର୍ମାଣର ଭାବନା ନେଇ ସମସ୍ତେ ଗୋଟିଏ ଦିଶାରେ କାର୍ଯ୍ୟକରି ଦଳକୁ ଅଧିକ ସୁଦୃଢ଼ କରିବାକୁ ଶ୍ରୀମତୀ ଷଡ଼ଙ୍ଗୀ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ରାଜ୍ୟ ସମ୍ପାଦକ ଶ୍ରୀମତୀ ପିଙ୍କି ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜୀବନ ପ୍ରଦୀପ ଦାସ, ନିକୁଞ୍ଜ ପଟ୍ଟନାୟକ, ଖୋର୍ଦ୍ଧା ଜିଲ୍ଲା ପୂର୍ବତନ ସଭାପତି ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କ୍ଷମତା ଅଛି - ବିଜୁଳି ମିଳୁନି

ଭୁବନେଶ୍ୱର, (ତଥ୍ୟ) ରାଜ୍ୟରେ ଏବେ ପିକ୍ ସମୟରେ ଯେତିକି ବିଜୁଳି ଆବଶ୍ୟକ ହେଉଛି ତାହାଠାରୁ ଅଧିକ ବିଜୁଳି ଉତ୍ପାଦନର କ୍ଷମତା ରାଜ୍ୟରେ ରହିଛି। ତେବେ ଅକ୍ଷୟଶକ୍ତି କ୍ଷେତ୍ରରୁ କମ୍ ବିଜୁଳି ଉତ୍ପାଦନ ହେଉଥିବାବେଳେ ଘରୋଇ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀମାନେ ଠିକଣା ସମୟରେ ହାତଛାଡି ଦେଉଥିବାରୁ ବିଜୁଳି ପାଇଁ କର୍ତ୍ତୃପକ୍ଷ ନାକେଦମ ହେଉଛନ୍ତି। ସହର ଠାରୁ ଗାଁ ଗହଳି ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍‌ର ଏହା ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଏଥିଯୋଗୁଁ ପ୍ରବଳ ଗୁଳୁଗୁଳି ଯୋଗୁଁ ବିଜୁଳି ଚାହିଦା ବଢିବାରେ ଲାଗିଛି। ପିକ୍ ସମୟରେ ଏହା ୮ହଜାର ମେଗାୱାଟକୁ ଟପି ଯାଉଛି। ତେବେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ମିଳିବାକୁ ଥିବା ବିଜୁଳି ପରିମାଣ ୯ହଜାର ୟୁନିଟ୍‌ରୁ ଅଧିକବୋଲି ଜଣାଯାଇଛି। ଏଥି ମଧ୍ୟରେ ରାଷ୍ଟ୍ରାୟତ ସଂସ୍ଥା, ରାଜ୍ୟ ସଂସ୍ଥା, ଅକ୍ଷୟଶକ୍ତି ସଂସ୍ଥା ଓ ଘରୋଇ ତାପଜ ବିଦ୍ୟୁତ୍ ଉତ୍ପାଦନକାରୀମାନେ ରହିଛନ୍ତି। ଏହି ସମସ୍ତ ସୂତ୍ରରୁ ଯଦି ଠିକଣା ଭାବେ ବିଜୁଳି ମିଳନ୍ତା ତେବେ ପିକ୍ ସମୟରେ ଗ୍ରାହକଙ୍କୁ ବିଜୁଳି ଯୋଗାଣରେ କୌଣସି ସମସ୍ୟା ଦେଖା ଦିଅନ୍ତା ନାହିଁ। ଏହି ସୂଚନା ଅନୁଯାୟୀ କେନ୍ଦ୍ରୀୟ ସଂସ୍ଥାଗୁଡିକରୁ ମୋଟ୍ ୪୦୩୮ ମେଗାୱାଟ ବିଜୁଳି ମିଳିବାକୁ ଥିବାବେଳେ ମିଳୁଛି ପାଖାପାଖି ୨ହଜାର ମେଗାୱାଟ। କେନ୍ଦ୍ରୀୟ ଉତ୍ସ ମଧ୍ୟରେ ସର୍ବାଧିକ ବିଜୁଳି ତାପଜ କେନ୍ଦ୍ରରୁ ମିଳିବାକୁ ଥିବାବେଳେ ଜଳବିଦ୍ୟୁତ୍, ପବନ ଶକ୍ତି ଓ ସୌରଶକ୍ତି ଆଦି ରହିଛି। ହେଲେ ଏହିସବୁ ସୂତ୍ରରୁ ମିଳୁଥିବା ବିଜୁଳି ପରିମାଣ ୨ହଜାର ମେଗାୱାଟ ଟପିପାରୁ ନାହିଁ। ସୌରଶକ୍ତି କ୍ଷେତ୍ରରୁ ୯୭୫ ମେଗାୱାଟ ବିଜୁଳି ସ୍ଥାନରେ ମିଳୁଛି ୧୮୩ ମେଗାୱାଟ। ବିଭିନ୍ନ କେନ୍ଦ୍ରୀୟ ତାପଜ କେନ୍ଦ୍ରରୁ ୨୪୨ ମେଗାୱାଟ ବିଜୁଳି ମିଳିବାକୁ ଥିବାବେଳେ ମିଳୁଛି ଦେଢ ହଜାର ମେଗାୱାଟରୁ ସାମାନ୍ୟ ଅଧିକ। ସେହିଭଳି ରାଜ୍ୟ ସ୍ତରୀୟ ଉତ୍ସରୁ ୫୮୬୮ ମେଗାୱାଟ ବିଜୁଳି ମିଳିବାକୁ ଥିବାବେଳେ ମିଳୁଥିବା ବିଜୁଳି ପରିମାଣ ଏହାର ଅଧାରୁ ସାମାନ୍ୟ ଅଧିକ ରହିଛି। ତେବେ ରାଜ୍ୟର ଚାହିଦା ମେଣ୍ଟାଇବାପାଇଁ ରାଜ୍ୟ ସରକାରଙ୍କ ସଂସ୍ଥା ଓପିଜିସି ଓ ଜଳବିଦ୍ୟୁତ୍ ଆଦି ଉତ୍ପାଦନ କ୍ଷମତାରୁ ୯୫ ପ୍ରତିଶତରୁ ଅଧିକ ଶକ୍ତି ଉତ୍ପାଦନ କରି ସ୍ଥିତି ସମ୍ଭାଳି ନେଉଛନ୍ତି। ରାଜ୍ୟରେ ସୌରଶକ୍ତି ପ୍ରକଳ୍ପଗୁଡିକୁ ୮୦ ମେଗାୱାଟ ବିଜୁଳି ମିଳୁଥିବାବେଳେ ଅନ୍ୟାନ୍ୟ ଅକ୍ଷୟଶକ୍ତି ଉତ୍ସରୁ ବି ଅନୁରୂପ ପରିମାଣର ଶକ୍ତି ମିଳୁଛି।

## ଆପୋଲୋ ହସ୍ପିଟାଲ୍ସରେ

# ୧୦ମ ଏଓଆଇବିବିସିଓଏନ ବାର୍ଷିକ ଇଏନଟି ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ୧୦ମ ଆସୋସିଏସନ୍ ଅଫ୍ ଓଟୋଲା ରିଙ୍ଗୋଲୋଜିଷ୍ଟସ୍ ଅଫ୍ ଇଣ୍ଡିଆ-୨୦୨୬ରେ ୧୦ମ




ବାର୍ଷିକ ଇଏନ୍‌ଟି ବିଶେଷଜ୍ଞ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଟୋଲୋଜି ପୁନଃ ପରିଭାଷିତ ଥିମ୍ ବିଶିଷ୍ଟ ଏହି ମାଇଲଖୁଣ୍ଟ ସଂସ୍କରଣ, ଦେଶ ସାରାର ପ୍ରସିଦ୍ଧ ଇଏନଟି ସର୍ଜନ, ଓଟୋଲୋଜିଷ୍ଟ, ନ୍ୟୁରୋଟୋଲୋଜିଷ୍ଟ, ଶିକ୍ଷାବିତ, ନବସୃଜନକାରୀ ଏବଂ ସ୍ୱାସ୍ଥ୍ୟ ସେବା ବୃତ୍ତିଗତ ମାନଙ୍କୁ ଏକତ୍ରିତ କରି ଇଏନଟି ଏବଂ ଓଟୋଲୋଜି ଯନିକ୍ଷେତ୍ରରେ ସଦ୍ୟତମ ଉନ୍ନତି ଏବଂ ନବସୃଜନ ଉପରେ ଆଲୋଚନା ହୋଇଛି । ଏହି ସମ୍ମିଳନୀରେ ବିଶେଷଜ୍ଞ ବୈଜ୍ଞାନିକ ଅଧିବେଶନ, ପ୍ୟାନେଲ୍ ଆଲୋଚନା, କେସ୍-ଆଧାରିତ ଆଲୋଚନା ଏବଂ କାନ, ନାକ ଏବଂ ଗଳା ରୋଗ ପାଇଁ ଆଧୁନିକ ନିଦାନ କୌଶଳ ଏବଂ ଉନ୍ନତ ଚିକିତ୍ସାପଦ୍ଧତି ଉପରେ ଧ୍ୟାନ କେନ୍ଦ୍ରିତ ଶୈକ୍ଷିକ ଆଦାନ ପ୍ରଦାନ କରାଯାଇଥିଲା । ସମ୍ମିଳନୀ ବିଷୟରେ ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱରର ମୁଖ୍ୟ ପରିଚାଳନା ଅଧିକାରୀ ଡକ୍ଟର ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଏଓଆଇବିବିସିଓଏନ- ୨୦୨୬ ପୂର୍ବଭାରତରେ ଶିକ୍ଷାଗତ ଉତ୍କର୍ଷତା, ନବସୃଜନ ଏବଂ ସହଯୋଗପୂର୍ଣ୍ଣ ଶିକ୍ଷା ଏବଂ ଜ୍ଞାନବର୍ଣ୍ଣନ ମାଧ୍ୟମରେ ଉନ୍ନତ ଇଏନଟି ଚିକିତ୍ସାକୁ ସୁଦୃଢ଼ କରିବା ପ୍ରତି ଆପୋଲୋ ହ ସ୍ପିଟାଲ୍ସ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଆୟୋଜକ ଅଧକ୍ଷ ଡକ୍ଟର ସଂଜୀବ ଗୁପ୍ତା, ଡକ୍ଟର ସୂର୍ଯ୍ୟକାନ୍ତ ପ୍ରଧାନ, ଏଓଆଇବିବିସିଓଏନର ସଭାପତି ଡକ୍ଟର ଡି. ପାଣିଗ୍ରାହି ପ୍ରମୁଖ ଯୋଗଦେଇ ଇଏନଟି ଚିକିତ୍ସା ବ୍ୟବସ୍ଥାର ଉନ୍ନତ ଜ୍ଞାନ କୌଶଳ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।

## ୩ ଅତିରିକ୍ତ ଏସପିଙ୍କ ବଦଳି

ପାଣିକୋଇଲି,(ସବ୍ୟୁ) : ଯାଜପୁର ଜିଲ୍ଲା ପୁଲିସରେ ଅଧିକାରୀ ଓ କର୍ମଚାରୀ ଦିନକୁ ଦିନ କମିବାରେ ଲାଗିଛି। ଗତ କିଛି ଦିନ ତଳେ ଜିଲ୍ଲାରୁ ୨୨ଜଣ ସହକାରୀ ସବଇନ୍ସପେକଟର ଜିଲ୍ଲା ବାହାରକୁ ବଦଳି ହୋଇଥିବା ବେଳେ ଅନୟ ଜିଲ୍ଲାରୁ ମାତ୍ର ୯ଜଣ ଯାଜପୁର ଜିଲ୍ଲାକୁ ଆସିଥିଲେ। ପୁଣି ଜିଲ୍ଲା ମୁଖ୍ୟାଳୟରୁ ୩ ଜଣ ଅତିରିକ୍ତ ଏସପିଙ୍କୁ ଅନୟ ଜିଲ୍ଲାକୁ ବଦଳି କରାଯାଇଥିବା ବେଳେ ସେମାନଙ୍କ ବଦଳରେ ଜିଲ୍ଲାକୁ କାହାରିକୁ ଦିଆଯାଇନାହିଁ ପୁଲିସ ମୁଖ୍ୟାଳୟର ମୁଖ୍ୟ ଅତିରିକ୍ତ ଏସପି ପଦବୀ ଫାଙ୍କା ରହିଥିବା ବେଳେ ଅତିରିକ୍ତ ଏସପି ଲକ୍ଷ୍ମୀଧର ସ୍ୱାଇଁଙ୍କୁ ଭିଜିଲାନ୍ସ ବିଭାଗ, ଶଙ୍କର୍ଷଣ ଦଳାଇଙ୍କୁ ଅତିରିକ୍ତ ଏସପି କେଉଁଝର ଡିଆଇବି, ରତିକାନ୍ତ ଗିରିଙ୍କୁ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ବଦଳି କରାଯାଇଛି। କିନ୍ତୁ ସେମାନଙ୍କ ବଦଳରେ କାହାରିକୁ ଅଣାଯାଇ ନାହିଁ

## ସୀମାନ୍ତ ଓ ପ୍ରବାସୀ କ୍ଷେତ୍ରରେ ଓଡ଼ିଆ ଭାଷାର ସୁରକ୍ଷା ଆଜିର ବଡ଼ ଆହ୍ୱାନ

# ଭାଷା ସୁରକ୍ଷା ପାଇଁ ମତ ରଖିଲେ ବୁଦ୍ଧିଜୀବୀ

କଟକ, (ସବ୍ୟୁ):ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ଭାଷାଭାଷୀ କ୍ଷେତ୍ରରେ ଓଡ଼ିଆ ଭାଷା ପାଇଁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରି ଏହା କାର୍ଯ୍ୟକାରୀ କରିବା ପାଇଁ ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଆ ଜନଗଣନା ଜାଗରଣ ସମିତି ମିଳିତ ଅନୁକୂଲ୍ୟରେ 'ଜନଗଣନା ଓ ଓଡ଼ିଆ ଭାଷା' ଶୀର୍ଷକ ଆଲୋଚନା ଚକ୍ର ଓ ପ୍ରସ୍ତାବ ଗ୍ରହଣ ପାଇଁ ଆୟୋଜିତ ବିଶେଷ ଅଧିବେଶନରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।



ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ପ୍ରବାସୀ ଓ ସୀମାନ୍ତ କ୍ଷେତ୍ର କେବଳ ନୁହେଁ ଓଡ଼ିଶାରେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଅନେକ ଆହ୍ୱାନ ସୃଷ୍ଟି ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ତଥା ଓଡ଼ିଆ ଜନଗଣନା ଜାଗରଣ ସମିତିର ମୁଖ୍ୟ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀ ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷା ପାଇଁ କେଉଁ କେଉଁ ସ୍ତରରେ ବିପଦ ସୃଷ୍ଟି ହୋଇଛି, ତାହାର ସବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଓଁକାର ନାଥ ମହାନ୍ତି, ଡାକ୍ତର ନିରଞ୍ଜନ ତ୍ରିପାଠୀ, ଭୃଗୁ ବକ୍ସିପାତ୍ର, ଚିତ୍ତରଂଜନ ମହାନ୍ତି, ବିଜୟ କୁମାର ପଡ଼ିହାରୀ, ପ୍ରଫେସର ଅଦ୍ୱୈତ ଚରଣ ପାତ୍ର, ପ୍ରାଧ୍ୟାପକ ଉମାଶଙ୍କର ମିଶ୍ର, ବିଷ୍ଣୁ ମୋହନ ଦାସ ସାମନ୍ତ ପ୍ରମୁଖ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଉତ୍ସବରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ ପ୍ରଦୀପ୍ କୁମାର ମହାନ୍ତି, ଡାକ୍ତର ବିନି ଷଡ଼ଙ୍ଗୀ, ସମୟର ମୁଖ୍ୟ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର, ରବୀନ୍ଦ୍ର ନାଥ ମହାନ୍ତି, ସଜ୍ଜନ ଶର୍ମା, ବଂଶୀଧର ରାଉତ, ଗଜେନ୍ଦ୍ର କୁମାର ପାଣି, ଡକ୍ଟର ସତ୍ୟ ରାୟ, ଡକ୍ଟର ପ୍ରମୋଦ କୁମାର ମହାପାତ୍ର, କାହ୍ନୁ ଚରଣ ପାଣିଗ୍ରାହୀ, ଅରବିନ୍ଦ ରାଉତରାୟ, ଡକ୍ଟର ଛତିଶଚନ୍ଦ୍ର ଧଳ, ଅର୍ଜୁନ ମଲ୍ଲିକ୍, ରବୀନ୍ଦ୍ର ବିହାରୀ, ଅମର କବି ଶତପଥୀ, ଆଦିତ୍ୟ ପ୍ରତାପ ବାଘସିଂହ, ଡକ୍ଟର ଧରଣୀଧର ନାଥ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର।

# କଳପଡାରେ ଓଡ଼ିଶା ଜନତା କଂଗ୍ରେସର ସାଧାରଣ ସଭା : ବହୁ ଯୁବକ ଦଳରେ ସାମିଲ

କଟକ, (ସବ୍ୟୁ):ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ୪୨ ମୌଜା ସ୍ଥିତ କଳପଡ଼ା ଗ୍ରାମ ପଞ୍ଚାୟତଠାରେ ଏକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦଳୀୟ ନେତା ଦୀପକ କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ଦଳର ଆଦର୍ଶ ଓ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ସଂଗ୍ରାମୀ ଯୁବକ ଓଡ଼ିଶା ଜନତା କଂଗ୍ରେସ ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମୋକିମ ସମସ୍ତ ଯୁବ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିବା ସହ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ।




ଏହି ସମ୍ବୋଧନ ଅବସରରେ ଶ୍ରୀ ମୋକିମ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ ଯେ, ଓଡ଼ିଶା ଜନତା କଂଗ୍ରେସ ଆଗାମୀ ଦିନରେ ଏକ ଯୁବ ପ୍ରାଧାନ୍ୟ ଦଳ ଭାବେ ଉଭା ହେବ। ଦଳ ସବୁବେଳେ ଯୁବକମାନଙ୍କୁ ସର୍ବାଧିକ ଗୁରୁତ୍ୱ ଓ ନେତୃତ୍ୱ ଦେବା ସହ ସେମାନଙ୍କ ଉର୍ଜା, ଶକ୍ତି ଓ ସାମର୍ଥ୍ୟକୁ ନେଇ ଆଗାମୀ ଦିନରେ ଲୋକଙ୍କ ସେବା କରିବ। ସେ ସ୍ଥାନୀୟ ଅଞ୍ଚଳର ବିକାଶକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଏହି ଅଞ୍ଚଳ ପାଇଁ ପୂର୍ବରୁ ଥିବା ସରକାର କିମ୍ବା ବର୍ତ୍ତମାନର ସରକାର କେହି ବି ସେଭଳି କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନାହାଁନ୍ତି। ଦୀର୍ଘ ଦିନ ଧରି ଏହି ଅଞ୍ଚଳ ଅବହେଳିତ ହୋଇ ରହିଛି, ଯାହା ଫଳରେ ସ୍ଥାନୀୟ ଜନସାଧାରଣ ସେମାନଙ୍କର ଅନେକ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହି ସ୍ଥାଣୁତା ଓ ଅବହେଳା ବିରୋଧରେ ଏବଂ ସ୍ଥାନୀୟ ଅଞ୍ଚଳର ହକ ଓ ପ୍ରଗତି ପାଇଁ ଯୁବପିଢ଼ିଙ୍କୁ ବହୁ ସଂଖ୍ୟାରେ ଆଗେଇ ଆସିବାକୁ ସେ ଅନୁରୋଧ କରିଥିଲେ। ଦଳ ସବୁବେଳେ ସାଧାରଣ ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ସ୍ୱର ହେବ ବୋଲି ଶ୍ରୀ ମୋକିମ ପ୍ରକାଶ କରିଥିଲେ। ସେହିପରି ଏହି ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିବା ସହ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ କିପରି ମଜବୁତ କରାଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କର୍ମୀ ଏହି ସମ୍ମିଳନୀରେ ସାମିଲ ହୋଇ ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମକୁ ଏକ ଆନ୍ଦୋଳନର ରୂପ ଦେବା ପାଇଁ ସଂକଳ୍ପ କରିଥିଲେ। ଶେଷରେ ଯୁବ ବରିଷ୍ଠ ନେତା ଅନିଲ କୁମାର ବେଉରା ଓ ସୂର୍ଯ୍ୟକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ନୂଆକାର ଚୂରମାର

ନୀଳଗିର,(ସବ୍ୟୁ): ଶିଖୁଥିଲେ ନୂଆ ଡ୍ରାଇଭିଂ ।ହେଲେ ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ବାଡେଇଲା କାର । ଫଳରେ ନୂଆ କାର ଚୁରମାର ହୋଇଥିବା ବେଳେ ଦୁଇ ଜଣ ଅଳ୍ପକେ ବର୍ତ୍ତିଛନ୍ତି ।ଏଭଳି ଘଟଣା ନୀଳଗିରି ବ୍ଲକ ଜଡିଦା ପଞ୍ଚାୟତ ଜୋକଲଣ୍ଡା ଗ୍ରାମରେ ଘଟିଛି । ୨ ଜଣ ଯୁବକ କାରରେ ବସିଥିବା ବେଳେ ଡ୍ରାଇଭର ସିଟରେ ଜଣେ ନୂତନ ଭାବେ ଡ୍ରାଇଭିଂ ଶିଖୁଥିଲେ । ଗାଉଁଲି ରାସ୍ତାରେ ଯାଉଥିବା ବେଳେ ଆଗରେ ଜଣେ ଆସି ଯିବାରୁ ଷ୍ଟିଅରିଂ ମୋଡି ଦେବାରୁ ରାସ୍ତା କଡରେ ଥିବା ବିଦ୍ୟୁତଖୁଣ୍ଟକୁ ଧକ୍କା ଦେଇଥିଲା । ସିମେଣ୍ଟ ଖୁଣ୍ଟିଟି ତିନିଗଡ଼ ହୋଇ କାର ଉପରେ ପଡିବାରୁ ଆଗରେ ଥିବା ଦୁଇ ଜଣ ଯୁବକ ଅଳ୍ପକେ ବର୍ତ୍ତୀ ଯାଇଥିଲେ । କାରଟିର ଆଗ ଅଂଶ ଭାଙ୍ଗି ଯାଇଥିବା ବେଳେ ଗାଁରେ ବିଦ୍ୟୁତ ସରବାରାହ ବ୍ୟାଘାତ ହୋଇଛି ।

## ପୋତାପୋଖରୀ କୁଷ୍ଠାଶ୍ରମରେ ବିଧାୟିକା ସୋଫିଆ

# ଭୋକିଲା ଲୋକଙ୍କୁ ଭେଟିଲେ, ଖାଦ୍ୟର ମାନ ପରଖିଲେ

କଟକ, (ସ୍ୱପ୍ର): କଟକ ନୂଆବଜାର ପୋତାପୋଖରୀ ସ୍ଥିତ କୁଷ୍ଠ ପୁନର୍ବାସ କେନ୍ଦ୍ରର ପ୍ରାୟ ୨୦୦ ଅନ୍ତେବାସୀ ଭୋକିଲା ରହିଥିବା ଖବର ଜାଣି ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଗଭୀର ମର୍ମାହତ ହୋଇଛନ୍ତି । ଏହି ସମ୍ବେଦନଶୀଳ ସୂଚନା ପାଇବା ପରେ ସେ ରବିବାର ତୁରନ୍ତ ଉକ୍ତ ଆଶ୍ରମ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି । ଜୀବନରେ ଏତେ ସଂଘର୍ଷ କରୁଥିବା ଏହି ଆଶ୍ରମର ଅନ୍ତେବାସୀମାନେ କେବେ ହେଲେ ଭୋକିଲା ପେଟରେ ଶୋଇବା ଉଚିତ ନୁହେଁ ବୋଲି ବିଧାୟିକା କହିଛନ୍ତି । ସେ ନିଜେ ଆଶ୍ରମରେ ପହଞ୍ଚି ଅନ୍ତେବାସୀମାନଙ୍କୁ ଭେଟି ସେମାନଙ୍କ ସୁଖଦୁଃଖ ବୁଝିବା ସହ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା ନିଜେ ଯାଞ୍ଚ କରିଥିଲେ । ଆଗାମୀ ଦିନରେ ପ୍ରତିଦିନ ଯେପରି ସେମାନଙ୍କୁ ପର୍ଯ୍ୟାପ୍ତ ଓ ଉତ୍ତମ ଖାଦ୍ୟ ନିୟମିତ ଭାବେ ମିଳିପାରିବ ସେଥିପାଇଁ ସେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମନ୍ୱୟ ରକ୍ଷା କରିଛନ୍ତି । ଖାଦ୍ୟ ସମସ୍ୟା ସହିତ ଅନ୍ତେବାସୀମାନେ



ଜଣାଇଥିବା ଅନ୍ୟ ସମସ୍ତ ସମସ୍ୟା ଓ ଅଭିଯୋଗକୁ ମଧ୍ୟ ବିଧାୟିକା ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି । ସେ ପ୍ରତିଟି ସମସ୍ୟାର ଅନୁଧ୍ୟାନ କରି ପ୍ରଶାସନ ସହିତ ମିଶି ଏହାର ଯଥାଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁ ଅର୍ଥ ବିବାଦ ଯୋଗୁଁ ଆଶ୍ରମରେ ଏଭଳି ଅଭାବନୀୟ ସଙ୍କଟ ସୃଷ୍ଟି ହେଲା ତାହା ଯେପରି ଆଉ ପୁନରାବୃତ୍ତି ନହୁଏ ସେନେଇ ପ୍ରଶାସନିକ ସ୍ତରରେ ସୁନିଶ୍ଚିତ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ତେବାସୀମାନଙ୍କ ସମ୍ମାନ, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ସେ ପ୍ରକାଶ କରିଛନ୍ତି । ବିଧାୟିକାଙ୍କ ଏହି ପରିଦର୍ଶନ ସମୟରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ହିମାଂଶୁ ଶେଖର ସାହୁ, ସୁନୀଲ ପଣ୍ଡା, ସୁରଜିତ ସାହୁ ଏବଂ ସୋମ୍ୟାଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବାରବାଟୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ନିଜକୁ ନିର୍ଦ୍ଦେଶକ କହିବାର ଯଥାର୍ଥତା ନାହିଁ

କଟକ,(ସବ୍ୟୁ):ଆଠଗଡ ସେଣ୍ଟ ଜାଭିୟର୍ସ ସ୍କୁଲ୍ ବିବାଦକୁ ନେଇ ଚାଲିଥିବା ଟଣା ଓଟରାରେ ବେଳକୁ ବେଳ ଭିନ୍ନ ମୋଡ ନେଉଛି। ଗତ ଶୁକ୍ରବାର ଅଭିଭାବକ ମାନେ ଆଠଗଡ ଉପ ଜିଲ୍ଲାପାଳଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଜଣାଇଥିବା ବେଳେ ଏହାର ସମାଧାନ ପାଇଁ ଉଭୟ ଗୋଷ୍ଠୀର ପଦାଧିକାରୀ ମାନଙ୍କୁ ଡକାଇ ଥିଲେ। ସେଣ୍ଟ ଜାଭିୟର ଏଜୁକେଶନାଲ ସ୍କୁଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏହାର ଚିଫ ମ୍ୟାନେଜିଂ ଟ୍ରଷ୍ଟି ସମ୍ୟକ୍ ମହାନ୍ତି ଓ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଠଗଡ ସ୍କୁଲର ଅଧ୍ୟକ୍ଷ ଅନିଲ ମହାନ୍ତି ପକ୍ଷ ରଖିଥିଲେ।ତେବେ ମ୍ୟାନେଜମେଣ୍ଟ ବିତାଡ଼ିତ କରିଥିବା ଅଧ୍ୟକ୍ଷ ପ୍ରେମରାଜ ପାତ୍ର ଏବଂ ନିର୍ଦ୍ଦେଶକ ନ ଥିବା ବାରବାଟି ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକ ନିଜକୁ ନିର୍ଦ୍ଦେଶକ ବୋଲି ମିଥ୍ୟା କଥା କହି ନିଜର ପକ୍ଷ ରଖିଥିଲେ। ଅଧ୍ୟକ୍ଷ ଥାଇ ନିଜକୁ ନିର୍ଦ୍ଦେଶକ କହିବାର ଯଥାର୍ଥତା ନାହିଁ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରତିବାଦରେ କୁହାଯାଇଛି।

ବାରବାଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକଙ୍କୁ ସେଣ୍ଟ ଜାଭିୟର୍ସ ଗ୍ରୁପ୍ ଅଫ୍ ସ୍କୁଲର କର୍ପୋରେଟ ମୁଖ୍ୟ ସମ୍ୟକ୍ ମହାନ୍ତି ରେଫରେନ୍ସ ନମ୍ବର୍ SXGS/21-22/075 ରେ ଗତ ୨୦୨୨ ମସିହା ଫେବ୍ରୁଆରୀ ୨୪ ତାରିଖରେ ବାର୍ଷିକ ୨ ଲକ୍ଷ ୨୫ ହଜାର ଟଙ୍କାରେ ନିଯୁକ୍ତି ଦେଇଥିଲେ। ଯିଏ କି ସ୍କୁଲରୁ ବର୍ତ୍ତମାନ ଦ୍ୱିଗୁଣ ଦରମା ନେଉଛନ୍ତି।କିନ୍ତୁ ଆଶ୍ଚର୍ଯ୍ୟର କଥା ଜଣେ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇ ମୋଟା ଅଙ୍କର ବେତନ ନେଉଥିବା ବେଳେ ନିଜକୁ କେଉଁ ଆଧାରରେ ନିର୍ଦ୍ଦେଶକ ଭାବେ ମିଥ୍ୟା କଥା କହି ଦର୍ଶାଉଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସେଣ୍ଟ ଜାଭିୟର୍ସ ଏଜୁକେଶନାଲ ଗ୍ରୁପ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଅପର ପକ୍ଷେ ପୂର୍ବରୁ ନିର୍ଦ୍ଦେଶକ ଥିବା ଜି ଏସ ପଟ୍ଟନାୟକଙ୍କୁ ତାଙ୍କ ପଦବୀରୁ ଟ୍ରଷ୍ଟ ବିତାଡ଼ିତ କରିସାରି ଥିବାବେଳେ ସେ ମଧ୍ୟ ନିଜକୁ ଏହି ପଦବୀରେ ଅଛନ୍ତି କହି ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଚିଫ୍ ମ୍ୟାନେଜିଂ ଟ୍ରଷ୍ଟି ସମ୍ୟକ୍ ମହାନ୍ତି କହିଛନ୍ତି।

## ଚୋରୀ ଟାଭେରା ଜବତ : ଚୋର ଗିରଫ

ନିମାପଡ଼ା,(ସବ୍ୟୁ): ଗତ ୭ ତାରିଖ ବିଳମ୍ବିତ ରାତ୍ରରେ ନିମାପଡ଼ା ମହିଳା କଲେଜ ନିକଟରେ ଥିବା ଜୈନିକ ବ୍ୟକ୍ତିଙ୍କ ଘର ଆଗରୁ ଚୋରୀ ହୋଇଥିବା ଏକ ଟାଭେରା ଗାଡ଼ିକୁ ପୁଲିସ ଆଜି ଉଦ୍ଧାର କରିବା ସହିତ ଚୋରକୁ ଗିରଫ କରିଛି । ପ୍ରକାଶ ଯେ, ମହିଳା କଲେଜ ନିକଟରେ ରହୁଥିବା ସନ୍ଦୀପ ସ୍ୱାଇଁଙ୍କ ଘର ଆଗରେ ତାଙ୍କ ଟାଭେରା ଗାଡ଼ି ଥୁଆ ହୋଇଥିଲା । ଗତ ୭ତାରିଖ ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ୍ତ ଗାଡ଼ିକୁ ଚୋରୀ କରି ନେଇଥିଲା । ଗାଡି ମାଲିକ ଶ୍ରୀ ସ୍ୱାଇଁ ଗତ ୮ ତାରିଖରେ ଗାଡି ଚୋରୀ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ପୁଲିସ ଆଜି ନିମାପଡ଼ା ଅଞ୍ଚଳରୁ ଚୋରୀ ଟାଭେରାକୁ ଉଦ୍ଧାର କରିବା ସହିତ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଗାଡ଼ି ଚୋର ଜଣକ ଡେଲାଙ୍ଗ ଥାନା ଅନ୍ତର୍ଗତ ଆରିଶୋଲ ଗ୍ରାମର ନିତ୍ୟାନନ୍ଦ ରାୟ ବୋଲି ଜଣାପଡ଼ିଛି ।

# ଉନବିଂଶତମ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ଜଟଣୀ, (ସବ୍ୟୁ) : ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ଅଗ୍ରୱାଲ ଧର୍ମଶାଳା ପରିସରରେ ପଣ୍ଡାବଜେନା ଫାଉଣ୍ଡେସନ ପକ୍ଷରୁ ଏହାର ଅଧକ୍ଷ ତଥା ବିଶିଷ୍ଟ ସମାଜସେବୀ ଡ ସନ୍ତୋଷ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଉନବିଂଶତମ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଟଣୀ ବ୍ଲକ ଓ ମୁନିସିପାଲିଟି ଏବଂ ଖୋର୍ଦ୍ଧା ବ୍ଲକ ଅଞ୍ଚଳର ୫୧ ଟି ଉଚ୍ଚ ବିଦ୍ୟାଳୟର ୧୭୦ ଜଣ ଟପର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା କ୍ଷ ସଭା ପ୍ରାରମ୍ଭରେ ସନ୍ତୋଷ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ +୨ କାଉନସିଲ ର ପ୍ରାକ୍ତନ ନିର୍ଦ୍ଧେଶକ କମଳା ପ୍ରସାଦ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ମହମଦ ରଫିକ, ସଂମାନନୀୟ ଅତିଥି ଭାବେ ସନାତନ ହରିଚନ୍ଦନ ମହାବିଦ୍ୟାଳୟର ଅଧକ୍ଷ ପ୍ରଫୁଲ କୁମାର ଦାସ, କନ୍ତିଆ ମହିଳା ମହାବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ମହାନ୍ତି ଓ ଡିଗ୍ରୀ କଲେଜ ଅଧକ୍ଷ ଗଙ୍ଗାଧର ମିଶ୍ର, ଶରତ ପାଇକରାୟ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ୫ ହଜାର ଟଙ୍କା, ବ୍ଲକ ଟପର ମାନଙ୍କୁ ୩ ହଜାର ଟଙ୍କା, ଏ ୧ ମାନଙ୍କୁ ୨ ହଜାର ଟଙ୍କା, ଏ ୨ମାନଙ୍କୁ ୧ ହଜାର ଟଙ୍କା




ସେହିପରି ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମହାପାତ୍ର, ବରିଷ୍ଠ ଆଇନଜୀବୀ ଅବନୀ ରାଉତରାୟ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଜବାହରଲାଲ ସୁବୁଦ୍ଧି, ପ୍ରାକ୍ତନ ସରପଞ୍ଚ ଦିବାକର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଲେକଚର ଡ଼ ସଂଯୁକ୍ତା ପରିଡା । ଏହି ପରିପ୍ରେକ୍ଷୀରେ ନିର୍ବାଚନ ମଣ୍ଡଳୀ ଟପର ପ୍ରଦାନ କରାଯାଇଥିଲା କ୍ଷ ସେହିପରି ୩ ଟି ବିଦ୍ୟାର୍ଥୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ପୋଷ୍ୟ ଭାବେ ଗ୍ରହଣ କରାଯାଇ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା । କାର୍ଯ୍ୟକ୍ରମକୁ ଆଶୁତୋଷ ଆଚାର୍ଯ୍ୟ, ନିମାଇଁ ଚରଣ ସାହୁ, ଜୟନ୍ତ ପାତ୍ର, କୁନମୁନ ସ୍ୱାଇଁ, ରତିକାନ୍ତ ଦାସ, ମହମଦ ଇମାମୁଦ୍ଧୀନ ପ୍ରମୁଖ ପରିଚାଳନା କରିଥିଲେ ।

# 'ମନ୍ କି ବାତ୍'ରେ ଗରମ ସହିତ ଲଢ଼ିବାର ଉପାୟ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୩୪ତମ ଏପିସୋଡ୍ରେ ସମ୍ବୋଧିତ କରି କହିଛନ୍ତି, ଆମ ଦେଶରେ ଗରମ ସହିତ ଲଢ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମିଳିଥାଏ। ଗରମ ବଢ଼ିବା ସହିତ ଘରର ରୋଷେଇର ସ୍ୱାଦ ଏବଂ ପ୍ରକାର ପରିବର୍ତ୍ତନ ହୁଏ। କେଉଁଠି ମାଟି ପାତ୍ରରୁ ପାଣି ରଖାଯାଇଥାଏ ତ ଅନ୍ୟ କେଉଁଠି ଦହି ପକାଯାଇଥାଏ। କେଉଁଠି କଞ୍ଚା ଆମ୍ବ ଖିଆଯାଇଥାଏ। ଦେଶରେ ଗରମରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପାନୀୟର ସାହାରା ନିଆଯାଇଥାଏ। ଉତ୍ତର ଭାରତରେ ଅନେକ ସ୍ଥାନରେ ପଣା ମିଳିଥାଏ। ପଞ୍ଜାବ-ହରିଆଣାରେ ଲସି , ରାଜସ୍ଥାନ ଏବଂ ଗୁଜରାଟରେ ବଟରମିଲ୍କ ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଥାଏ। ବିହାର, ଝାଡ଼ଖଣ୍ଡ ଏବଂ ପୂର୍ବ ଉତ୍ତର ପ୍ରଦେଶରେ, ଛତୁଆ ସର୍ବତ ଲୋକେ ପିଇଥାନ୍ତି। ଏହି ଜିନିଷଗୁଡ଼ିକ ମଧ୍ୟରୁ ଅଧିକାଂଶ ଆମ ରୋଷେଇ ଘରେ ମିଳିଥାଏ।

**ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ**

ଏହା ସହିତ ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରୁଥିବା ଗୋଟିଏ ଇଭେଣ୍ଟ ହେଉଛି ୧୦୦ ମିଟର ଦୌଡ଼। ମାତ୍ର ଦୁଇ ଦିନରେ ପୁରୁଷ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ତିନି ଥର ଭାଙ୍ଗିଛି। ଏହି ସଫଳତା ହାସଲ କରିଥିବା ଦୁଇ ଖେଳାଳି ହେଉଛନ୍ତି ଗୁରବିନ୍ଦରବୀର ସିଂହ ଏବଂ ଅନିମେଶ କୁଜୁର। କିଛି ଦିନ ପୂର୍ବରୁ ଝାଡ଼ଖଣ୍ଡର ରାଞ୍ଚିରେ ଜାତୀୟ ସିନିୟର ଆଥଲେଟିକ୍ସ ଫେଡେରେସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦେଶ ସାରାରୁ ପ୍ରାୟ ୮୦୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ଚାରୋଟି ଭିନ୍ନ ଭିନ୍ନ ଇଭେଣ୍ଟରେ ଚାରୋଟି ଜାତୀୟ ରେକର୍ଡ ଭାଙ୍ଗିଥିଲା। ଗୁରିନ୍ଦରବୀର ସିଂହ, ବିଶାଲ ଟିକେ, ତେଜସ୍ୱିନ ଶଙ୍କର, ଦେବ ମୀନା ଏବଂ କୁଲଦୀପ କୁମାର ବିଭିନ୍ନ ବର୍ଗରେ ରେକର୍ଡ ସ୍ଥାପନ କରିଥିଲେ। ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ସାମ୍ପ୍ରତିକ ନେଦରଲ୍ୟାଣ୍ଡ ଗସ୍ତକୁ ମନେ ପକାଇ କହିଛନ୍ତି, ଏହି ଯାତ୍ରା ସମୟରେ ଏକ ବିଶେଷ ଘଟଣା ନଜର ଆସିଥିଲା। ସେ ଉଲ୍ଲେଖ କରିଥିଲେ ଯେ ଡଚ୍ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଉତ୍ସବରେ ଶତାବ୍ଦୀ ପୁରୁଣା ତମ୍ବା ପ୍ଲେଟଗୁଡ଼ିକୁ ଆନୁଷ୍ଠାନିକ ଭାବରେ ଭାରତକୁ ଫେରାଇ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ କହିଛନ୍ତି, କଳାକୃତିର ପ୍ରତ୍ୟାବର୍ତ୍ତନ ଭାରତ ଏବଂ ବିଦେଶର ଲୋକଙ୍କ ମଧ୍ୟରେ ବ୍ୟାପକ ଆନନ୍ଦ ସୃଷ୍ଟି କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱର ତାମିଲ ସମ୍ପ୍ରଦାୟର ସଦସ୍ୟମାନେ ଐତିହାସିକ କୀର୍ତ୍ତିରାଜିର ପ୍ରତ୍ୟାବର୍ତ୍ତନ ଉପରେ ବିଶେଷ ଉତ୍ସାହ ପ୍ରକାଶ କରିଛନ୍ତି।




**ଲୋକଙ୍କ ଧୈର୍ଯ୍ୟ ଏବଂ ସମର୍ପଣକୁ ପ୍ରଶଂସା**

ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶରେ ଏକ ଗଙ୍ଗା ଡଲଫିନର ସଫଳ ଉଦ୍ଧାର ଉପରେ ଆଲୋକପାତ କରିଥିଲେ, ଏହି ବିଲୁପ୍ତପ୍ରାୟ ଜଳଚର ପ୍ରାଣୀଙ୍କୁ ରକ୍ଷା କରିବାରେ ସମ୍ପୃକ୍ତ ଲୋକଙ୍କ ଧୈର୍ଯ୍ୟ ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ। ଏକ ବହୁଳ ଭାବରେ ଚର୍ଚ୍ଚିତ ଭିଡିଓକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏକ ନାଳରେ ଫସି ରହିଥିବା ଡଲଫିନକୁ ଉଦ୍ଧାର କରିବା ପାଇଁ ଲୋକଙ୍କ ଏକ ଦଳ ପ୍ରାୟ ୧୩ ଘଣ୍ଟା ସତର୍କତା ଏବଂ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ସେମାନଙ୍କର ପ୍ରୟାସ ଶେଷରେ ସଫଳ ହୋଇଥିଲା ଏବଂ ଡଲଫିନକୁ ରକ୍ଷା କରାଯାଇଥିଲା। ନମାମି ଗଙ୍ଗେ କାର୍ଯ୍ୟକ୍ରମ ଅଧୀନରେ ବିକଶିତ ଭାରତର ପ୍ରଥମ ଗଙ୍ଗା ଡଲଫିନ୍ ଉଦ୍ଧାର ଆମ୍ବୁଲାନ୍ସ ଉଦ୍ଧାର କାର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉତ୍ତର ପ୍ରଦେଶର ଏକ କେନାଲରେ ଡଲଫିନ୍ ଫସିଯିବା ପରେ ଆମ୍ବୁଲାନ୍ସକୁ ଘଟଣାସ୍ଥଳକୁ ପଠାଯାଇଥିଲା। ପ୍ରାଣୀଟିକୁ ସତର୍କତାର ସହ ଉଦ୍ଧାର କରାଯାଇଥିଲା, ପରୀକ୍ଷା କରାଯାଇଥିଲା ଏବଂ ନିରାପଦରେ ନଦୀରେ ଛାଡ଼ିବା ପୂର୍ବରୁ ଚିକିତ୍ସା କରାଯାଇଥିଲା।ଉଦ୍ଧାର କାର୍ଯ୍ୟକୁ ବନ୍ୟପ୍ରାଣୀ ସଂରକ୍ଷଣର ଏକ ହୃଦୟସ୍ପର୍ଶୀ ଉଦାହରଣ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଅଭିଯାନ ଡଲଫିନକୁ ସୁରକ୍ଷିତ ଭାବରେ ତାର ପ୍ରାକୃତିକ ବାସସ୍ଥାନକୁ ଫେରିପାରିବ ତାହା ନିଶ୍ଚିତ କରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ଜୈବ ବିବିଧତାକୁ ସୁରକ୍ଷା ଏବଂ ଗଙ୍ଗାର ଅନନ୍ୟ ପରିସଂସ୍ଥା ସଂରକ୍ଷଣ ପ୍ରତି ଭାରତର ବଢୁଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

**କେରଳମ୍ ସାଜିଙ୍କୁ ପ୍ରଶଂସା**

କେରଳମ୍ 'ନଦୀରେ ସ୍କୁଲ' ଜୀବନ ରକ୍ଷାକାରୀ ପହଁରିବା କୌଶଳ ଶିକ୍ଷା ଭଳି ଏକ ଅସାଧାରଣ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି। ଯେଉଁଠାରେ ଶ୍ରେଣୀଗୃହ ଭିତରେ ନୁହେଁ ବରଂ ଏକ ନଦୀରେ ଶ୍ରେଣୀଗୃହ ଅନୁଷ୍ଠିତ ହୁଏ। ଏହାକୁ ଏକ 'ସ୍କୁଲ' ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଏହି ପଦକ୍ଷେପରେ କୌଣସି ଫି ନାହିଁ, କୌଣସି ବଡ଼ କୋଠା ନାହିଁ ଏବଂ କୌଣସି ପାରମ୍ପରିକ ଶ୍ରେଣୀଗୃହ ନାହିଁ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରୟାସ କେରଳମ୍ର ଆଲୁଭାରେ ସାଜି ଭାଲାସେରିଲଙ୍କ ଦ୍ୱାରା ଏକ ସନ୍ତରଣ କ୍ଲବ ମାଧ୍ୟମରେ କରାଯାଉଛି ଯାହା ଏପର୍ଯ୍ୟନ୍ତ ୧୫,୦୦୦ ରୁ ଅଧିକ ଲୋକଙ୍କୁ ତାଲିମ ଦେଇଛି। ପ୍ରଧାନମନ୍ତ୍ରୀଙ୍କ ଅନୁସାରେ, ସାଜି ବିଶେଷ ଭାବରେ ସକ୍ଷମ ପିଲାମାନଙ୍କୁ ମଧ୍ୟ ସନ୍ତରଣ ଶିଖାଇଛନ୍ତି। ଏହି ପ୍ରୟାସ ପଛରେ ଥିବା କାହାଣୀ ବଖାଣି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାରୁ ପ୍ରେରିତ। କିଛି ବର୍ଷ ପୂର୍ବେ ଏକ ଡଙ୍ଗା ଦୁର୍ଘଟଣା ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ନେଇଥିଲା, ଯାହା ସାଜିଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଏହି ଘଟଣା ଉପରେ ଚିନ୍ତନ କରି ସେ ଅନୁଭବ କଲେ ଯେ ଯଦି ପିଲାମାନେ ପହଁରି ଜାଣିଥାନ୍ତେ ତେବେ ଅନେକ ଜୀବନ ରକ୍ଷା କରାଯାଇପାରିଥାନ୍ତା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହି ଚିନ୍ତାଧାରା ଶେଷରେ ଏକ ମିଶନରେ ପରିଣତ ହୋଇଥିଲା, ଯାହା ସାଜିଙ୍କୁ ଜୀବନର ସମସ୍ତ ବର୍ଗର ଲୋକଙ୍କୁ ପହଁରା ଏବଂ ଜଳ ସୁରକ୍ଷା ଶିକ୍ଷା ଦେବା ପାଇଁ ନିଜକୁ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଥିଲା। ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ କିପରି ଜଣେ ବ୍ୟକ୍ତିଙ୍କ ଦୃଢ଼ ସଂକଳ୍ପ ଜୀବନକୁ ସୁରକ୍ଷା ଦେବା ଏବଂ ସମାଜର ସେବା କରିବାରେ ସାହାଯ୍ୟ କରିପାରିବ।

## ଏପ୍ରିଲରେ ୧.୩୮ କୋଟି ଯାତ୍ରୀ ବିମାନରେ ଯାତ୍ରା

ନୂଆଦିଲ୍ଲୀ: ଚଳିତ ବର୍ଷ ଏପ୍ରିଲ ମାସରେ କମ୍ ସଂଖ୍ୟକ ଲୋକ ବିମାନରେ ଯାତ୍ରା କରିଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟ ଅନୁସାରେ ଏପ୍ରିଲ୍ରେ ୧.୩୮ କୋଟି ଯାତ୍ରୀ ବିମାନରେ ଯାତ୍ରା କରିଥିଲେ। ଏହି ସଂଖ୍ୟା ଗତବର୍ଷର ୧.୪୩ କୋଟି ତୁଳନାରେ ୩.୪୭ ପ୍ରତିଶତ କମ୍। ଚଳିତ ବର୍ଷ ମାର୍ଚ୍ଚ ତୁଳନାରେ ମଧ୍ୟ ଉକ୍ତ ସଂଖ୍ୟା ୪.୨ ପ୍ରତିଶତ କମ୍। ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଦେଶର ଏୟାରଲାଇନ୍ସଗୁଡ଼ିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ଚାହିଦା ହ୍ରାସ ପାଇଥିବା ବେଳେ ଅନ୍ୟପଟେ ତେଲ ଦର ବଢ଼ିବାରୁ ପରିଚାଳନା ଖର୍ଚ୍ଚ ବଢ଼ିଛି। ତେଣୁ ସେମାନେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ରୁଟ୍ରେ ଉଡ଼ାଣ ହ୍ରାସ କରିଛନ୍ତି।

ଡିଜିସିଏ ତଥ୍ୟ ଅନୁସାରେ ଏପ୍ରିଲ୍ରେ ଇଣ୍ଡିଗୋର ବଜାର ଅଂଶ ୬୩.୩ ପ୍ରତିଶତରୁ ୬୫ ପ୍ରତିଶତକୁ ବୃଦ୍ଧି ପାଇଛି। ଏୟାର ଇଣ୍ଡିଆ ଗ୍ରୁପ୍ର ବଜାର ଅଂଶ ୨୬.୨ ପ୍ରତିଶତରୁ ୨୪.୭ ପ୍ରତିଶତକୁ ହ୍ରାସ ପାଇଛି। ଆକାଶ ଏୟାରର ବଜାର ଅଂଶ ୫.୪ ପ୍ରତିଶତରୁ ୫.୮ ପ୍ରତିଶତ ଏବଂ ସ୍ପାଇସ୍ଜେଟ୍ର ବଜାର ଅଂଶ ୩.୪ ପ୍ରତିଶତରୁ ୩.୮ ପ୍ରତିଶତକୁ ବୃଦ୍ଧି ପାଇଛି। ଆଲୋଚ୍ୟ ମାସରେ ଗ୍ରାହକମାନଙ୍କଠାରୁ ୩୨୬୬ଟି ଅଭିଯୋଗ ଆସିଥିଲା। ସମୟାନୁବର୍ତ୍ତିତା ଦୃଷ୍ଟିରୁ ୮୮.୫ ପ୍ରତିଶତ ଅନ-ଟାଇମ୍ ପରଫର୍ମାନ୍ସ (ଓଟିପି) ସହ ଇଣ୍ଡିଗୋ ଏକ ନମ୍ବର ରହିଥିଲା। ଏୟାର ଇଣ୍ଡିଆର ଓଟିପି ୮୨.୪ ପ୍ରତିଶତ, ଆକାଶ ଏୟାରର ୮୧.୪ ପ୍ରତିଶତ, ଆଲାଏନ୍ସ ଏୟାରର ୭୧.୨ ପ୍ରତିଶତ ଓ ସ୍ପାଇସ୍ଜେଟ୍ର ୩୧.୨ ପ୍ରତିଶତ ରହିଛି। ବେଙ୍ଗାଲୁରୁ, ଦିଲ୍ଲୀ, ହାଇଦ୍ରାବାଦ, ମୁମ୍ବାଇ, ଚେନ୍ନାଇ, କୋଲକାତା, ଅହମଦାବାଦ, କୋଚିନ, ଗୌହାଟୀ ଓ ଲକ୍ଷ୍ନୌରେ ଏୟାରଲାଇନମାନଙ୍କ ପ୍ରଦର୍ଶନ ବିଚାରକୁ ନେଇ ସେମାନଙ୍କ ସମୟାନୁବର୍ତ୍ତିତା ନିର୍ଦ୍ଧାରଣ କରାଯାଉଛି। ଗତ ମାସରେ ୧.୧୨ ପ୍ରତିଶତ ବିମାନର ଉଡ଼ାଣ ଦୁଇ ଘଣ୍ଟାରୁ ଅଧିକ ବିଳମ୍ବ ହୋଇଥିଲା। ଫଳରେ ୧.୩୫ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଥିଲେ। ଉଡ଼ାଣ ରଦ୍ଦ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ୭୭,୦୬୫ ଜଣ ଯାତ୍ରୀଙ୍କ ରହଣୀ ପାଇଁ ଏୟାରଲାଇନ୍ସଗୁଡ଼ିକ ୨.୪୧ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଓ ଯାତ୍ରୀମାନଙ୍କୁ ୨.୦୪ କୋଟି ଟଙ୍କାର କ୍ଷତିପୂରଣ ଦେଇଥିଲେ। ଗତ ଏପ୍ରିଲ୍ରେ ୬୪୧ ଜଣଙ୍କୁ ବିମାନରେ ପ୍ରବେଶ କରିବାରୁ ରୋକାଯାଇଥିଲା।

## ୨୪ ଘଣ୍ଟାରେ ୬ ଶ୍ରଦ୍ଧାଳୁଙ୍କ ମୃତ୍ୟୁ: କେଦାରନାଥ ଯାତ୍ରା ସ୍ଥଗିତ

ଯୋଶୀମଠ: ଉତ୍ତରାଖଣ୍ଡରେ ପ୍ରକୃତି ଏବେ ପ୍ରକୋପ କରୁଛି। ଫଳରେ ପାହାଡ଼ରୁ ଆରମ୍ଭ କରି ସମତଳ ପର୍ଯ୍ୟନ୍ତ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଖରାପ ପାଗ ଓ ସ୍ୱାସ୍ଥ୍ୟ ବିଗିଡିବା କାରଣରୁ କେଦାରନାଥ ଓ ଗଙ୍ଗୋତ୍ରୀ-ଯମୁନେତ୍ରୀ ମାର୍ଗରେ ଗତ ୨୪ ଘଣ୍ଟାରେ ୬ ଶ୍ରଦ୍ଧାଳୁ ପ୍ରାଣ ହରାଇଲେଣି। ଏଥିରେ ପାଣିପାଗ ବିଭାଗ ଅରେଞ୍ଜ ଆଲର୍ଟ ଜାରି କରିବା ପରେ ପ୍ରଶାସନ କେଦାରନାଥ ଯାତ୍ରାକୁ ମଝିରେ ଅଟକାଇ ଦେଇଛି। ପାଣିପାଗ ବିଭାଗ ଆଗାମୀ ସମୟରେ ବର୍ଷା ଓ ଝଡ଼ତୋଫାନ ଆଶଙ୍କା କରିଛନ୍ତି। ସମ୍ଭାବିତ ବିପଦକୁ ନଜରରେ ରଖି କେଦାରନାଥ ଧାମକୁ ଆସୁଥିବା ଯାତ୍ରୀଙ୍କୁ ବିଭିନ୍ନ ସ୍ଥାନ ଓ ହୋଲ୍ଡିଂରେ ସୁରକ୍ଷିତ ରଖା ଯାଇଛି। ସେହିପରି ପାଦଚଲା ଯାତ୍ରୀଙ୍କ ଲାଗି ମାର୍ଗରେ ଥିବା ହୋଲ୍ଡିଂରେ ରହିବାର ବ୍ୟବସ୍ଥା କରାଯାଇଛି। ସେହିପରି ଜମ୍ମୁ-କାଶ୍ମୀରର ଶ୍ରୀନଗରରୁ କେଦାରନାଥ ଆଡକୁ ଆସୁଥିବା ବାହନଙ୍କ ଯାତାୟତ ବର୍ତ୍ତମାନ ଲାଗି ରୋକି ଦିଆଯାଇଛି। ନିର୍ଦ୍ଧାରିତ ହୋଲ୍ଡି କ୍ଷେତ୍ରରେ ବାହନ ପାର୍କିଂ ବ୍ୟବସ୍ଥା ହୋଇଛି, ଯେପରି କୌଣସି ଦୁର୍ଘଟଣାର ଆଶଙ୍କା ନ ରହେ। ପ୍ରଶାସନ କହିଛି ଯେ ଯେଉଁ ପର୍ଯ୍ୟନ୍ତ ପାଗରେ ସୁଧାର ନ ହୋଇଛି ଓ ଯାତ୍ରାମାର୍ଗ ସମ୍ପୂର୍ଣ୍ଣ ସୁରକ୍ଷିତ ନ ହୋଇଛି ସେ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରାଯିବ ନାହିଁ। ଜିଲ୍ଲା ପ୍ରଶାସନ, ପୋଲିସ ଓ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ମିଳିତ ଲଗାତାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଅଧିକାରୀମାନେ ଶ୍ରଦ୍ଧାଳୁ ଓ ବାହନ ଚାଳକଙ୍କୁ ପ୍ରଶାସନ ଦ୍ୱାରା ଜାରି ଗାଇଡଲାଇନ ପାଳନ କରିବାକୁ ଅନୁରୋଧ କରିଛନ୍ତି,



ଏଥିରେ ସେମାନଙ୍କୁ ଅନାବଶ୍ୟକ ଯାତ୍ରା ନ କରିବାକୁ ଓ ଗୁଜବ ଉପରେ ଧ୍ୟାନ ନଦେବାକୁ କୁହାଯାଇଛି। ପ୍ରଶାସନ ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛି ଓ ଏଥି ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଇଥିବା ଅଧିକାରୀ କହିଛନ୍ତି। ଲଗାତାର ଖରାପ ପାଗ ସତ୍ତ୍ୱେ ପ୍ରଶାସନ ସମ୍ପୂର୍ଣ୍ଣ ସତର୍କତା ଓ ସାହସିକତାର ସହିତ ଯାତ୍ରା ପ୍ରବନ୍ଧନରେ ଲାଗିଛି।

## ଟିଏମସିରେ ନିରବ ବିଦ୍ରୋହ : ବୈଠକକୁ ଆସିଲେନି ୬୦ ବିଧାୟକ

କୋଲକାତା: ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମସି)ର ନିର୍ବାଚନୀ ବିପର୍ଯ୍ୟୟ ପରେ ଦଳର ଆଭ୍ୟନ୍ତରୀଣ ସ୍ଥିତି ଜଟିଳ ରୂପ ନେଇଛି। ଦଳରେ ଲାଗି ରହିଥିବା ବଡ଼ ଧରଣର ସାଂଗଠନିକ ସଙ୍କଟ ଏବେ ସାମନାକୁ ଆସିଛି। ଦଳର ଦୁଇ ଶୀର୍ଷ ନେତା ଅଭିଷେକ ବାନାର୍ଜୀ ଏବଂ କଲ୍ୟାଣ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ପରେ ଦଳ ସୁପ୍ରିମୋ ମମତା ବାନାର୍ଜୀଙ୍କ କାଳୀଘାଟ ବାସଭବନରେ ଆଜି ଡକାଯାଇଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ ୬୦ ଜଣ ବିଧାୟକ ବର୍ଜନ କରିଛନ୍ତି। ଏହି ଅଭାବନୀୟ ପରିସ୍ଥିତି ଯୋଗୁଁ ବୈଠକ ବାତିଲ କରିବାକୁ ପଡ଼ିଛି, ଯାହା ମମତାଙ୍କ କ୍ଷମତା ଏବଂ ଦଳୀୟ ନିୟନ୍ତ୍ରଣ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟିଏମ୍ସି ବିଧାୟକ ଦଳ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଏହି ଜରୁରୀକାଳୀନ ବୈଠକ ଡକାଯାଇଥିଲା। ଟିଏମ୍ସିର ୮୦ ଜଣ ବିଧାୟକଙ୍କ ମଧ୍ୟରୁ କେବଳ ୨୦



ଜଣ ଏଥିରେ ଯୋଗ ଦେଇଥିଲେ। ଫିରହାଦ ହାକିମ, ନୟନା ବାନାର୍ଜୀ, ମଦନ ମିତ୍ର, ଅଶୀମା ପାତ୍ର ଏବଂ କୁନାଲ ଘୋଷଙ୍କ ଭଳି କିଛି ବରିଷ୍ଠ ନେତା ଉପସ୍ଥିତ ରହି ନିଜର ଆନୁଗତ୍ୟ ପ୍ରକାଶ କରିଥିଲେ ମଧ୍ୟ ୬୦ ଜଣ ବିଧାୟକ ସମ୍ପୂର୍ଣ୍ଣ ଅନୁପସ୍ଥିତ ରହିବା ସହ ସେମାନଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ଦଳର ମୁଖପାତ୍ର କୁନାଲ ଘୋଷ ଦାବି କରିଛନ୍ତି ଯେ ନେତାମାନଙ୍କ ଉପରେ ହୋଇଥିବା ଆକ୍ରମଣ ଯୋଗୁଁ ବିଧାୟକମାନେ ନିଜ ନିଜ ଅଞ୍ଚଳରେ ବ୍ୟସ୍ତ ଅଛନ୍ତି, କିନ୍ତୁ ଏହି ସଫେଇ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିପାରିନାହିଁ। ଦଳ ଭିତରେ ବଢ଼ି ଚାଲିଥିବା ଅସନ୍ତୋଷଏହି ସାଂଗଠନିକ ସଙ୍କଟର ମୁଖ୍ୟ କାରଣ ବୋଲି କୁହାଯାଉଛି। ପ୍ରଥମେ ସୋନାରପୁରଠାରେ ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ କରାଯାଇଥିଲା ଏବଂ ଏହାର କିଛି ଘଣ୍ଟା ମଧ୍ୟରେ ହୁଗୁଳିର ଚାନ୍ଦିତଲାଠାରେ କଲ୍ୟାଣ ବାନାର୍ଜୀଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ଏହି ଘଟଣା ପରେ ଦଳୀୟ ବିଧାୟକମାନେ ବୈଠକକୁ ନଆସିବା ଏକ ନିରବ ବିଦ୍ରୋହ ବୋଲି କୁହାଯାଉଛି। ୨୦୧୧ ମସିହାରୁ ପଶ୍ଚିମବଙ୍ଗରେ ଏକଛତ୍ର ଶାସନ କରିଆସିଥିବା ଟିଏମ୍ସିର ଶୃଙ୍ଖଳା ନିର୍ବାଚନୀ ପରାଜୟ ପରେ ଦୋହଲି ଯାଇଛି, ଯାହାର ସିଧାସଳଖ ଫାଇଦା ଶାସକ ବିଜେପିକୁ ଯାଉଛି।

## ଋଷ-ୟୁକ୍ରେନ ଯୁଦ୍ଧରେ ମଣିଷ ବଦଳରେ ଲଢୁଛି ରୋବଟ୍

ନୂଆଦିଲ୍ଲୀ: ଋଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ନୂଆ ମୋଡ଼ ନେଇଛି । ଏବେ ସୈନିକଙ୍କ ବଦଳରେ ଅତ୍ୟାଧୁନିକ ମେସିନ ଯୁଦ୍ଧ ଲଢୁଛନ୍ତି। ବିଗତ ଚାରି ବର୍ଷ ଧରି ଲାଗିରହିଥିବା ଏହି ବିନାଶକାରୀ ସଂଗ୍ରାମରେ ୟୁକ୍ରେନକୁ ସୈନିକ ଅଭାବର ଏକ ବଡ଼ ସଙ୍କଟ ଦେଇ ଗତି କରିବାକୁ ପଡୁଛି। ତେବେ ଏହି ଦୁର୍ବଳତାକୁ ନିଜର ଶକ୍ତିରେ ପରିଣତ କରି ୟୁକ୍ରେନ ଯୁଦ୍ଧ ମୈଦାନରେ ଏଭଳି ଏକ ଚାଲ୍ ଖେଳିଛି, ଯାହା ଋଷ ଆଗରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ୟୁକ୍ରେନ ଏବେ ନିଜର ରୋବୋଟିକ ଆର୍ମିକୁ ରଣକ୍ଷେତ୍ରକୁ ଓହ୍ଲାଇଛି। ଏହି ଯାନ୍ତ୍ରିକ ସୈନିକମାନଙ୍କୁ ନା ଅଛି ଭୋକ-ଶୋଷ, ନା ଅଛି ମୃତ୍ୟୁର ଭୟ ।

**ସ୍କ୍ରିନ୍ ଆଗରେ ବସି ଶତ୍ରୁ ଶିବିର ଧ୍ୱଂସ**

ବର୍ତ୍ତମାନର ସ୍ଥିତି ଏପରି ହୋଇଛି ଯେ, ସୀମାନ୍ତକୁ କୌଣସି ସୈନିକଙ୍କୁ ନପଠାଇ କେବଳ ରିମୋଟ କଣ୍ଟ୍ରୋଲ ଏବଂ କମ୍ପ୍ୟୁଟର ସ୍କ୍ରିନ୍ ସାହାଯ୍ୟରେ ଋଷର ସେନା ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରାଯାଉଛି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ନିଜେ ଏହି ସଫଳତା ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ, ଇତିହାସରେ ପ୍ରଥମ ଥର ପାଇଁ ତାଙ୍କ ସେନା କେବଳ ଡ୍ରୋନ୍ ଏବଂ ରୋବୋଟ ବଳରେ ଋଷର ଏକ ପ୍ରମୁଖ ସାମରିକ ଗଡ଼କୁ ନିଜ ନିୟନ୍ତ୍ରଣକୁ ନେଇଛି।

**ବଦଳିଗଲା ଯୁଦ୍ଧର ଶୈଳୀ**

ରଣକ୍ଷେତ୍ରର ଚିତ୍ର ଏବେ ସମ୍ପୂର୍ଣ୍ଣ ବଦଳିଯାଇଛି। ଯେଉଁ ସେନା କମାଣ୍ଡରମାନେ ଦିନେ ସମ୍ମୁଖ ଭାଗରେ ରହି ରକ୍ତାକ୍ତ ସଂଗ୍ରାମ କରୁଥିଲେ, ସେମାନେ ଏବେ ଫ୍ରଣ୍ଟଲାଇନଠାରୁ ବହୁ ଦୂରରେ ସୁରକ୍ଷିତ ବଙ୍କରରେ ବସି ଏହି ରୋବଟଗୁଡ଼ିକୁ ପରିଚାଳନା କରୁଛନ୍ତି। ବିସ୍ଫୋରକ ଭର୍ତ୍ତି ଅନେକ ରୋବଟକୁ ଏକାସଙ୍ଗେ ଋଷର ଆଡ୍ଡା ଅଭିମୁଖେ ପ୍ରେରଣ କରାଯାଉଛି। ଆକାଶରେ ଉଡୁଥିବା ଗୁପ୍ତଚର ଡ୍ରୋନ୍ ସାହାଯ୍ୟରେ ଶତ୍ରୁ ସୈନ୍ୟଙ୍କ ପ୍ରତିଟି ଗତିବିଧି ଉପରେ ନଜର ରଖାଯାଉଛି। କଣ୍ଟ୍ରୋଲ ରୁମରେ ବସିଥିବା ଅପରେଟରମାନେ ଲାଇଭ୍ ଭିଡିଓ ଦେଖି ରୋବଟଗୁଡ଼ିକୁ ଶତ୍ରୁ ଆଡ଼କୁ ଆଗେଇ ନେଉଛନ୍ତି।

ଜନସଂଖ୍ୟା ଦୃଷ୍ଟିରୁ ଋଷ ତୁଳନାରେ ୟୁକ୍ରେନ ବହୁତ ଛୋଟ। ବିଗତ ଚାରି ବର୍ଷର ଯୁଦ୍ଧରେ ୟୁକ୍ରେନ ତା'ର ଅନେକ ସାହସୀ ସୈନିକଙ୍କୁ ହରାଇଛି। ସୈନ୍ୟ ସଂଖ୍ୟା ହ୍ରାସ ପାଇବା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକରୁ ମିଳୁଥିବା ସାମରିକ ସାହାଯ୍ୟର ଅନିଶ୍ଚିତତା ଯୋଗୁଁ ୟୁକ୍ରେନ ନିଜ ଦେଶରେ ଡ୍ରୋନ୍ ଏବଂ ରୋବଟିକ ଗାଡ଼ିର ଉତ୍ପାଦନକୁ ଯୁଦ୍ଧକାଳୀନ ଭିତ୍ତିରେ ବୃଦ୍ଧି କରିଛି।

## ସୁରକ୍ଷାରେ ତ୍ରୁଟି ଥିବା ମାନିଲା ସିବିଏସ୍ଇ

ନୂଆଦିଲ୍ଲୀ: ଅନସ୍କ୍ରିନ ମାର୍କିଂ (ଓଏସ୍ଏମ୍)କୁ ନେଇ ବିବାଦ ଚାଲିଥିବାବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ଶେଷରେ ନିରବତା ଭାଙ୍ଗିଛି। ଏକରେ ଏକ ବୟାନରେ ବୋର୍ଡ କହିଛି ଯେ, ଦୁଇଥର ହ୍ୟାକ୍ ହେବା ପରେ ସେମାନେ ଏହାର ସେବା ପ୍ରଦାନକାରୀଙ୍କ ଓଏସ୍ଏମ୍ ପୋର୍ଟାଲରେ ଚିହ୍ନଟ ହୋଇଥିବା ଦୁର୍ବଳତା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।ସିବିଏସ୍ଇ ଏକ ସରକାରୀ ବିବୃତିରେ କହିଛି ଯେ, ବିଭିନ୍ନ ସରକାରୀ ଏଜେନ୍ସି ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସାଇବର ସୁରକ୍ଷା ପ୍ରଫେସନାଲମାନଙ୍କର ଏକ ବିଶେଷଜ୍ଞ ଦଳ ଗତ କିଛିଦିନ ଧରି ସିଷ୍ଟମ୍ର ସୁରକ୍ଷା ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ବୋର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଦୁର୍ବଳତାକୁ ଏଡ଼ାଇବା ପାଇଁ ଉଦ୍ୟମ ଚାଲିଛି। ପୋର୍ଟାଲକୁ ଅଧିକ ସୁରକ୍ଷିତ ସେଟ୍ଅପକୁ ସ୍ଥାନାନ୍ତର କରାଯାଉଛି। ବୋର୍ଡ ସଚେତନ ନାଗରିକ ଓ ନୈତିକ ହ୍ୟାକରମାନଙ୍କୁ ଧନ୍ୟବାଦ ଦେଇଛି ଯେଉଁମାନେ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ଉପରେ ଏହାର ଦୃଷ୍ଟି ଆକର୍ଷଣ କରିଛନ୍ତି। ସିବିଏସ୍ଇ କହିଛି ଯେ ଏହା ଏହି ବ୍ୟକ୍ତିବିଶେଷଙ୍କ ମଧ୍ୟରୁ କେତେକଙ୍କ ସହ ସିଧାସଳଖ ଯୋଗାଯୋଗ କରିସାରିଛି ଏବଂ ସିଷ୍ଟମ୍ର ସୁରକ୍ଷାରେ ଉନ୍ନତି ଆଣିବାରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିଛି।

## ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ ଘଟଣା, ୫ ଗିରଫ

କୋଲକତା : ପଶ୍ଚିମବଙ୍ଗରେ ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରିଛି । ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲା ସୋନାରପୁର ସାଉଥ ଅଂଚଳରେ ନିର୍ବାଚନୀ ପରବର୍ତ୍ତୀ ହିଂସାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ ଅଭିଷେକ । ଏହି ସମୟରେ ଶହ ଶହ ଲୋକେ ସେଠାରେ ଅଭିଷେକଙ୍କ ଉପରେ ଆକ୍ରମଣ କରିଥିଲେ । ନିର୍ବାଚନ ପରବର୍ତ୍ତୀ ହିଂସାରେ ପୀଡିତ ପରିବାରକୁ ଭେଟିବାକୁ ଯାଇଥିଲେ । ଲୋକମାନେ ତାଙ୍କୁ ଆକ୍ରମଣ କରିବା ସହିତ ଅଣ୍ଡାମାଡ଼ କରିଥିଲେ । ଏହାସହିତ ଚୋର ଚୋର ବୋଲି ନାରା ଲଗାଇଥିଲେ । ଘଟଣାର ଭିଡିଓରେ ଟିଏମସି ସାଂସଦ କ୍ରିକେଟ ହେଲମେଟ୍ ପିନ୍ଧିଥିବାର ନଜର ଆସିଥିଲେ । ଭିଡିଓରେ ଅଭିଷେକ ଏବଂ ତାଙ୍କ ସହଯୋଗୀଙ୍କୁ ଅନେକ ଲୋକ ଘେରି ରହିଥିବା ଦେଖିବାକୁ ମିଳିଛି । ଲୋକଙ୍କ ଭିଡ଼ ତାଙ୍କ ଡ୍ରେସ ମଧ୍ୟ ଚିରିଦେଇଥିଲେ । ଆକ୍ରମଣ ପଛରେ ବିଜେପି ଥିବା ଅଭିଷେକ ଅଭିଯୋଗ କରିଛନ୍ତି । ସେମାନେ ତାଙ୍କୁ ମାରିଦେବାକୁ ଚେଷ୍ଟା କରୁଥିଲେ ବୋଲି କହିଛନ୍ତି ଅଭିଷେକ । ମାମଲାରେ ସେ କୋର୍ଟ ଯିବେ ବୋଲି କହିଛନ୍ତି । ଅଭିଷେକଙ୍କ ମୁଣ୍ଡ ହେଲମେଟ ପିନ୍ଧିଥିବାରୁ ଅଳ୍ପକେ ବର୍ତ୍ତିଯାଇଥିଲା । ସେପଟେ ନକଲି ଦସ୍ତଖତ ମାମଲାରେ ଅଭିଷେକ ବାନାର୍ଜୀଙ୍କ ସମସ୍ୟା ବଢ଼ିଛି । ଜୁନ ୧ ତାରିଖରେ ହାଜର ହେବାକୁ ତୃଣମୂଳ କଂଗ୍ରେସ ସାଧାରଣ ସମ୍ପାଦକ ତଥା ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ସିଆଇଡି ସମନ କରିଛି । ଅଭିଷେକ ବାନାର୍ଜୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ଡାକ୍ତରଙ୍କୁ ମଧ୍ୟ ଧମକ ମିଳିଥିବା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ।

## ଇରାନ ନୌସେନାର ସୁରକ୍ଷା କବଚ 'କାସ୍ପିଆନ୍ ସାଗର'

ତେହେରାନ: ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଆରମ୍ଭ ହେବା ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନ ନୌସେନାକୁ ପରିହାସ କରିଆସୁଛନ୍ତି। ଗତ ବୁଧବାର ଟ୍ରମ୍ପ ଇରାନ ନୌସେନାକୁ ଆକ୍ଷେପ କରି ଟ୍ରୁଥ୍ ସୋସିଆଲରେ ଏକ ମିମ୍ ସେୟାର କରିଥିଲେ। ଏଆଇ-ଜେନେରେଟେଡ୍ ମିମରେ ଇରାନ ଯୁଦ୍ଧଜାହାଜ ସମୁଦ୍ରର ପାଣି ତଳେ ଥିବା ଚିତ୍ରିତ କରିଥିଲେ। ଟ୍ରମ୍ପ କହିବାର ଉଦ୍ଦେଶ୍ୟ ଥିଲା ଯେ, ଆମେରିକୀୟ ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନର ନୌସେନା ସମୂଳ ନଷ୍ଟ ହୋଇଯାଇଛି। ଟ୍ରମ୍ପଙ୍କ ଅହଙ୍କାର ପୂରାପୂରି ଅସତ୍ୟ ମଧ୍ୟ ନୁହେଁ। ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ପାରସ୍ୟ ସାଗରରେ ଇରାନର ନୌସେନା ଗଭୀର ଭାବେ ପ୍ରଭାବିତ ହୋଇଛି। ଦକ୍ଷିଣ ଉପକୂଳରେ ଆମେରିକା ଇରାନର ଜାହାଜଗୁଡ଼ିକ ବୁଡ଼ାଇ ଦେଇଥିଲା। ଫଳରେ ଇରାନର ନୌସେନାର କ୍ଷମତା ଗଭୀର ଭାବେ ହ୍ରାସ ପାଇଛି। କିନ୍ତୁ ଇରାନର ଉତ୍ତରରେ ଉପସାଗର ଜଳସୀମାଠାରୁ ବହୁ ଦୂରରେ ସ୍ଥଳଭାଗ ଘେରା କାସ୍ପିଆନ ସାଗରରେ ତେହେରାନର ଏକ



ସକ୍ରିୟ ନୌବାହିନୀ ରହିଛି। ଯୁଦ୍ଧରେ ଏପର୍ଯ୍ୟନ୍ତ ଆମେରିକା ଇରାନର ଉତ୍ତରରେ ଥିବା ଏହି ନୌସେନାକୁ ଏପର୍ଯ୍ୟନ୍ତ ଟାର୍ଗେଟ କରିନାହିଁ, ଯାହାକି ଅସମାନ ଯୁଦ୍ଧରେ ଇରାନର ଜୀବନରେଖା ପାଲଟିଛି।

କାସ୍ପିଆନ ସାଗରର ଏକ ଅନନ୍ୟ ଭୂରାଜନୈତିକ ପରିବେଶ ଦ୍ୱାରା ସୁରକ୍ଷିତ ଇରାନର ଉତ୍ତର ନୌବାହିନୀ ପାଇଁ ସୁରକ୍ଷା କବଚ ପାଲଟିଛି ତାହା ନୁହେଁ ଯୁଦ୍ଧ ସମୟରେ ଦେଶକୁ ଏପରି ଭାବରେ ସହାୟତା କରିଛି ଯାହା ଗଣମାଧ୍ୟମର ଶିରୋନାମାରେ ସ୍ଥାନ ପାଇନାହିଁ। କାସ୍ପିଆନ ସାଗରକୁ ତୁର୍କମେନିସ୍ତାନ, ଆଜରବାଇଜାନ, ଋଷ, ଇରାନ ଓ କାଜାଖସ୍ତାନ ଘେରି ରହିଛନ୍ତି। ଆମେରିକା ପାଇଁ ଏଠାରେ ଆକ୍ରମଣ କରିବା ଜଟିଳ ହୋଇଯାଇଛି। ପାରସ୍ୟ ଉପସାଗର ପରି କାସ୍ପିଆନ ସାଗର ମଧ୍ୟ ଏକ ଭୂରାଜନୈତିକ ଜଳକ୍ଷେତ୍ର। ଏହି ଅଞ୍ଚଳ ଉପରେ ଋଷ୍ ଓ ଚୀନ୍ର ଗଭୀର ପ୍ରଭାବ ରହିଥିବାରୁ ଏଠାରେ ଇରାନ ଉପରେ ଆକ୍ରମଣ କରିବା ଆମେରିକା ପାଇଁ ଖୁବ୍ କଷ୍ଟକର। ଏକଦା ସୋଭିଏତ୍ ସଂଘର ଅଂଶ ଥିବା କେନ୍ଦ୍ର ଏସିଆ ଗଣରାଜ୍ୟ (ସିଏଆର୍)କୁ ଦୀର୍ଘଦିନ ଧରି ଋଷର ରଣନୈତିକ ପ୍ରଭାବ କ୍ଷେତ୍ରର ଅଂଶ ଭାବରେ ବିବେଚନା କରାଯାଇଆସୁଛି। ଇରାନର ନର୍ଦର୍ଣ୍ଣ ଫ୍ଲିଟ୍ ପୂର୍ବରୁ ଇସଲାମିକ୍ ଗଣରାଜ୍ୟ ଇରାନ ନୌବାହିନୀ (ଆଇଆର୍ଆଇଏନ୍)ର ଚତୁର୍ଥ ନୌବାହିନୀ କ୍ଷେତ୍ର ଭାବରେ ଜଣାଶୁଣା ଥିଲା। ଏହାର ମୁଖ୍ୟାଳୟ କାସ୍ପିଆନ ସାଗରର ଦକ୍ଷିଣ ଉପକୂଳରେ ଗିଲାନ ପ୍ରଦେଶର ବନ୍ଦର ଅଞ୍ଜାଲିରେ ଅବସ୍ଥିତ। ଇରାନର ଉତ୍ତର ସାମୁଦ୍ରିକ ସୀମାକୁ ସୁରକ୍ଷିତ ରଖିବା ପାଇଁ ପ୍ରତିଷ୍ଠିତ ଏହି ନୌବାହିନୀ ସୀମା ସୁରକ୍ଷା, ତାଲିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ସାମ୍ପ୍ରତିକ ଆକଳନ ଅନୁଯାୟୀ, ନୌବାହିନୀରେ ପ୍ରାୟ ୩୦୦୦ କର୍ମଚାରୀ ଓ କାସ୍ପିଅନର ଆପେକ୍ଷିକ ଅଗଭୀର ଜଳରାଶି ପାଇଁ ଉପଯୁକ୍ତ ଜାହାଜ ଏଠାରେ ମୁତୟନ ହୋଇଛି। ଆଇଆର୍ଆଇଏନ୍ଏସ୍ ଡେଲାମାନ ପରି ଗୋଟିଏ ମଉଜ-କ୍ଲାସ୍ ଫ୍ରିଗେଟ ରହିଛି। ୨୦୨୩ ରେ ଏହାକୁ ଇରାନ ନୌସେନା ସାମିଲ କରିଥିଲା। ଏଥିରେ କର୍ଭେଟ୍, ଆଣ୍ଟିସିପ୍ କ୍ଷେପଣାସ୍ତ୍ର ସହିତ ମାଇନ୍ସସ୍ୱିପର ଓ ପ୍ରାୟ ୧୦ ଟି ପାଟ୍ରୋଲିଂ ଡଙ୍ଗା ଅନ୍ତର୍ଭୁକ୍ତ ଅଛି। ଏହି ପ୍ଲାଟଫର୍ମ ଉପକୂଳ ପ୍ରତିରକ୍ଷା, ତଲାସୀ ଓ ଉଦ୍ଧାର କାର୍ଯ୍ୟ ଏବଂ ମିଳିତ ତାଲିମ କାର୍ଯ୍ୟରେ ସାମିଲ ରହିଥାଏ। ବିଶେଷ କରି ଋଷ୍ ସହିତ ଇରାନ ଏଠାରେ ନୌସେନା ଅଭ୍ୟାସ କରିଥାଏ। ଇରାନର ଦକ୍ଷିଣ ନୌସେନା ବାରମ୍ବାର ଆକ୍ରମଣର ସମ୍ମୁଖୀନ ହେଉଥିବାବେଳେ ଉତ୍ତର ନୌସେନା ପ୍ରତିରକ୍ଷା, ତାଲିମ କେନ୍ଦ୍ର ଓ ଲଜିଷ୍ଟିକ୍ ବେସ୍ ଭାବରେ କାର୍ଯ୍ୟ କରେ। ଏହି ଅଞ୍ଚଳରେ ଚୀନ୍ ମଧ୍ୟ ପ୍ରଭାବ ବଢୁଛି। ଚୀନ୍ ଏହାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ଏବଂ ଶକ୍ତି ଆବଶ୍ୟକତା ମାଧ୍ୟମରେ ମଧ୍ୟ ଏସିଆ ଓ କାସ୍ପିଅନ୍ ଅଞ୍ଚଳରେ ଆର୍ଥିକ ସମ୍ପର୍କ ବିସ୍ତାର କରିଛି। ବନ୍ଦର, ପାଇପଲାଇନ୍ ଓ ପରିବହନ କରିଡରରେ ନିବେଶ ଚୀନର ପଶ୍ଚିମ ପ୍ରଦେଶଗୁଡ଼ିକୁ କାଜାଖସ୍ତାନ, ଆଜରବାଇଜାନ ଓ ଇରାନ ମାଧ୍ୟମରେ ୟୁରୋପୀୟ ବଜାର ସହିତ ସଂଯୋଗ କରେ। ଚୀନ୍ ଓ ଋଷ୍ର ପ୍ରଭାବ ଯୋଗୁଁ ଆମେରିକା ସିଧାସଳଖ ଏଠାରେ ଇରାନ ଉପରେ ଆକ୍ରମଣ କରିବାରୁ ଦୂରେଇ ରହୁଛି। ଇରାନର ବନ୍ଦର ଅଞ୍ଜାଲି ନିକଟରେ ମଧ୍ୟ ଘରୋଇ ଜାହାଜ ନିର୍ମାଣ ସୁବିଧା ରହିଛି। ଏଠାରେ ପେକାନ-ଶ୍ରେଣୀ କ୍ଷେପଣାସ୍ତ୍ର ଡଙ୍ଗା ଭଳି ଜାହାଜ ଉତ୍ପାଦନ କରାଯାଉଛି। ତେବେ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚ ୩୦ ରେ ଇସ୍ରାଏଲୀ ଆକ୍ରମଣ ଯୋଗୁଁ ବନ୍ଦର ଆଞ୍ଜାଲିରେ ନୌସେନା ମୁଖ୍ୟାଳୟ ସମେତ ଭିତ୍ତିଭୂମି ଓ ଜାହାଜଗୁଡ଼ିକୁ କ୍ଷତି ପହଞ୍ଚିଥିଲା।

## ଆଇପିଏଲ ମହାସମର

# ବେଙ୍ଗାଲୁରୁ ଆଇପିଏଲ ବିଜେତା



ଅହମ୍ମଦାବାଦ, ୩୧।୫(ଏଜେନ୍ସି) : ପ୍ରତିକ୍ଷାର ଅବସାନ ଘଟିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ଫାଇନାଲରେ ଗୁଜରାଟ ଟାଇଟନ୍ସକୁ ୫ ୱିକେଟରେ ଧରାସାୟୀ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଟ୍ରଫି ତୋଳି ଧରିଛି। ଲୋ ସ୍କୋରିଂ ମ୍ୟାଚରେ ହାଇଭୋଲଟେଜ୍ ଡ୍ରାମା ଦେଖିବାକୁ ପଡିଥିଲା। କିନ୍ତୁ ବିରାଟ କୋହଲିଙ୍କ ବିରାଟ ଇନିଂସ ଆଗରେ ଗୁଜରାଟ ଟାଇଟନ୍ସ ବୋଲରଙ୍କ ପ୍ରୟାସ ବିଫଳ ଯାଇଥିଲା। ଏହି ମ୍ୟାଚରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ବେଙ୍ଗାଲୁରୁ ୧୮ ଓଭରରେ ୧୬୧/୫ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ଆଇପିଏଲ କ୍ୟାରିୟରେ ବିରାଟ କୋହଲି ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଥିଲେ।

ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ତେଣୁ ଗୁଜରାଟ ଟାଇଟନ୍ସ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା। ଫାଇନାଲରେ ଭଲ ଲଢେଇ ହେବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଗୁଜରାଟର ବ୍ୟାଟରଙ୍କ ପ୍ରାରମ୍ଭିକ ବିଫଳତା ସହ ମୌଳି ଯାଇଥିଲା। ଆଇପିଏଲ ପ୍ରେମୀ ବଡ ସ୍କୋର ଅପେକ୍ଷାରେ ଥିଲେ । କିନ୍ତୁ ଗୁଜରାଟ ବ୍ୟାଟରଙ୍କୁ ହାତ ଖୋଲା ସଟ୍ ଖେଳିବାର ସୁଯୋଗ ଦେଇନଥିଲେ ଆରସିବି ବୋଲର। କେବଳ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ୩୭ ବଲର ଅପରାଜିତ ୫୦ ରନ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ସଫଳ ହୋଇନଥିଲେ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୫ ରନ କରିଥିଲା। ଦ୍ୱିତୀୟ ଟ୍ରଫି ଜିତିବା ପାଇଁ ବେଙ୍ଗାଲୁରୁ ସାମ୍ନାରେ ୧୫୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଗୁଜରାଟ ଓପନର ସାଇ ସୁଦର୍ଶନ ୧୨ ରନ ଓ ଅଧିନାୟକ ଶୁଭମନ୍ ଗିଲ୍ ୧୦ ରନ କରି ଆଉଟ୍ ହେବାରୁ ଗୁଜରାଟର ଆରମ୍ଭ ଅତ୍ୟନ୍ତ ନିରାଶଜନକ ଥିଲା। ଫାଇନାଲ ମ୍ୟାଚରେ ଯେଉଁଭଳି ପ୍ରଦର୍ଶନ ଆଶା କରାଯାଉଥିଲା ସେମିତି ପ୍ରଦର୍ଶନ କରିପାରିନଥିଲେ ଦୁଇ ଓପନର। ପୁଣି ନିଶାନ୍ତ ସିନ୍ଧୁ ୨୦ ରନ କରିଥିଲେ ହେଁ ଅଧିକ ସମୟ ତିଷ୍ଠି ପାରିନଥିଲେ। ଜୋସ୍ ବଟଲର କେବଳ ୧୯ ରନ କରି ପାଭିଲିୟନ ଫେରିଯାଇଥିଲେ। ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ଚାଲିଥିବା ବେଳେ ୱାଶିଂଟନ ସୁନ୍ଦର ଗୋଟିଏ ପାର୍ଶ୍ୱରେ ଆରସିବି ବୋଲରଙ୍କ ମୁକାବିଲା କରିଥିଲେ। ସେ ଅପରାଜିତ ୫୦ ରନର ଇନିଂସ ଖେଳିବାରୁ ଗୁଜରାଟ ୧୫୫ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅର୍ଶଦ ଖାନ ୧୫ କରିଥିବା ବେଳେ ରାହୁଲ ତେୱାତିଆ, ଜାସନ ହୋଲଡର ଏବଂ ରସିଦ ଖାନ ପ୍ରତ୍ୟୋକ ୭ ରନ ଲେଖାଏଁ କରିଥିଲେ। ବୋଲିଂରେ ଆରସିବି ପକ୍ଷରୁ ଭୁବନେଶ୍ୱର କୁମାର ଓ ଜୋସ୍ ହାଜଲେଉଡ୍ ପ୍ରତ୍ୟୋକ ଦୁଇଟି ଲେଖାଏଁ ୱିକେଟ ନେଇଥିଲେ। ରସିକ୍ ସଲାମଙ୍କୁ ୩ ୱିକେଟ ସଫଳତା ମିଳିଥିଲା। କୁନାଲ ପାଣ୍ଡ୍ୟା ୪ ଓଭରରେ ୨୩ ରନ ଦେଇ ଗୋଟିଏ ସଫଳତା ପାଇଥିଲେ।



୧୫୬ ରନର ବିଜୟ ଲକ୍ଷ୍ୟ ବେଙ୍ଗାଲୁରୁ ପାଇଁ ସହଜ ଥିଲା। ବିରାଟ କୋହଲିଙ୍କ ସହ ବାମହାତୀ ଭେଙ୍କଟେସ୍ ଆୟର ପାଳି ଆରମ୍ଭ କରିଥିଲେ। ଦୁହେଁ ପ୍ରଥମ ୱିକେଟ ପାଇଁ ୪.୩ ଓଭରରେ ୬୨ ରନ ସଂଗ୍ରହ କରିଥିଲେ। ବଡ ସଟ୍ ଖେଳିବାକୁ ଯାଇ ଭେଙ୍କଟେସ୍ ଆୟର ମହମ୍ମଦ ସିରାଜଙ୍କ ଓଭରରେ ରବାଡାଙ୍କ ହାତରେ ଧରାପଡିଥିଲେ। ଆୟର ଆଉଟ୍ ହେବା ବେଳକୁ ୧୬ ବଲରୁ ୪ ଚୌକା ଓ ୨ ଛକା ସହାୟତାରେ ୩୨ ରନ କରିଥିଲେ। ଏହାପରେ ପରେ ଦେବଦୂତ୍ତ ପଡିକାଲ ମାତ୍ର ୧ ରନ ତଥା ଅଧିନାୟକ ରଜତ ପଟିଦାର ୧୩ ବଲରୁ ୧୫ ରନ କରି ପାଭିଲିୟନ ଫେରିଯାଇଥିଲେ। ୮ ଓଭରରେ ବେଙ୍ଗାଲୁରୁ ୩ ୱିକେଟ ହରାଇ ୮୯ ରନ ସଂଗ୍ରହ କରିନେଇଥିଲା। ବିରାଟ କୋହଲି ଦଳର ମଙ୍ଗ ଧରିଥିଲେ। ସେ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଥିଲେ। ୪୨ ବଲର ସମ୍ମୁଖୀନ ହୋଇ ୯ ଚୌକା ଓ ୩ ଛକା ସହାୟତାରେ ସେ ୭୫ ରନର ଉଚ୍ଚକୋଟିର ଇନିଂସ ଖେଳିଥିଲେ। ଟିମ୍ ଡେଭିଡ୍ ୧୭ ବଲରୁ ୨୪ ତଥା ଶେଷ ଭାଗରେ ଜିତେଶ ଶର୍ମା ୧୪ ବଲରୁ ୧୧ ରନ କରି ଦଳ ବିଜୟରେ ଯୋଗଦାନ ଦେଇଥିଲେ। ବୋଲିଂରେ ଗୁଜରାଟର ରସିଦ ଖାନଙ୍କୁ ସର୍ବାଧିକ ୨ ଟି, ମହମ୍ମଦ ସିରାଜ, କାଗିସ ରବାଡା, ଅର୍ସଦ ଖାନ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

### ଦଳଗତ ପୁରସ୍କାର

ଚାମ୍ପିଅନ - ବେଙ୍ଗାଲୁରୁ - ୨୦ କୋଟି
ରନର୍ସଅପ୍ - ଗୁଜରାଟ - ୧୩ କୋଟି
କ୍ୱାଲିଫାୟର ୨ ପରାଜିତ ଦଳ ରାଜସ୍ଥାନ ରୟାଲ୍ସ - ୭ କୋଟି
ଏଲିମିନେଟର ପରାଜିତ ଦଳ ସନରାଇଜର୍ସ ହାଇଦ୍ରାବାଦ -୬.୫ କୋଟି

### ବ୍ୟକ୍ତିଗତ ପୁରସ୍କାର

ଅରେଞ୍ଜ୍ କ୍ୟାପ୍ ବିଜେତା - ବୈଭବ ସୂର୍ଯ୍ୟବଂଶୀ- ୧୦ ଲକ୍ଷ
ପର୍ପଲ କ୍ୟାପ୍ ବିଜେତା - କାଗିସୋ ରବାଡା - ୧୦ ଲକ୍ଷ
ମୋଷ୍ଟ ଭ୍ୟାଲ୍ୟୁଏବଲ୍ ପ୍ଲେୟାର -ବୈଭବ ସୂର୍ଯ୍ୟବଂଶୀ- ୧୦ ଲକ୍ଷ
ଇମର୍ଜିଂ ପ୍ଲେୟାର ଅଫ ଦ ସିଜନ -ବୈଭବ ସୂର୍ଯ୍ୟବଂଶୀ- ୨୦ ଲକ୍ଷ

### କିଏ କେତେ ଥର ବିଜେତା

ଚେନ୍ନାଇ ସୁପର କିଙ୍ଗସ୍ - ୫ ଥର(୨୦୧୦, ୨୦୧୧, ୨୦୧୮, ୨୦୨୧, ୨୦୨୩)
ମୁମ୍ବାଇ ଇଣ୍ଡିଆନ୍ସ -୫ଥର(୨୦୧୩, ୨୦୧୫, ୨୦୧୭, ୨୦୧୯, ୨୦୨୦)
କୋଲକାତା ନାଇଟ୍ ରାଇଡର୍ସ -୩ ଥର (୨୦୧୨, ୨୦୧୪, ୨୦୨୪)
ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ -୨ ଥର (୨୦୨୫, ୨୦୨୬)
ସନରାଇଜର୍ସ ହାଇଦ୍ରାବାଦ -୧ ଥର(୨୦୧୬)
ରାଜସ୍ଥାନ ରୟାଲ୍ସ - ୧ ଥର(୨୦୦୮)
ଗୁଜରାଟ ଟାଇଟନ୍ସ -୧ ଥର(୨୦୨୨)
ଡେକାନ୍ ଚାର୍ଜର୍ସ -୧ ଥର(୨୦୦୯)

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ୍ ଲିଗ୍

# ୧୫ ବର୍ଷରୁ କମ୍ ବର୍ଗରେ ସହୀଦ ସ୍ପୋର୍ଟିଂ ବିଜେତା

ଭୁବନେଶ୍ୱର, ୩୧।୫(ସବ୍ୟୁ) : ବିଏମ୍ ହାଇସ୍କୁଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅଷ୍ଟମ ରାମେଶ୍ୱର କପ୍ ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ୍ ଲିଗରେ ସହୀଦ ସ୍ପୋର୍ଟିଂ କ୍ଲବ ଚାମ୍ପିଅନ ହୋଇଛି। ଫାଇନାଲରେ ସହୀଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମୁହାଁମୁହିଁ ହୋଇଥିଲେ। ସହୀଦ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୧୧ ରନ କରି ଅଲଆଉଟ୍ ହୋଇଥିଲା। ଅଧିନାୟକ ଋତୁରାଜ ମହାନ୍ତି ୨୮ ରନ କରିଥିଲେ। ଜବାବ୍‌ରେ ରାମେଶ୍ୱର ସ୍ପୋର୍ଟିଂ ୨୪.୨ ଓଭରରେ ୯୭ ରନ କରି ଅଲ ଆଉଟ୍ ହୋଇଥିଲା। ସାଇପ୍ରସାଦ ମିଶ୍ର ସର୍ବାଧିକ ୧୮ ରନ କରିଥିଲେ। ଋତୁରାଜ ମହାନ୍ତି ସର୍ବାଧିକ ୪ ୱିକେଟ୍ ଅକ୍ତିଆର କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଋତୁରାଜଙ୍କୁ ମ୍ୟାନ ଅଫ ଦ ଫାଇନାଲ, ହରିବଂଶ ଭୂୟାଁ ମ୍ୟାନ ଅଫ ଦ ସିରିଜ୍, ଲିୟୋନେଲ ମେହେର ଶ୍ରେଷ୍ଠ ବ୍ୟାଟର, ବିମଳଜ୍ୟୋତି ବେହେରା ଶ୍ରେଷ୍ଠ ବୋଲର, ଆଦିତ୍ୟ ଧଳ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଓଡିଶା



ରଣଜୀ ଦଳ କୋଚ୍ ପ୍ରଭଞ୍ଜନ ମଲ୍ଲିକ, ଉତ୍ତରାଖଣ୍ଡ ରଣଜୀ କୋଚ୍ ରଶ୍ମିରଞ୍ଜନ ପରିଡା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ଉପସଭାପତି ରାଧାନାଥ ମହାପାତ୍ର, ବିଏସ୍ଏନ୍ଏଲ୍ ଡିଜିଏମ୍ ଅରବିନ୍ଦ ପ୍ରସାଦ ବଳ, ସମାଜସେବୀ ଅକ୍ଷୟ ଜେନା ତଥା କ୍ଲବର ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, କୋଷାଧ୍ୟକ୍ଷ ବିଜୟ କୁମାର ରଥ, ରଜେଶ ମହାନ୍ତି, ନିର୍ମଳ ବିଶ୍ୱାଳ, ସଙ୍ଗଶ କୁମାର, ଗୌତମ ଗୋପାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମଡର୍ଣ୍ଣ ପେଣ୍ଟାଥଲନ ଓଡିଶା ଦଳର ଗୁଜରାଟ ଯାତ୍ରା



ଭୁବନେଶ୍ୱର, ୩୧।୫(ସବ୍ୟୁ) : ଗୁଜରାଟର ଅହମ୍ମଦାବାଦର ମଡର୍ଣ୍ଣ ପେଣ୍ଟାଥଲନ ବାଇଥୋ ଆଣ୍ଡ ଟ୍ରାଇଥୋ ୧୫ତମ ସଂସ୍କରଣ ଆରମ୍ଭ ହୋଇଛି। ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଓଡିଶା ଦଳ ଅଂଶଗ୍ରହଣ କରିବା ପାଇଁ ଅହମ୍ମଦାବାଦ ଯାତ୍ରା କରିଛି। ଆଗାମୀ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଜାରି ରହିବ। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ମହମ୍ମଦ ଆଜମ ଖେଳାଳିଙ୍କ ଯାତ୍ରା ସମୟରେ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ଓଡିଶା ଦଳର ଅଧିନାୟକ ମହମ୍ମଦ ଅମନ, ପ୍ରଣବ ଦାସ, ଅମୀୟ କୁମାର ପ୍ରଧାନ, ପ୍ରତିକ ଦାସ, ଆକାଶ ମିର୍ଧା, ରାୟଗୁରୁ ସୂର୍ଯ୍ୟାଂଶ ମହାପାତ୍ର, ସ୍ୱସ୍ତିକ ସିଂ, ଦେବଜିତ ପୁରୋହିତ, ଅରଭ ଚିଦାନନ୍ଦ ସ୍ୱାଇଁ, ସାଇପ୍ରତୀକ ବେହେରା, ଆୟୁଷମାନ ପ୍ରଧାନ, ଶ୍ରେୟାଂଶ ସାହୁ, ପୀୟୁଷ ଠାକୁର, ବେଦାଂଶ ଦେବପଣ୍ଡା, ନମ୍ରତା କର୍ଣ୍ଣାଲ, ସାବିତ୍ରୀ ଭୋକ୍ତା, ବସୁନ୍ଧରା ନାୟକ, ରଶ୍ମିବାଳା ଭଗର୍ତ୍ତୀ, ଇପ୍ସିତା ଦଳେଇ, ଏମ୍‌ଡି ଆଜମ୍(କୋଚ୍), ଚିଦାନନ୍ଦ ସ୍ୱାଇଁ, ବାସୁଦେବ ଓଝା, ଦେବାଶିଷ ପଣ୍ଡା ପ୍ରମୁଖ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଖେଳାଳିଙ୍କୁ ରାଜ୍ୟ କ୍ରୀଡା ବିଭାଗର ସମସ୍ତ ଅଧିକାରୀ ଶୁଭେଚ୍ଛା ଜଣାଇଛନ୍ତି।

# ସିଏମ ଟ୍ରଫି ଫୁଟବଲ : କେନ୍ଦୁଝର ଦଳର ସୁନ୍ଦରଗଡ଼ ଯାତ୍ରା

କେନ୍ଦୁଝର, ୩୧।୫(ସବ୍ୟୁ) : ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡିଶା ଏବଂ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତାକାଲି ଠାରୁ ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁଥିବା ୧୪ ବର୍ଷରୁ କମ ବାଳକ ଏବଂ ବାଳିକା ବିଭାଗ ସି ଏମ ଟ୍ରଫି ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତା ପାଇଁ ଗତକାଲି ରାତିରେ କେନ୍ଦୁଝର ଜିଲ୍ଲା ଦଳ ସୁନ୍ଦରଗଡ଼ ଯାତ୍ରା କରିଥିବାର ଜଣାଯାଇଛି। ଅଙ୍କିତ ବେହେରାଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ବାଳକ ବିଭାଗରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳୀ ମାନେ ହେଲେ ଆୟୁଷ ମହାକୁଡ଼, ଗୁମନ ଭୁଞ୍ଜି, ସୁବ୍ରତ ବେହେରା, କିଷାନ ସିଦ୍ଧୁ, ଆଶିଷ ନାଏକ, ରୋଶନ ନାଏକ, ସିଦ୍ଧୁ ମୁଣ୍ଡା, ଟିକେଶ୍ୱର ଗୋପ, ରୋଶନ ନାଏକ, ଓମପ୍ରକାଶ ମୁଣ୍ଡା, ଓମପ୍ରକାଶ ମାଝୀ, ଶୁଭମ ପ୍ରଧାନ, ମନୋଜ ଗାଗରାଇ, ସନିଆ ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ଡାକ୍ତର ମୁଣ୍ଡା, କ୍ରିଷ୍ଣା ମୁଣ୍ଡା, ପିଣ୍ଟୁ ନାଏକ ଏବଂ ଆକାଶ ଓଡିୟା। ଦଳ ସହ ମ୍ୟାନେଜର ଭାବେ ଜିନ୍ଦଲ ଫାଉଣ୍ଡେସନର ସୀତାରାମ ମୁଣ୍ଡା ଏବଂ କୋଚ ଭାବେ ଶଙ୍ଖ ମାରାଣ୍ଡି ଦଳ ସହ ଯାତ୍ରା କରିଛନ୍ତି। ସେହିପରି ପୂଜା ଓରାମଙ୍କ ନେତୃତ୍ୱରେ ୨୦ ଜଣିଆ କେନ୍ଦୁଝର ଜିଲ୍ଲା ବାଳିକା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳି ମାନେ ହେଲେ ଅନନ୍ୟା ଟୋପ୍ପୋ, ଇତିଶ୍ରୀ ନାଏକ, ପୂର୍ଣ୍ଣିମା ଲୋହାର, ସ୍ୱପ୍ନା ଭୂୟାଁ, ସୋନାଲି ଓରାମ, ସୁବର୍ଣ୍ଣିକା ଚମ୍ପିୟା, ଆୟୁଷ୍ମା ମାଝୀ, ନିହାରିକା ମୁଣ୍ଡା, ଗୀତା ମୁଣ୍ଡା,



ଶୀତଲ ମୁଣ୍ଡା, ପାର୍ବତୀ ମୁଣ୍ଡା, ସୁପ୍ରିୟା ମହାନ୍ତ, ଶ୍ରାବଣୀ ମହାନ୍ତ, ନିହାରିକା ମହାକୁଡ଼, ପ୍ରୀତି ମୁଣ୍ଡା, ଅର୍ଚ୍ଚିତା ବେହେରା, ସୋନାଲି ମହାନ୍ତ ଏବଂ ସଜନୀ ଲୋହାର। ଦଳ ସହ ମ୍ୟାନେଜର ଭାବେ ବଳରାମ ସିଦ୍ଧୁ ଓ କୋଚ ଭାବେ ଟାଟା ଷ୍ଟିଲ ଫାଉଣ୍ଡେସନର ରାନୀ କଳା ଦଳ ସହ ଯାତ୍ରା କରିଛନ୍ତି। କେନ୍ଦୁଝର ଦଳ ଆସନ୍ତାକାଲି ସକାଳେ ଉଦଘାଟନୀ ଖେଳରେ ସୁନ୍ଦରଗଡ଼ ଷ୍ଟାଡିୟମ ଠାରେ ବାଲେଶ୍ୱର ଜିଲ୍ଲାକୁ ଭେଟିବ ବୋଲି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଠାରୁ ପ୍ରକାଶ।

## ତମାଣ୍ଡୋ ଟେନିସ ପ୍ରିମିୟର ଲିଗ୍ କ୍ରିକେଟ୍

# ଶମ୍ଭୁ ୱାରିୟସ କାଶିପୁର ଚାମ୍ପିଅନ୍

ଭୁବନେଶ୍ୱର, ୩୧।୫ (ସବ୍ୟୁ) : ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଟେନିସ୍ ପ୍ରିମିୟର ଟୁର୍ଣ୍ଣାମେଣ୍ଟରେ ଆଜିର ଫାଇନାଲ ମ୍ୟାଚରେ ବାଲୁଙ୍କେଶ୍ୱର ୱାରିୟସ ତମାଣ୍ଡୋକୁ ୬୯ ରନ୍ ପରାସ୍ତକରି କାଶିପୁର ଶମ୍ଭୁ ୱାରିୟସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ଶମ୍ଭୁ ୱାରିୟସ ନିର୍ଦ୍ଧାରିତ ୧୫ ଓଭରରେ ୭ ବିକେଟ୍ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଗଣେଶ କୁମାର ସର୍ବାଧିକ ୪୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଦିପୁନା ବେହେରା ୩ ଓଭର ବୋଲିଂ କରି ୩ ଟି ୱିକେଟ ନେଇଥିଲେ। ୧୫୩ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ବାଲୁଙ୍କେଶ୍ୱର ୱାରିୟସ ଦଳ ୧୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୮୩ ରନ୍ କରିବାକୁ ସକ୍ଷମ ହୋଇଥିଲେ। ମ୍ୟାଚ୍ ଶେଷରେ ତମାଣ୍ଡୋ କ୍ରିକେଟ୍ କ୍ଲବ ସଭାପତି ଆଶିଷ କୁମାର ପଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅବିନାଶ ପଟନାୟକ, ସମ୍ମାନିତ ଅତିଥିଭାବେ ସମାଜସେବୀ ପ୍ରଭାତ କୁମାର ବେହେରା, କୁବେର ନେଷ୍ଟ ପ୍ରା.ଲିଃର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ତମାଣ୍ଡୋ କପ୍ ସହ ୨୫ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସଂପାଦକ ଅମୂଲ୍ୟ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଦୁର୍ଗା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍‌ରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦଯାପିତ



# କ୍ରୀଡା ପ୍ରଶାସକ ଅଶୋକ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୩୧।୫(ସବ୍ୟୁ) : ୟୁନିଟ୍ ୬ ହାଇସ୍କୁଲ ପଡିଆରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ୩୧ ତାରିଖରେ ଶେଷ ହୋଇଛି। ଏହି ଶିବିରରେ ୧୫ ବର୍ଷରୁ କମ୍ ବୟସ ବର୍ଗରେ ୭୦ ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ।

ଏହି ଶିବିରକୁ ଅଭିଜ୍ଞ କୋଚ୍ ତଥା ପୂର୍ବତନ ଫୁଟବଲମାନେ ପରିଚାଳନା କରିଥିଲେ। କୋଚ୍ ଭବାନୀଶଙ୍କର ମହାନ୍ତି, ରାଜେଶ ନାୟକ, କାର୍ତ୍ତିକ ଭୋଳ, ଦିବ୍ୟଜ୍ୟୋତି ସିଂ ଏବଂ ଅବଦୁଲ କରିମ ଖାନ୍ ପ୍ରମୁଖ ଶିବିରାର୍ଥୀଙ୍କୁ ଫୁଟବଲର କଳା କୌଶଳ ଶିଖାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ କ୍ରୀଡା ପ୍ରଶାସକ ଅଶୋକ କୁମାର ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶନିବାର ମଧ୍ୟମରାତ୍ରରେ ଅଶୋକ ମହାନ୍ତି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଶୋକ ସଭାରେ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଦୀଲ୍ଲିପ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର, ସୌର୍ଯ୍ୟରଞ୍ଜନ ପରିଜା, ଦିଲ୍ଲୀପ କୁମାର ରାଉତରାୟ, ମଧୁସୂଦନ ରେଡ୍ଡୀ, ପ୍ରଦୀପ କୁମାର ବଳିଆର ସିଂ ପ୍ରମୁଖ ଯୋଗ ଦେଇ ଅଶୋକ ମହାନ୍ତିଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ୨ ମିନିଟର ନିରବ ପ୍ରାର୍ଥନା କରିଥିଲେ।


**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


# ଜାତୀୟ ଜୁନିୟର କିକ୍‌ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୫(ସବ୍ୟୁ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପ୍ରାଙ୍ଗଣରେ ଜାତୀୟ ଜୁନିଅର କିକ୍‌ବକ୍ସିଂ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଛି। କ୍ରୀଡାପ୍ରେମ ଏକତା ଏବଂ ଉତ୍କର୍ଷତାର ପ୍ରତୀକ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ଚାମ୍ପିଅନସିପକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଛି। ୱାକୋ ଇଣ୍ଡିଆ ସଭାପତି ସନ୍ତୋଷ କୁମାର ଅଗ୍ରୱାଲ ଏବଂ ୱାକୋ ଓଡିଶା ସଭାପତି କାର୍ତ୍ତିକ ଡାକୁଆ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଅଲମ୍ପିକ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଜ୍ଜନ ଶର୍ମା, ସିଦ୍ଧାର୍ଥ ଶଙ୍କର ରାଉତ, ରିଙ୍କୁ ସାରଙ୍ଗୀ, ପ୍ରୀତିଶ ଦେଶାଇ, ନୀଳମଣି ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଜୁନ ୩ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଖେଳାଯିବ। ପଡ଼ିଆରୁ ପୋଡିୟମ ଲକ୍ଷ୍ୟ ନେଇ ଦେଶର ଶ୍ରେଷ୍ଠ କିକ୍‌ବକ୍ସିଂ ପ୍ରତିଭାଙ୍କୁ ଓଡ଼ିଶା ସ୍ୱାଗତ କରିଛି। ଦେଶର ୨୯ଟି ରାଜ୍ୟରୁ ୮୦୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ୭୦୦ ପ୍ରତିଯୋଗୀ ଅଛନ୍ତି। ୧୭ରୁ ୧୮ ବର୍ଷ ବୟସ ବର୍ଗର ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ମୋଟ ୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗୀଙ୍କ ବ୍ୟତୀତ ୪୮ ଜଣ ରେଫରୀ ଏବଂ ୮୦ ଜଣ ପ୍ରଶିକ୍ଷକ, ପରିଚାଳକ ଏବଂ ଅନ୍ୟାନ୍ୟ ବୈଷୟିକ ସହାୟକ ରହିଛନ୍ତି। ଓଡ଼ିଶାରେ କିକ୍‌ବକ୍ସିଂର ଅଭୂତପୂର୍ବ ବୃଦ୍ଧି ଘଟିଛି। ଆମର ଉତ୍ସର୍ଗୀକୃତ ଖେଳାଳିମାନେ ସର୍ବୋଚ୍ଚସ୍ତରରେ ପ୍ରଦର୍ଶନ କରିଛନ୍ତି। କ୍ରୀଡ଼ା ବିଭାଗର ସହାୟତାରେ ପ୍ରମୁଖ ଜାତୀୟ ଏବଂ ଅନ୍ତର୍ଜାତୀୟ କିକ୍‌ବକ୍ସିଂ ଖେଳରେ ଅଂଶଗ୍ରହଣ କରି ପଦକ ଜିତିବା ସହ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣିଛନ୍ତି।




## ସିଙ୍ଗାପୁର ଓପନ

# ସ୍ୱସ୍ତିକ -ଚିରାଗ ଡବଲ୍ସ ଚାମ୍ପିଅନ

ନୂଆଦିଲ୍ଲୀ, ୩୧।୫(ଏଜେନ୍ସି) : ଭାରତୀୟ ବ୍ୟାଡମିଣ୍ଟନ ଯୁଗଳ ସ୍ୱସ୍ତିକ ସାଇରାଜ ରଣକୀ ରେଡ୍ଡୀ ଓ ଚିରାଗ ସେଟୀଙ୍କ ଯୋଡି ସିଙ୍ଗାପୁର ଓପନ ବିଡବ୍ଲ୍ୟୁଏଫ୍ ବିଶ୍ୱ ଟୁର୍ ସୁପର ୭୦୦ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ଫାଇନାଲରେ ଭାରତୀୟ ଯୋଡି ଇଣ୍ଡୋନେସିଆର ଫଜର ଆଲଫିଆନ୍ ଓ ମହମ୍ମଦ ଫିକ୍ରୀଙ୍କ ଯୋଡିଙ୍କୁ ୧୮-୨୧, ୨୧-୧୭, ୨୧-୧୬ ଗେମ୍‌ରେ ପରାଜିତ କରିଥିଲେ। ଏହି ମ୍ୟାଚ ଜିତିବାପାଇଁ ଭାରତୀୟ ଯୋଡିକୁ ୧ ଘ.୧୩ ମିନିଟ୍ ସମୟ ଲାଗିଥିଲା। ଏହି ଭାରତୀୟ ଯୁଗଳ ତୃତୀୟ ଥର ପାଇଁ ସିଙ୍ଗାପୁର ଓପନ ଟାଇଟଲ ଜିତିଛନ୍ତି। ପୂର୍ବରୁ ୨୦୨୨ ଓ ୨୦୨୪ରେ ଦୁହେଁ ଚାମ୍ପିଅନ ହୋଇଥିଲେ।

## ♦ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିଅନସିପ୍ ♦

# ସ୍ୱସ୍ତିକ ବିଜେତା

ଭୁବନେଶ୍ୱର, ୩୧।୫(ସବ୍ୟୁ) : କେଶୁରା ସ୍ଥିତ ରୟାଲ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ୩୯ତମ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୧ ର ସ୍ୱସ୍ତିକ ତ୍ରିପାଠୀ ଚାମ୍ପିଅନ ହୋଇଛନ୍ତି। ସତ୍ୟମ ସ୍ୱରୂପ ସାହୁ ଦ୍ୱିତୀୟ, ସତଭିକ୍ ମହାନ୍ତି ତୃତୀୟ, ଦିବ୍ୟାଂଶ ନାୟକ ଚତୁର୍ଥ ଏବଂ ଆରିଷନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ୮,୧୦,୧୨,୧୪ ବର୍ଷରୁ କମ୍ ବର୍ଗ ତଥା ବାଳିକା ବର୍ଗରେ ଦୁଇଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍ ବ୍ୟତୀତ ୮ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।


ସମୟ
ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod
IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି